R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୧୧
ତିଥି: ଏକାଦଶୀ
୧୯ ଅଗଷ୍ଟ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 311
19 Aug 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଲଘୁଚାପ ବର୍ଷାରେ ବେହାଲ ମାଲକାନଗିରି



ମାଲକାନଗିରି, ୧୮।୮ (ସବ୍ୟୁ): ମାଲକାନଗିରି ଜିଲ୍ଲାରେ ଦୁଇ ଦିନ ହେଲା ପ୍ରବଳ ବୃଷ୍ଟିପାତ ଯୋଗୁଁ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ପ୍ରମୁଖ ରାସ୍ତା ଏବଂ ପୋଲ ବୁଡ଼ି ଯାଇଛି । ନଦୀ ନାଳରେ ଜଳ ପତ୍ତନ ବୃଦ୍ଧି ଯୋଗୁଁ ଗମନାଗମନ ବିଚ୍ଛିନ୍ନ ହୋଇ ବହୁ ଯାନବାହାନ ଗୁଡ଼ିକ ଉଭୟ ପାର୍ଶ୍ୱରେ ଅଟକି ରହିଛି । ପ୍ରବଳ ବର୍ଷାରେ ମାଲକାନଗିରି ବିମାନବନ୍ଦରର ପାଚେରି ଭାଙ୍ଗି ଯାଇଛି । ନିମ୍ନ ମାନର ନିର୍ମାଣ କାର୍ଯ୍ୟ ନେଇ ପୂର୍ବରୁ ଅଭିଯୋଗ ହୋଇଥିବା ବେଳେ ବିଗତ ଦିନରେ ମଧ୍ୟ ଅନେକ ଥର ଏହି ପାଚେରୀ ଭାଙ୍ଗି ମରାମତି ହୋଇଥିଲା । ପାଚେରୀ ଭୁଶୁଡ଼ି ଦୁଇ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା । ବିଗତ ଦିନରେ ମଧ୍ୟ ଅନେକ ଥର ଏହି ପାଚେରୀ ଭାଙ୍ଗି ମରାମତି ହୋଇଥିଲା । ପୁଣି ବର୍ଷା ଯୋଗୁଁ ପାଚେରି ଭାଙ୍ଗି ଯାଇଛି । ବାରମ୍ବାର ପାଚେରି ଭୁଶୁଡ଼ିବା ନିର୍ମାଣ କାର୍ଯ୍ୟର ସାଧୁତା ଉପରେ ପ୍ରଶ୍ନ ଉଠିଛି ।

ପ୍ରବଳ ବର୍ଷା ଯୋଗୁଁ ପଡ଼ୋଶୀ ରାଜ୍ୟ ଗୁଡ଼ିକ ସହିତ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଛି । ଜାତୀୟ ରାଜପଥ-୩୨୬, ଯାହା ମାଲକାନଗିରିକୁ ମୋଟୁ ଏବଂ ଅନ୍ୟାନ୍ୟ ରାଜ୍ୟଗୁଡ଼ିକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ଗୁରୁତର ଭାବରେ ପ୍ରଭାବିତ ହୋଇଛି । ପ୍ରମୁଖ ପୋଲ ଉପରେ ବନ୍ୟା ଜଳ ୫-୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହା ଜାତୀୟ ରାଜପଥ-୩୨୬ ଏବଂ ଅନ୍ୟାନ୍ୟ ପ୍ରମୁଖ ରାସ୍ତାଗୁଡ଼ିକରେ ଯାତାୟାତକୁ ଏକପ୍ରକାର ବନ୍ଦ କରି ଦେଇଛି । ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣ ଜାରି କରିବା ଫଳରେ ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନ ଓ ଅଙ୍ଗନ ବାଡି କେନ୍ଦ୍ର ଗୁଡିକ ବନ୍ଦ କରାଯାଇଛି । ପ୍ରବଳ ବର୍ଷା ଯୋଗୁଁ, ମାଲକାନଗିରିକୁ ମୋଟୁ ସହିତ ସଂଯୋଗ କରୁଥିବା ଜାତୀୟ ରାଜପଥ ୩୨୬ର କାଙ୍ଗୁରକୋଣ୍ଡା

- ବିମାନବନ୍ଦର ପାଚେରି ଭାଙ୍ଗିଲା
- ରାସ୍ତା ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ
- ପାଣିଘେରରେ ବହୁ ଗାଁ

ସେତୁ ଓ ପଟେରୁ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି । ସେତୁଟି ସମ୍ପୂର୍ଣ୍ଣ ବନ୍ୟା ପାଣିରେ ବୁଡ଼ି ରହିଛି, ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କାଙ୍ଗୁରକୋଣ୍ଡା, ଏମଭି- ୯୦ ଏବଂ କନ୍ୟା ଆଶ୍ରମ ସେତୁ ଉପରେ ପାଣି ପ୍ରବାହିତ ହେଉଛି । ସେତୁ ଉପରେ ୨-୩ ଫୁଟ ପାଣି ପ୍ରବାହିତ ଯୋଗୁଁ ଯାନବାହାନ ଚଳାଚଳ ସ୍ଥଗିତ ରହିଛି ।

ଏହି ସମୟରେ ଲୋକମାନଙ୍କୁ ସେତୁ ପାର ନ ହେବା ପାଇଁ କାଲିମେଲା ପୋଲିସ ସତର୍କ କରାଉଛି । ପ୍ରଶାସନ ସେତୁର ଉଭୟ ପାର୍ଶ୍ୱରେ ବ୍ୟାରିକେଟିଂ କରି ସମସ୍ତ ଯାତାୟାତ ବନ୍ଦ କରି ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଇଛି। ଫଳସ୍ୱରୂପ, ଏହି ପଥ ଦେଇ ଚଳାଚଳ କରୁଥିବା ଅନେକ ସରକାରୀ ଏବଂ (୯ ପୃଷ୍ଠାରେ)

### ଗୋପାଳପୁର ଅତିକ୍ରମ କରିବ ଅବପାତ

## ଆଜିଠୁ କମିବ ବର୍ଷା

ଭୁବନେଶ୍ୱର, ୧୮।୮ (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସ୍ୱଷ୍ଟ ଚିହ୍ନିତ ଲଘୁଚାପ ଅବପାତ ରୂପ ନେଇଛି । ଏହା ପ୍ରଭାବରେ ଗତ ଦୁଇଦିନ ଧରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରିରେ ସର୍ବାଧିକ ୧୦୮ ମିମି ହୋଇଥିବା ବେଳେ ଖୋର୍ଦ୍ଧାରେ ୫୦ ମିମି ବର୍ଷା ରେକର୍ଡ ହୋଇଛି । ତେବେ ଆସନ୍ତାକାଲି(ମଙ୍ଗଳବାର) ଠାରୁ ବର୍ଷାର ପରିମାଣ କମିବ ।

ପାଣିପାଗ ବିଭାଗର କହିବାନୁସାରେ, ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳସ୍ଥ ସମୁଦ୍ର ମଧ୍ୟରେ ଏକ ଅବପାତରେ ପରିଣତ ହୋଇଛି । ଏହା ସାଢ଼େ ୫ଟା ସୁଦ୍ଧା ଆନ୍ଧ୍ରପ୍ରଦେଶର ଉତ୍ତର ପୂର୍ବର କଳିଙ୍ଗପଟନମ୍ ଠାରୁ ୧୧୦ କିମି ଓ ଗୋପାଳପୁର ଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୪୦କିମି ଦୂରରେ କେନ୍ଦ୍ରୀଭୂତ ରହିଥିଲା । ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ମଙ୍ଗଳବାର ଅପରାହ୍ନ ସୁଦ୍ଧା ଦକ୍ଷିଣ ଓଡ଼ିଶା ଉପକୂଳ ଠାରୁ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ଅତିକ୍ରମ କରିବ । ଫଳରେ ରାଜ୍ୟରେ ବର୍ଷା କମିବ ।

ଅବପାତ ପଭାବରେ ଦକ୍ଷିଣରେ ହୋଇଥିବା ବର୍ଷା ଯୋଗୁ ନିଅଣ୍ଟିଆ ବର୍ଷା ଭରଣା କରିବ । ତେବେ ଆଗକୁ ସେମିତି ବଡ଼ ବର୍ଷା ନଥିଲେ ମଧ୍ୟ ମୌସୁମୀ ସକ୍ରୀୟ ଥିବାରୁ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୧୯ ତାରିଖରେ ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗୀର ଓ ରାୟଗଡ଼ା ଆଦି ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ପ୍ରବଳ (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ଦେଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ



ଭୁବନେଶ୍ୱର, ୧୮।୮ (ସବ୍ୟୁ): ଷଷ୍ଠ ରାଜ୍ୟ ଅର୍ଥ କମିଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । କମିଶନର ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିଶନର ଅନ୍ୟ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଛନ୍ତି । କମିଶନଙ୍କ ବିଭିନ୍ନ ସୁପାରିଶ ସମ୍ପର୍କରେ ଆଲୋକପାତ କରିଥିଲେ ।

ଲୋକସେବା ଭବନରେ ଆଜି ଷଷ୍ଠ ରାଜ୍ୟ ଅର୍ଥ କମିଶନ ସରକାରଙ୍କୁ ଏକ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । ଯାହାକି ଷୋଡ଼ଶ ଅର୍ଥ କମିଶନଙ୍କ ବିଚାର ନିମନ୍ତେ ପ୍ରେରଣ କରାଯିବ । ତଥାପି କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଆହୁରି ଗଭୀର ଭାବରେ ଅନୁଧ୍ୟାନ କରିବେ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବେ । ଅଧ୍ୟକ୍ଷ ଡ. ପଣ୍ଡାଙ୍କ ସହିତ କମିଶନ ସଦସ୍ୟ ପ୍ରଫେସର (୯ ପୃଷ୍ଠାରେ)

## ସେପ୍ଟେମ୍ବରରୁ ଓଡ଼ିଶାରେ ଏସ୍‌ଆଇଆର



ଭୁବନେଶ୍ୱର, ୧୮।୮ (ସବ୍ୟୁ) : ଓଡ଼ିଶାରେ ସେପ୍ଟେମ୍ବରରୁ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର) ଆରମ୍ଭ ହେବ । ୨୪ ବର୍ଷ ପରେ ଭୋଟର ତାଲିକାର ସଂଶୋଧନ କରାଯିବ । ୨୦୦୨ରେ ଶେଷ ଥର ଲାଗି ଭୋଟର ତାଲିକା ସଂଶୋଧନ ହୋଇଥିଲା । ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଥିବା ଏସ୍‌ଆଇଆର୍ ପ୍ରକ୍ରିୟା ପରେ ଆସନ୍ତାବର୍ଷ ଜାନୁଆରୀରେ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ଆର୍ ଗୋପାଳନ୍ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ବିହାରରେ ଚାଲିଥିବା ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ଏବେ ବିରୋଧୀ ସଦସ୍ୟମାନେ ବିରୋଧ ଜାରି ରଖିଛନ୍ତି । ଏସବୁ ସତ୍ତ୍ୱେ ବି ନିର୍ବାଚନ କମିଶନ ସମଗ୍ର ଦେଶରେ ଏସ୍‌ଆଇଆର କରିବାକୁ ଯୋଜନା ଆରମ୍ଭ କରୁଛନ୍ତି । ଏହି କ୍ରମରେ ଓଡ଼ିଶାରେ ସପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି । ବିରୋଧୀ ଦଳ ପକ୍ଷରୁ ଭୋଟ୍ ଚୋରୀ ଓ ଏପିକ୍ ନମ୍ବର ନେଇ ଆସିଥିବା ଅଭିଯୋଗ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ ମତ ରଖିଛନ୍ତି । ଅଭିଯୋଗକୁ ଖଣ୍ଡନ କରିବା ସହ ସେ କହିଛନ୍ତି ଯେ ଓଡ଼ିଶାର ୭୦୦୦ ଏପିକ୍ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି । ଏଥିରୁ କେବଳ ୫୦୦୦ ଏପିକ୍ ନମ୍ବର ବାଙ୍ଗୀରେ ଥିଲା । ଯାହା ଗୁଜରାଟ ଭୋଟରଙ୍କ ସହ ମିଶୁଥିଲା । ଏହାକୁ ବଦଳାଯାଇ ନୂଆ କାର୍ଡ ଦିଆଯାଇଛି । ବାକି

**୨୩ ବର୍ଷ ପରେ ଆରମ୍ଭ ହେବ ପ୍ରକ୍ରିୟା**

**୨୦୨୬ ଜାନୁଆରୀ ୭ରେ ଚୂଡାନ୍ତ ଭୋଟର ତାଲିକା**

୨୦୦୦ ଏପିକ୍ ନମ୍ବର କର୍ଣ୍ଣାଟକ, ଝାଡଖଣ୍ଡ, ପଶ୍ଚିମବଙ୍ଗ ସହ ମିଶୁଥିଲା । ଏପିକ୍ ନମ୍ବର କେବଳ ଭୋଟ୍ ପରିଚୟପତ୍ର ଚିହ୍ନଟ ପାଇଁ ଦିଆଯାଇଛି । ଏପିକ୍ ନମ୍ବରରେ କେହି ଭୋଟ୍ ଦେଇପାରିବେ ନାହିଁ । ବର୍ତ୍ତମାନ ସ୍ୱତନ୍ତ୍ର ଏପିକ୍ ନମ୍ବର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ । ବିଧାନସଭା ଓ ଲୋକସଭାରେ ଭୋଟିଂ ବ୍ୟବଧାନ ନେଇ ବିଜେଡି ଆଣିଥିବା ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ବିଧାୟକଙ୍କୁ ଭୋଟ୍ ଦେଇଥିବା ଭୋଟର ସାଂସଦଙ୍କୁ ଭୋଟ୍ ଦେଇନାହାନ୍ତି । ଯେଉଁଥିପାଇଁ ଲୋକସଭା ଓ ବିଧାନସଭା ଭୋଟିଂରେ ତାରତମ୍ୟ ମିଳୁଛି । ଭୋଟ୍ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ୍ ହାର ଥାଏ । ତେବେ ଫୋନ୍ (୯ ପୃଷ୍ଠାରେ)

## ସୁସ୍ଥ ହେଉଛନ୍ତି ନବୀନ



ଭୁବନେଶ୍ୱର, ୧୮।୮ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହେଉଛନ୍ତି । ସୋମବାର ଅପରାହ୍ନରେ ତାଙ୍କୁ ସମ୍ ଅଲ୍ଟିମେଟ୍ର ମେଡିକେୟାର ଅବଜରଭେସନ୍ ରୁମ୍‌ରୁ କ୍ୟାବିନ୍‌କୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ ପକ୍ଷରୁ ଜାରି ବୁଲେଟିନ୍‌ରେ କୁହାଯାଇଛି ।

ସୂଚନାଯୋଗ୍ୟ ଗତ ରବିବାର ଅପରାହ୍ନରେ ଡି-ହାଇଡ୍ରେସନ୍ ଯୋଗୁ ନବୀନ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ଚିକିତ୍ସା ଜାରି ରହିଛି, ଏବେ ସେ ସତେଜ ଅନୁଭବ କରୁଛନ୍ତି ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି । ଡକ୍ଟର ଆଲୋକ ପାଣିଗ୍ରାହୀ ତାଙ୍କର ଚିକିତ୍ସା କରୁଛନ୍ତି । ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ମଧ୍ୟ ବିଜେଡି କର୍ମୀମାନେ ବିଭିନ୍ନ ସ୍ଥାନରେ ଦୀପଦାନ କରିଛନ୍ତି ।

## ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ



ଅନୁଗୁଳ, ୧୮।୮ (ସବ୍ୟୁ) : ଭିଜିଲାନ୍ସ ଜାଲରେ ଅନୁଗୁଳ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା । ଅନୁଗୁଳ,ଭୁବନେଶ୍ୱର, ରାଉରକେଲା, ସୁନ୍ଦରଗଡ଼ ଓ ଗଞ୍ଜାମରେ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଜାରି ରହିଛି । ଆୟବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ସ୍ୱତନ୍ତ୍ର ବିଚାରପତି, ସୁନ୍ଦରଗଡ଼, ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଉଛି । ଏଥିରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ଅଛନ୍ତି ।

### ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣା

## ୩ଦିନିଆ ରିମାଣ୍ଡରେ ଗଲେ ଏଚ୍‌ଓଡି ସମୀର ସାହୁ

ବାଲେଶ୍ୱର, ୧୮।୮ (ସବ୍ୟୁ) : ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଇଡ୍ ୨ୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଗିରଫ ହୋଇ ଜେଲ୍‌ରେ ଥିବା ଏଚ୍‌ଓଡ଼ି ସମୀର କୁମାର ସାହୁ, ଅଧ୍ୟକ୍ଷ ଦୀଲ୍ଲୀପ କୁମାର ଘୋଷ ଓ ଛାତ୍ରନେତା ଜେଯାତିରଂଜନ ବିଶ୍ୱାଳ, ଶୁଭ୍ର ସମ୍ବିତ ନାୟକଙ୍କ ମଧ୍ୟରୁ ସୋମବାର ଦିନ କ୍ରାଇମ୍ ବ୍ରାଞ୍ଚ ଏଚ୍‌ଓଡି ସମୀର କୁମାର ସାହୁଙ୍କୁ ପଚରା ଉଚରା ନିମନ୍ତେ ୩ଦିନିଆ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି । ଜିଲ୍ଲା ଦୌରା ଜଜ ଏହି ରିମାଣ୍ଡ ଆବେଦନକୁ ମଞ୍ଜୁର କରିଛନ୍ତି । ପଚରା ଉଚରା ସମୟରେ ଏଚ୍‌ଓଡି ସମୀର କୁମାର ସାହୁଙ୍କ ଠାରୁ ଅଧିକ କିଛି ତଥ୍ୟ କାଢିବ ବୋଲି କ୍ରାଇମବ୍ରାଞ୍ଚ ଆଶା ରଖିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ସୌମ୍ୟାଶ୍ରୀ ବିଶି ଗତ ଜୁଲାଇ ମାସ ୧୨ ତାରିଖ ଦିନ ନିଜ ଦେହରେ ନିଆଁ ଲଗାଇ କଲେଜ ପରିସରରେ ଆତ୍ମଦାହ ଉଦ୍ୟମ କରିବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରସ୍ଥିତ ଏମ୍ସକୁ ନିଆଯାଇ ସେଠାରେ ଚିକିତ୍ସାଧିନ ଥିବା ଅବସ୍ଥାରେ ୧୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ସୌମ୍ୟାଶ୍ରୀଙ୍କ (୯ ପୃଷ୍ଠାରେ)

### ସଂସଦୀୟ ଗଣତନ୍ତ୍ରରେ ହେବ ପ୍ରଥମ ଘଟଣା

## ମୁଖ୍ୟ ନିର୍ବାଚନ କମିଶନଙ୍କ ବିରୋଧରେ ବିରୋଧୀ ଆଣିବେ ମହାଅଭିଯୋଗ !






ନୂଆଦିଲ୍ଲୀ, ୧୮।୮ : ବିରୋଧୀ ଦଳ ଓ ନିର୍ବାଚନ କମିଶନ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଗତକାଲି ସାମ୍ବାଦିକ ସମ୍ମିଳନୀ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ନାମ ନ ନେଇ ୭ ଦିନିଆ ବିକଳ୍ପ ଦେବା ଘଟଣାକୁ ନେଇ ବିରୋଧୀ ସାଂସଦମାନେ କ୍ଷୁବ୍ଧ ହୋଇଛନ୍ତି । ତାଙ୍କ ବିରୋଧରେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆଣିବାକୁ ବିରୋଧୀ ସାଂସଦମାନେ ସଜବାଜ ହେଉଥିବା ସୂଚନା ମିଳିଛି ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ସଂସଦଭବନ ପରିସରରେ ଇଣ୍ଡିଆ ବ୍ଲକ୍ ସାଂସଦମାନଙ୍କର ବୈଠକ ହୋଇଥିଲା । ମୁଖ୍ୟ ନିର୍ବାଚନ କମିଶନଙ୍କୁ ଅପସାରଣ ପାଇଁ ସେମାନେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆଣିବେ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି । ଯେଉଁଭଳି ଭାବରେ ସୁପ୍ରିମ୍‌କୋର୍ଟରେ ଜଜ୍‌ଙ୍କ ଅପସାରଣ ପାଇଁ ମହାଅଭିଯୋଗ ପ୍ରସ୍ତାବ ଆସେ ସେହି ଢ଼ଙ୍ଗରେ ଏହି ପ୍ରସ୍ତାବ ଆସିବ । ସଂସଦର ଉଭୟ ଗୃହର ଦୁଇ ତୃତୀୟାଂଶ ସଭ୍ୟ ପ୍ରସ୍ତାବକୁ ସମର୍ଥନ କଲେ ଏହା ପାରିତ ହେବ । ଫଳରେ ନିର୍ବାଚନ କମିଶନଙ୍କୁ ତାଙ୍କ ପଦବୀରୁ (୯ ପୃଷ୍ଠାରେ)

## ଦିଲ୍ଲୀ ଗଲେ ମନମୋହନ

### ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ବଢ଼ିଲା




ଭୁବନେଶ୍ୱର, ୧୮।୮ (ସବ୍ୟୁ) : ରାଜ୍ୟରେ ବିଜେପି ସରକାର ଗଠନ ହେବା ବର୍ଷେରୁ ଅଧିକ ହେଲାଣି । ମାତ୍ର ଏ ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ବିଭିନ୍ନ ନିଗମ ଓ ବୋର୍ଡରେ ରାଜନୈତିକ ବ୍ୟକ୍ତିମାନଙ୍କୁ ଥଇଥାନ କରାଯାଇପାରିନାହିଁ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କର ନୂଆଦିଲ୍ଲୀ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି । ପୂର୍ବରୁ ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଏକାଠି ଦିଲ୍ଲୀ ଗସ୍ତ କରିଥିଲେ । ଦିଲ୍ଲୀରେ ସେମାନେ ଦଳୀୟ ନେତୃବୃନ୍ଦଙ୍କୁ ଭେଟି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ବୋର୍ଡ ନିଯୁକ୍ତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଥିଲା । ମାତ୍ର କାର୍ଯ୍ୟରେ ସେଭଳି କିଛି ଦେଖିବାକୁ ମିଳିଲାନି ।


ଆସନ୍ତାକାଲି ନୂଆଦିଲ୍ଲୀରେ ଏନ୍‌ଡିଏ ସାଂସଦମାନଙ୍କର ବୈଠକ ରହିଛି । ଏଥିରେ ଉପ-ରାଷ୍ଟ୍ରପତି ନିର୍ବାଚନ ଲାଗି ଏନ୍‌ଡିଏର ସମସ୍ତ ସହଯୋଗୀ ଦଳକୁ ନିମନ୍ତ୍ରଣ କରାଯାଇଛି । ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଆସିବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ସାମଲଙ୍କ ଦିଲ୍ଲୀ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଆସନ୍ତାକାଲି ବୈଠକରେ ହୁଏତ ସେ ଯୋଗଦେଇପାରନ୍ତି । ଶ୍ରୀ ସାମଲଙ୍କ ଦିଲ୍ଲୀ ଗସ୍ତ କ୍ରମରେ ଓଡ଼ିଶାର ସାଂସଦମାନଙ୍କ ସହ ମଧ୍ୟ ବୈଠକ କରିବାର ଅଛି । ପୂର୍ବରୁ ବିଜେପି ସାଂସଦମାନଙ୍କର ଦୁଇ ଦୁଇ ଥର ବୈଠକ ଶେଷ (୯ ପୃଷ୍ଠାରେ)

# ବଢୁଛି ମସ୍ତିଷ୍କ

ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ ମଣିଷଙ୍କ ମସ୍ତିଷ୍କ ବଢିବାରେ ଲାଗିଛି । ଏହା ଗବେଷଣାରେ ମିଳିଥିବା ତଥ୍ୟା ଅନୁସାରେ ୧୯୩୦ରେ ଜନ୍ମ ନେଇଥିବା ବ୍ୟକ୍ତି ଓ ୧୯୭୦ରେ ଜନ୍ମନେଇଥିବା ବ୍ୟକ୍ତିଙ୍କ ମସ୍ତିଷ୍କର ଆକାର ଭିତରେ ଫରକ ଦେଖିବାକୁ ମିଳୁଛି । ମସ୍ତିଷ୍କର ଭଲ୍ୟୁମ, ସରଫେସ୍ ଏରିଆ (ଭୂପୃଷ୍ଠ କ୍ଷେତ୍ର). ଆକାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ହେଲ୍‌ଥ ରିସର୍ଚ୍ଚର ୟୁସି ଡାଭିସଙ୍କ ଅନୁସାରେ ଏହି ପରିବର୍ତ୍ତନ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିଛି । ତେବେ ପୂର୍ବରୁ ମସ୍ତିଷ୍କ କମୁଥିବାର ତଥ୍ୟ ମିଳିଥିଲା, ହେଲେ ବର୍ତ୍ତମାନର ତଥ୍ୟ ଅନୁସାରେ ମସ୍ତିଷ୍କ ବଢୁଛି । ଏହା ଡିମ୍‌ନେସିଆ ରୋଗୀଙ୍କ ପାଇଁ ବେଶ ଉପକାରୀ ସାବସ୍ତ୍ୟ ହେଉଥିବା ଜଣା ପଡିଛି । ୧୯୭୦ ପରେ କମ ଡିମନେସିଆ ରୋଗୀ ଦେଖିବାକୁ ମିଳୁଥିବା ଜଣା ପଡିଛି । ଏହି ପରୀକ୍ଷଣ କରିବା ସମୟରେ ବୈଜ୍ଞାନିକଙ୍କୁ ଖୁବ ସମସ୍ୟା ମଧ୍ୟ ହୋଇଛି । ସେମାନେ ଯେଉଁମାନେ ୧୯୩୦-୧୯୭୦ ଭିତରେ ଜନ୍ମ ହୋଇଥିବା ଲୋକଙ୍କ ମଧ୍ୟରେ ଏକ ସବ୍‌ଗ୍ରୁପ ବାହାର କରିବାକୁ ପଡିଥିଲା ଯେଉଁମାନଙ୍କର ବ୍ରେନ୍ ମ୍ୟାପିଂ ୪୫ ରୁ ୭୪ ବର୍ଷ ଭିତରେ ହୋଇଥିବ । ଏହାପରେ ସେମାନେ ନିଜର ଗବେଷଣା ଆରମ୍ଭ କରିଥିବା ଜଣା ପଡିଛି ।



## ସୋସିଆଲ କୋଟ୍ସ



"ଶୋଲେ ଫିଲ୍ମ ଭାରତୀୟ ସିନେମାର ଏକମାତ୍ର ପରିଚୟ କହିଲେ ଭୁଲ ହେବ । ହେଲେ ଏହି ଫିଲ୍ମ ଏଭଳି ଏକ ତାଲିକାରେ ଅଛି, ଯେଉଁ ଫିଲ୍ମକୁ ସମସ୍ତେ ଖୁବ ଭଲପାଇବା ଦେଇଛନ୍ତି ।

ଜାବେଦ ଅଖତର, ଫିଲ୍ମମେକର



"ଦ୍ୱିତୀୟ ଥର ବାପା ହେବା ପରେ ଖୁବ ଖୁସି ଅଛି । ମୋ ଘରକୁ ଲକ୍ଷ୍ମୀ ଆସିଛନ୍ତି । ଝିଅର ବାପା ହୋଇ ଖୁବ ଗର୍ବିତ ।

ନକୁଳ ମେହରା, ଅଭିନେତା



"ପରିଙ୍କୁ ପାଖରେ ରଖିବାକୁ ଚାହୁଁଛି ସବୁବେଳେ । ସେ ସବୁବେଳେ ମୋ ହୃଦୟରେ ରହିବେ, ସେଥିପାଇଁ ଟାଟୁ କରିଛି ।

ପରାଗ ତ୍ୟାଗୀ, ଅଭିନେତା

# ବିଶ୍ୱ ଫଟୋଗ୍ରାଫି ଦିବସ



ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ଫଟୋଗ୍ରାଫି ଦିବସ ରୂପେ ପାଳନ କରାଯାଏ । ବିଶ୍ୱବ୍ୟାପୀ କୋଣ ଅନୁକୋଣରେ ଥିବା ଫଟୋଗ୍ରାଫରମାନଙ୍କୁ ଅନୁପ୍ରେରିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ । ଫ୍ରେଞ୍ଚ୍‌ର ଲୁଇସ୍ ଡଗ୍ୟୁରେ ଏବଂ ଜୋସେଫ୍ ନାଇସ୍‌ଫୋର୍ ନାଇସ୍ପ ୧୮୩୭ ମସିହାରେ ଡଗ୍ୟୁରେଟାଇପ୍ ନାମକ ଏକ ଫଟୋଗ୍ରାଫିକ୍ ପ୍ରୋସେସ୍ ବିକଶିତ କରିଥିଲେ । ଏହାର ଉଦ୍ଭାବନକୁ ମନେ ରଖିବା ପାଇଁ ପ୍ରତିବର୍ଷ ଏହି ଦିନ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୁଏ । ୧୮୩୯ ମସିହା ଜାନୁଆରୀ ୯ରେ ଫ୍ରେଞ୍ଚ୍‌ର ସାଇନ୍ସ ଏକାଡେମୀ ପକ୍ଷରୁ ଏହି ପ୍ରୋସେସ୍ ସମ୍ବନ୍ଧରେ ଘୋଷଣା କରାଯାଇଥିଲା । ତେବେ ଅଗଷ୍ଟ ୧୯ରେ ଫ୍ରେଞ୍ଚ୍ ସରକାର ଏହାର ପେଟେଣ୍ଟ୍‌କୁ କିଣିବା ସହିତ ଏହାକୁ ସମଗ୍ର ବିଶ୍ୱ ପାଇଁ ଦେୟମୁକ୍ତ କରିଦେଇଥିଲେ । ୧୮୬୧ ମସିହାରେ ଥୋମାସ୍ ସୁଟନ୍ ନାମକ ଜଣେ ବ୍ୟକ୍ତି ପ୍ରଥମ ସ୍ଥାୟୀ ରଙ୍ଗୀନ ଫଟୋଗ୍ରାଫ୍ ଉଠାଇଥିଲେ । ୨୦୧୦ ମସିହା ଅଗଷ୍ଟ ୧୯ରେ ବିଶ୍ୱ ଫଟୋଗ୍ରାଫୀ ଦିବସ ଏହାର ପ୍ରଥମ ବୈଷୟିକ ଗ୍ୟାଲେରୀ ସମ୍ବନ୍ଧରେ ଘୋଷଣା କରିଥିଲା । ଯେଉଁଥିରେ ପ୍ରାୟ ୨୭୦ଟି ଫଟୋଗ୍ରାଫର ସେମାନଙ୍କର ଫଟୋ ସେୟାର କରିଥିଲେ ।

୧୬୬୨- ଫ୍ରାନ୍ସର ଗଣିତଜ୍ଞ, ଲେଖକ ଏବଂ କାଲ୍‌କୁଲେଟର ମେସିନର ଆବିଷ୍କାରକ ବ୍ଲେଜ୍ ପାସ୍କଲଙ୍କ ପରଲୋକ ।
୧୮୮୭- ଭାରତର କ୍ରାନ୍ତିକାରୀ ନେତା ଏସ୍ ସତ୍ୟମୂର୍ତ୍ତିଙ୍କ ଜନ୍ମ ।
୧୮୯୧- ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ, କବି, ଲେଖକ, ବ୍ୟଙ୍ଗକାର ଏବଂ ପତ୍ରକାର ହରିଶଙ୍କର ଶର୍ମାଙ୍କ ଜନ୍ମ ।
୧୯୦୮- ପଦ୍ମଭୂଷଣ ସମ୍ମାନିତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟକ ଅବଦୁଲ ରାଶିଦ୍ ଖାନ୍‌ଙ୍କ ଜନ୍ମ ।
୧୯୧୮- ଭାରତର ନବମ ରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମାଙ୍କ ଜନ୍ମ ।
୧୯୪୬- ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ଜନ୍ମ ।
୧୯୪୯- ଭୁବନେଶ୍ୱର ଓଡିଶାର ରାଜଧାନୀ ହେଲା ।
୧୯୬୦- ସ୍ପୁଟନିକ୍ ୫ ମହାକାଶଯାନରେ ୨ଟି କୁକୁର ଏବଂ ୩ଟି ମୂଷାକୁ ମହାକାଶ ପଠାଗଲା ।
୧୯୬୬- ତୁର୍କୀ ଭୂକମ୍ପରେ ୨୪୦୦ ଲୋକଙ୍କ ମୃତ୍ୟୁ ।
୧୯୭୩- ଫ୍ରାନ୍ସ ଦ୍ୱାରା ପରମାଣୁ ପରୀକ୍ଷଣ ।
୧୯୭୮- ଇରାନ୍ ଥିଏଟର ଅଗ୍ନିକାଣ୍ଡରେ ୪୨୨ ଲୋକଙ୍କ ମୃତ୍ୟୁ ।
୨୦୦୪- ବିଶ୍ୱର ସର୍ବବୃହତ୍ ଇଣ୍ଟରନେଟ୍ କମ୍ପାନୀ ଗୁଗଲ୍ ଶେୟାର ବଜାରକୁ ଓହ୍ଲାଇଲା ।

# ମେନୋପଜ୍ ଡାଏଟ୍

**ମେନୋପଜ୍ ସମସ୍ୟା ମହିଳାଙ୍କର ଋତୁଚକ୍ର ସରିବା ସମୟରେ ଦେଖିବାକୁ ମିଳିଥାଏ । ଏହି ସମୟରେ ମହିଳାଙ୍କର ଅନେକ ପ୍ରକାର ଲକ୍ଷଣ ଯେପରି ନିଦ ନହେବା, ଅତ୍ୟଧୀକ ରକ୍ତସ୍ରାବ, ମନ ପରିବର୍ତ୍ତନ, ହଠାତ୍ ଶରୀରର ଉପରି ଭାଗରେ ଗରମ ଲାଗିବା । ସାଧାରଣତଃ ଏହି ସମସ୍ୟା ମହିଳାଙ୍କ ନିକଟରେ ୪୦ରୁ ୫୦ ବର୍ଷରେ ଦେଖିବାକୁ ମିଳିଥାଏ । ଯଦି ଏଭଳି ସମସ୍ୟା ଦେଖୁଛନ୍ତି, ତାହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ତେବେ ଏଭଳି କିଛି ଡାଏଟ୍ ରହିଛି ଯାହାକୁ ଫଲୋ କରିବା ଦ୍ୱାରା ଏହି ସମସ୍ୟାରୁ କେତେକାଂଶରେ ଉପଶମ ମିଳିବ । ଏଥିରେ ସବୁଠାରୁ ଆଗରେ ରହିଛି ଟି-ଡାଏଟ୍ ।**



**ବ୍ଲାକ୍ କୋହୋସା ଟି-** ବ୍ଲାକ୍ କୋହୋସାରେ ଥିବା ଏଷ୍ଟ୍ରୋଜେନ୍ ମେନୋପଜ୍ ପାଇଁ ଖୁବ ଉପକାରୀ ହୋଇଥାଏ ।ଏହି ସମୟରେ ଶରୀରରେ ଦେଖିବାକୁ ମିଳୁଥିବା ହର୍ମୋନାଲ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବାରେ ଏହା ସହାୟକ ହୋଇଥାଏ । ଯଦି ଚା ପିଇବାର ଅଭ୍ୟାସ ରହିଛି, ତେବେ ବ୍ଲାକ୍ କୋହୋସା ଟିକୁ ଏଥିରେ ସାମିଲ କରନ୍ତୁ ।

**ରେଡ୍ କ୍ଲୋଭର ଟି-** ରେଡ୍ କ୍ଲୋଭର ଟିରେ ଇସୋଫ୍ଲାଭୋନେସ୍ ରହିଥାଏ ଯାହା ମେନୋପଜ୍ ସମସ୍ୟା ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ତେଣୁ ଶରୀରରେ ହର୍ମୋନାଲ ବାଲାନ୍ସ ରଖିବା ପାଇଁ ଡାଏଟ୍‌ରେ ପ୍ରତିଦିନ ରେଡ୍ କ୍ଲୋଭର ଟି ପିଅନ୍ତୁ ।

**ସେଗ୍ ଟି-** ଏହା ମଧ୍ୟ ମେନୋପଜ୍ ପାଇଁ ଖୁବ ଲାଭକାରୀ ହୋଇଥାଏ । ମେନୋପଜ୍ ସମସ୍ୟା ସମୟରେ ଦେଖିବାକୁ ମିଳୁଥିବା ବିଭିନ୍ନ ଲକ୍ଷଣକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ । ଶରୀରରେ ଦେଖିବାକୁ ମିଳୁଥିବା ହର୍ମୋନାଲ ଇନ୍‌ବାଲାନ୍ସକୁ ନିୟନ୍ତ୍ରଣ କରିବାରେ ସେଗ୍ ଟି ବିଶେଷଭାବେ ସହାୟକ ହୋଇଥାଏ ।

**ପିପରମେଣ୍ଟ ଟି-** ଏହା ପ୍ରତ୍ୟକ୍ଷଭାବେ ମେନୋପଜ୍ ପାଇଁ ଉପକାରୀ ନହେଲେ ମଧ ଆମର ଷ୍ଟ୍ରେସ ଲେବଲ୍‌କୁ କମାଇବାରେ ସହାୟକ ହୋଇଥାଏ । ଏହା କାରଣରୁ ନିଦ ଠିକ୍ ଭାବେ ହୋଇଥାଏ, ଯାହା ମେନୋପେଜ୍ ସମସ୍ୟାକୁ ନିୟନ୍ତ୍ରଣରେ ସହାୟତା ପ୍ରଦାନ କରିଥାଏ ।

# ଅଫିସ୍ ବ୍ୟାଗ୍



**ସାଧାରଣତଃ ମହିଳାମାନେ ଅଫିସ୍ ଯିବା ସମୟରେ ନିଜର ବ୍ୟାଗ୍ ପ୍ରତି ଅଧିକ ଧ୍ୟାନ ଦେଇଥାଆନ୍ତି । ଯାହାକୁ ଆଖିରେ ରଖି ବର୍ତ୍ତମାନ ଟ୍ରେଣ୍ଡ୍‌ରେ ଅନେକ ବ୍ୟାଗ୍ ରହୁଛି, ଯାହା ଅଫିସ୍ ୱାର୍କ ପାଇଁ ଖୁବ ଉପଯୁକ୍ତ ହେଉଛି ।**

**ଦି ନ୍ୟୁୟର୍କ କ୍ରକ୍ ଇଫେକ୍ଟ ବ୍ୟାଗ୍-** ବିଭିନ୍ନ ବ୍ୟାଗ୍ ଭିତରେ ଏହି ବ୍ୟାଗ୍‌ଟି ସବୁ ମହିଳାଙ୍କର ପ୍ରଥମ ପସନ୍ଦ ହୋଇଥାଏ । ଏହାର ଟେକ୍ସର ଖୁବ ସୁନ୍ଦର ହୋଇଥାଏ । ଦି ନ୍ୟୁୟର୍କ କ୍ରକ୍ ଇଫେକ୍ଟ ବ୍ୟାଗ୍‌ଟି ସ୍ମୁଥ୍ ଲେଦରରୁ ତିଆରି ହୋଇଥାଏ ଯାହା ବ୍ୟବହାର କରିବା ପାଇଁ ଖୁବ ଆରାମଦାୟକ ହୋଇଥାଏ । ଏହାର କ୍ରକ୍ ଇଫେକ୍ଟ ଏହାକୁ ଅନ୍ୟ ବ୍ୟାଗ ଭିତରେ ସ୍ୱତନ୍ତ୍ର କରିଥାଏ ।

**ହ୍ୟାଣ୍ଡେଲ୍ ୱାର୍କ ବ୍ୟାଗ୍-** ହ୍ୟାଣ୍ଡେଲ୍ ୱାର୍କ ବ୍ୟାଗ୍ ସବୁ ୱାର୍କିଂ ଲେଡିଙ୍କର ପସନ୍ଦ ହୋଇଥାଏ । ଏହାର ପାଖାପାଖି ୧୫ଟି କଲର ଆସିଥାଏ, ଯାହା ଏହି ବ୍ୟାଗକୁ ବେଶି ଆକର୍ଷଣୀୟ କରିଥାଏ । ଏଥିରେ ଥିବା ଇଣ୍ଟେରିଅର ପକେଟ୍ ଗୁଡିକ ଜିନିଷ ରଖିବାରେ ବେଶି ସହାୟତା ହୋଇଥାଏ । ତେଣୁ ଏଥିରେ ଥିବା ଜିପ୍ ବ୍ୟାଗ୍ ଗୁଡିକୁ ଛୋଟଛୋଟ ଜିନିଷ ରଖିବାରେ ବ୍ୟବହାର କରିହୋଇଥାଏ ।

**ସ୍ୟୁଡେ ୱାର୍କ ବ୍ୟାଗ୍-** ଏହା ସମସ୍ତଙ୍କର ପସନ୍ଦ ହୋଇଥାଏ । ଏହି ବ୍ୟାଗ୍‌ର ବିଶେଷତ୍ୱ ହେଲା ଏହା ସବୁ ପ୍ରକାରର ସିଜିନ୍ ସହିତ ପେୟାର କରିହେବ । ବର୍ଷା ହେଉ କିମ୍ବା ଖରା ସବୁ ପ୍ରକାର ଋତୁରେ ଏହାକୁ ବ୍ୟବହାର କରିହେବ ।

# ଆନ୍ନାମ୍ ଗନ୍‌ଜି



ପ୍ରଥମେ ଭାତକୁ ରାନ୍ଧି ଥଣ୍ଡା କରି ନିଅନ୍ତୁ । ଏହାପରେ ଏଥିରେ ଦହି, ଲୁଣ ଓ ଜୁଆଣି ମିଶାଇ ନିଅନ୍ତୁ । ସମସ୍ତ ସାମଗ୍ରୀକୁ ମିଶାଇ ଗୋଟିଏ ଦିନ ପୂର୍ବ ରାତିରୁ ରଖି ନିଅନ୍ତୁ । ସକାଳୁ ଏହାକୁ ଭଲ କରି ଗୋଳାଇ ନିଅନ୍ତୁ । ଏଥିରେ ଧନିଆ ପତ୍ର,କଞ୍ଚା ଲଙ୍କା, ଆମ୍ବ କସିଆ ଅଦା ଆଦି ମିଶାଇ ପାରିବେ । ଏହାକୁ ଆଚାର ଲଗାଇ ଖିଆଯାଇଥାଏ । ଏଥିରେ କାକୁଡି କିମ୍ବା ଆଳୁ ଚଟଣି ସହିତ ଖାଇପାରିବେ । ଏହାକୁ ଦକ୍ଷିଣ ଭାରତରେ ଆନ୍ନାମ ଗନ୍‌ଜ କୁହାଯାଉଥିବା ବେଳେ ଓଡ଼ିଶାରେ ଦହି ପଖାଳ କୁହାଯାଇଥାଏ ।

# ନିଆରା ଥିମ୍‌କୁ ନେଇ ଚର୍ଚ୍ଚା

ଟେଲି ଦୁନିଆର ପପୁଲାର ଶୋ' ବିଗ୍‌ବସର ଥିମ୍‌କୁ ନେଇ ସବୁବେଳେ ଚର୍ଚ୍ଚାହୋଇଥାଏ । ସବୁବେଳେ ଏହାର ଥିମ୍ ଖୁବ ନିଆରା ଥାଏ । ସେହିକ୍ରମରେ ଚଳିତବର୍ଷର ଥିମ ରହିଛି ରାଜନୀତିକୁ ନେଇ । ଯାହା ଦର୍ଶକଙ୍କୁ ଖୁବ ସ୍ୱତନ୍ତ୍ର ଲାଗୁଥିବା ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ଏହାର ପ୍ରୋମୋକୁ ନେଇ ଖୁବ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି । ତେବେ ରାଜନୀତି ଥିମ୍‌କୁ ନେଇ ଶୋଟି କିଭଳି ପରିଚାଳିତ ହେବ ତାହାକୁ ନେଇ ସମସ୍ତେ ଆଲୋଚନା କରୁଛନ୍ତି । ଏଥର ମେକର୍ସ କିଛି ବଡ ଧରଣର ଟୁଇଷ୍ଟ ଆଣିବେ ବୋଲି ଫ୍ୟାନ ଆକଳନ କରୁଛନ୍ତି । ପଲିଟିକାଲ ଥିମ ରହିଥିବାରୁ ସବୁ ବର୍ଷ ଠାରୁ ଚଳିତ ଥର ଅଧିକ ଡ୍ରାମା ଓ ଟୁଇଷ୍ଟ ଦେଖିବାକୁ ମିଳିବ ବୋଲି ଫ୍ୟାନମାନେ କମେଣ୍ଟ ଦେଉଛନ୍ତି । ସମସ୍ତେ ଶୋ ଦେଖିବାକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି । ପୂର୍ବରୁ ଏହାର ପ୍ରତିଯୋଗୀଙ୍କୁ ନେଇ ଅନେକ ଚର୍ଚ୍ଚା ଜାରି ରହିଛି । କିଛି ଜଣ ଏଥିପାଇଁ ଫାଇନାଲ ହୋଇ ସାରିଥିବାବେଳେ କିଛିଙ୍କ ନାଁ ଏବେ ବି ଚର୍ଚ୍ଚାରେ ରହିଛି । ପ୍ରତିବର୍ଷ ଏହି ଶୋରେ ଅନେକ ଡ୍ରାମା ସହିତ ଟୁଇଷ୍ଟ ଦେଖିବାକୁ ମିଳେ, ଯାହା ଦର୍ଶକଙ୍କର ଖୁବ ମନୋରଞ୍ଜନ କରିଥାଏ । ତେଣୁ ଚଳିତ ସିଜିନ୍ ମଧ୍ୟ ପୂର୍ବ ପରି ଖୁବ ଇଣ୍ଟ୍ରେଷ୍ଟିଂ ହେବ ବୋଲି ସମସ୍ତେ ଆଶା ରଖିଛନ୍ତି । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ସଲମାନ ଖାନ ଏହାର ହୋଷ୍ଟିଂ କରୁଛନ୍ତି ।



## ହାହାଃ..ହାହାଃ..



ପତ୍ନୀ - କହିଲ ଦେଖି ମୁଁ ମୂର୍ଖ ନା ତୁମେ ମୂର୍ଖ ?

ପତି - ତୁମେ ହେଲ ସବୁଠାରୁ ଅଧିକ ବୁଦ୍ଧିର ଅଧିକାରିଣୀ । ତେଣୁ ତୁମେ କେବେ ହେଲେ ବି କ'ଣ ଜଣେ ମୂର୍ଖ ବ୍ୟକ୍ତିକୁ ବିବାହ କରିଥିବ ।

ପତ୍ନୀ ନିଜକୁ ବୁଦ୍ଧିମାନ ଶୁଣି ଖୁବ ଖୁସି ..

### ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ମେଡିକାଲ କଲେଜରେ ପ୍ରଫେସର ପଦବୀ ଖୁବ ଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଷୟରେ ଆଲୋଚନା କରି ରାଜ୍ୟରେ ଖାଲି ପଡିଥିବା ବିଭିନ୍ନ ଡାକ୍ତର ପଦବୀ ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକର ଆଲୋଚନାରୁ ଜଣା ଯାଇଛିଯେ, ଖୁବ ଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ ଏବଂ ଆହୁରି ୫୦୦୦ରୁ ଉର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ ମଧ୍ୟ ନିଯୁକ୍ତି ପାଇବେ। ରାଜ୍ୟର ସମସ୍ତ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତି ନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହିତ ଆଦିବାସୀ ଅଧୁଷିତ ଅଂଚଳ ମାନଙ୍କରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ପ୍ରଦାନ କରିବା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।



ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦବୀ ଖୁବ ଶୀଘ୍ର ରାଜ୍ୟ ସରକାର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ମେଡିକାଲ କଲେଜରେ ପି.ଜି. ସିଟ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜର ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟସେବା ଛଡା ଅନ୍ୟାନ୍ୟ ଆବଶ୍ୟକୀୟ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରି ଏଥି ନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରତ୍ୟେକ ଦୁର୍ଘଟଣା ପ୍ରବଣ ଅଂଚଳରେ ଇଣ୍ଟିଗ୍ରେଟେଡ୍ ଟ୍ରମାକେୟାର ସେଣ୍ଟର ସ୍ଥାପନ ପାଇଁ ଗୁରୁତ୍ୱ ଦେବା, ଯେଉଁ ସ୍ଥାନକୁ

- ୧୮୪୦ ଡାକ୍ତର, ୫୦୦୦ରୁ ଉର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ ନିଯୁକ୍ତି ଖୁବ ଶୀଘ୍ର
- ଆଦିବାସୀ ଅଧୁଷିତ ଅଞ୍ଚଳରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ଦିଆଯିବ

ଡାକ୍ତର ମାନେ ଯିବାପାଇଁ ଅରାଜି ହେଉଛନ୍ତି ସେହି ସ୍ଥାନ ମାନଙ୍କରେ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ଏବଂ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଏହି ଆଲୋଚନା ହୋଇଥିଲା।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ, ଅଶ୍ୱଥି ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡଃ ବୃନ୍ଦା ଡ଼ି, ଓଡିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶିକା ଡଃ ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ଶନିବାର ଦିନ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ୨୦୦୪ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଅନେକ ଉତ୍ଥାନ ପତନ ଦେଇ ଆଜି ସମଗ୍ର ଓଡ଼ିଶା ତଥା ପାଖପଡୋଶି ରାଜ୍ୟମାନଙ୍କରେ ଗଢିଉଠିଥିବା ଅନେକ ଅନୁଷ୍ଠାନଠାରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିବାର ଅନବଦ୍ୟ ନିରନ୍ତର ପ୍ରଚେଷ୍ଟା, ସର୍ବୋପରି ଏହାର ପ୍ରାଣ ପ୍ରତିଷ୍ଠାତା ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଏବଂ ଧୁରିଣ ଅଧ୍ୟାପକ ମଣ୍ଡଳୀଙ୍କ ଆପ୍ରାଣ ଚେଷ୍ଟା ଏହାକୁ ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟର ଅନୁଷ୍ଠାନ ଗୁଡିକ ମଧ୍ୟରେ ଶ୍ରେଷ୍ଠତା ବଜାୟ ରଖିବାରେ ଯେଉଁମାନଙ୍କ ଉଦ୍ୟମଥିଲା ସେମାନଙ୍କ ସ୍ମୃତିଚାରଣ ସହ ପରପିଢିର ଯୁବସାମଜକୁ ଦିଶା ପ୍ରଦାନରେ ଅଗ୍ରଣୀଭୂମିକା ଗ୍ରହଣ କରିବା ଏକ ଗର୍ବ ଓ ଗୌରବର ବିଷୟ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂଗୀତ ଗାନ ସହ ବେଦପାଠ କରାଯାଇ ଅତିଥିମାନଙ୍କ ସମେତ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନୀୟ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ନିଜ ଭାଷଣ କ୍ରମରେ ଯୁବପିଢିଙ୍କ ଚାରିତ୍ରିକ ସ୍ଖଳନକୁ ରୋକିବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ସହ ଯଦି ଉପରକୁ ଯାଇ ତଳକୁ ନ ଖସିବାକୁ ଚାହୁଁଛ ତେବେ ପ୍ରଥମେ ନିଜର ଅହଂକାରକୁ ପରିତ୍ୟାଗ କର ବୋଲି ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟ ଅତିଥି ତଥା ଓଡ଼ିଶାର ସୁନାମ ଧନ୍ୟ ସ୍ନାୟୁସଲ୍ୟର ଚିକିତ୍ସକ ପଦ୍ମଶ୍ରୀ ଡ଼ଃ. ଅଶୋକ କୁମାର ମହାପାତ୍ର ନିଜସ୍ୱ ସେବାର ଅଭିଜ୍ଞତା ବଖାଣିବା ସହ ସ୍ୱାସ୍ଥ୍ୟ ସହ ଆଧାତ୍ମିକତାକୁ ଯୋଗ କରି ଏକ ସଫଳ ଜୀବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ଶୀତତାପ ନିୟନ୍ତ୍ରୀତ ଶ୍ରେଣୀଗୃହ ଏବଂ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ମାର୍ଗ ଦର୍ଶନକୁ ପାଥେୟ କରି ଲକ୍ଷ୍ୟ ପଥରେ ଆଗେଇ ଯିବାର ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ଡ଼ଃ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।




# ସହିଦ ନଗର ରେସିଡେଣ୍ଟସିଆଲ ଫୋରମ ବୈଠକ

ଭୁବନେଶ୍ୱର (ସବ୍ୟୁ): ସହିଦନଗର ରେସିଡେଣ୍ଟସିଆଲ ୱେଲ ଫେୟାର ଫୋରମ ପକ୍ଷରୁ ସଦସ୍ୟ ମାନଙ୍କ ଉପସ୍ଥିତିରେ କରାଯାଇ ଥିବା ବୈଠକରେ ନିଆଯାଇ ଥିବା ନିଷ୍ପତି ଅନୁଯାଇ ସହିଦନଗର ର ରାସ୍ତା ଗୁଡିକ ଅତ୍ୟନ୍ତ ଖରାପ ହୋଇ ଯାଇ ଥିବାରୁ ଏହାର ମରାମତି ଓ ସୁରେଜ ଲାଇନ ରେ ହୋଇ ଥିବା ବଡ଼ ବଡ଼ ଗଛ ଗୁଡିକ ସଫା କରିବାକୁ ଶୀଘ୍ର ପଦକ୍ଷେପ ନେବାକୁ ମୁନିସିପାଲିଟି କତୃପକ୍ଷ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇ ଅଛି, ରାସ୍ତା ଗୁଡିକ ବହୁତ ଖରାପ ହୋଇ ଥିବାରୁ ବରିଷ୍ଠ ନାଗରିକ ମାନେ ବହୁ ଅସୁବିଧା ର ସମ୍ମୁଖୀନ ହେଉ ଛନ୍ତି, ବିଜୁଳି ବିଭାଗ ର ଲାଇନ କଟିଗଲେ ବର୍ତମାନ ସହିଦ ନଗର ବାସିନ୍ଦା ମାନେ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ତାହା ମରାମତି ହେବା ପାଇଁ ବହୁ ସମୟ ଲାଗୁଛି, ଯାହାକୁ ମରାମତି ନିମନ୍ତେ ଅଭିଯୋଗ କଲେ ସେ ଜେଇ ଅଫିସ ରେ କହି ସାରିଛୁ କହୁଛନ୍ତି । ଜେଇ ଅଫିସ ରେ ଯାଇ ପଚାରିଲେ ଆମ ପାଖକୁ କିଛି ଖବର ଆସି ନାହିଁ, କେଉଁଠି ନା କେଉଁଠି ଭୁଲ ଅଛି, ଏହା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଟାଟା କର୍ତ୍ତୃପକ୍ଷ ଙ୍କୁ ମଧ୍ୟ ଚିଠି ପ୍ରଦାନ କରା ଯାଇଛି ।

# କମିଶନରେଟ୍ ପୁଲିସ ପକ୍ଷରୁ ପ୍ରସ୍ତୁତି ବୈଠକ

ଜଟଣୀ(ସବ୍ୟୁ): ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ଆଜି ଏଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଡିସିପି ସଂଜୟ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୂଜା ପେଣ୍ଡାଲ କର୍ମକର୍ତା ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଏସିପି ତାପସ ପ୍ରଧାନ, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ବିଡିଓ ବସନ୍ତ କୁମାର ହାତୀ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ, ଭସାଣୀ କମିଟି ସଭାପତି ସଂଗ୍ରାମ କେଶରୀ ରାଉତରାୟ ଉପସ୍ଥିତ ରହିଥିଲେ। ଜଟଣୀ ଥାନା ଇନ୍ସପେକ୍ଟର ଷ୍ଟାଲିନ୍ ବିଶ୍ୱାଳଙ୍କ ସଂଯୋଜନାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ୪୪ଟି ମଣ୍ଡପରେ ପୂଜା ପାଇବେ ଗଜାନନ। ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ସହିତ ସବୁ ବର୍ଷ ପରି ଚଳିତବର୍ଷ କିପରି ପୂଜା ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତି ନିଆଯାଇଥିଲା। ପୂର୍ବବର୍ଷ ପରି ଏଥର ମଧ୍ୟ ଡିଜେ ଉପରେ କଟକଣା ରହିବ। ସମସ୍ତ ପେଣ୍ଡାଲ କର୍ମକର୍ତା ଏଥର ଜଟଣୀ ଗଣେଶ ପୂଜାକୁ ମଦମୁକ୍ତ, ପ୍ଲାଷ୍ଟିକ ମୁକ୍ତ କରିବା ସଂକଳ୍ପ ନେଇ ଉଦ୍ୟମ କରି ଅନ୍ୟ ଅଂଚଳ ପାଇଁ ଉଦାହରଣ ସୃଷ୍ଟି କରିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପୂଜା ସମୟରେ ସହରର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ପେଣ୍ଡାଲ ନିକଟବର୍ତୀ ଅଂଚଳରେ ମ୍ୟୁନିସିପାଲିଟି ପକ୍ଷରୁ ଦୁଇଓଳି ସଫେଇ କରାଯିବ। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରାଯାଇ ଗୋଟିଏ ସ୍ଥାନ ଥାନାରୁ ପୂଜା ପାଇଁ ଅନୁମତି ପ୍ରଦାନ କରାଯିବ। ପୂଜା ୧୨ଦିନ ଯାକ ଜଟଣୀ ଥାନାରେ ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ବ୍ୟବସ୍ଥା ହେବ। ରାସ୍ତା ମରାମତି, ଟ୍ରାଫିକ୍, ଷ୍ଟ୍ରିଟଲାଇଟ୍, ବିଦ୍ୟୁତ୍‌କାଟ୍ ସମସ୍ୟା ଉପରେ ବିଭିନ୍ନ ପେଣ୍ଡାଲ କର୍ମକର୍ତା ଦୃଷ୍ଟି ଆକର୍ଷଣ କରିଥିଲେ। ପୂଜା ସମୟରେ କଂଟ୍ରୋଲ ରୁମ୍‌ରେ ଗୋଟିଏ ଦମକଳ ଗାଡ଼ି ଓ କର୍ମଚାରୀ ପ୍ରସ୍ତୁତ ହୋଇରହିବେ। ବଡ଼ ପେଣ୍ଡାଲମାନଙ୍କରେ ପ୍ରବେଶ ପ୍ରସ୍ଥାନ ପଥ ରଖିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଟ୍ରାଫିକ ସମସ୍ୟା ଓ ଗହଳି ପରିଚାଳନା ପାଇଁ ଗତବର୍ଷ ତୁଳନାରେ ଏଥର ଅଧିକ ଫୋର୍ସ ମୁତୟନ ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ରୁଟ୍ ପରିବର୍ତନ କରି ଯାନବାହନ ଚଳାଚଳ କରିବା ଉପରେ ପ୍ରସ୍ତୁତି କରାଯାଉଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା।



# ବଜ୍ରପାତରେ ଚାଷୀ ମୃତ

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ଗୁଆପୁର୍ ପଞ୍ଚାୟତର ସାତବିଶ୍ୱା ଦଳିତ ସାହିର ବିଚିତ୍ରା ନନ୍ଦ ଭୋଇ (୪୫)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି । ସେ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହେବାରୁ ସେ ସଂଜ୍ଞା ହିନ ହୋଇଥିଲେ ।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ତାଙ୍କର ଅସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ପଠାଇ ଦେଇଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ବୁଡ୍ ପ୍ରେସର୍ ଅଧିକ ଦର୍ଶାଇ ଏସିଏଫ୍ ପଦରେ ଫିଜିକାଲ୍ ପରୀକ୍ଷାରୁ ବଞ୍ଚିତ ମାମଲା

# ଓପିଏସ୍‌ସିର ଆଦେଶ ରଦ୍ଦ କଲେ ହାଇକୋର୍ଟ

କଟକ(ସବ୍ୟୁ) : ସହକାରୀ ବନଖଣ୍ଡ ଅଧିକାରୀ(ଏସିଏଫ) ପଦଲାଗି ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୯ଜଣ ପ୍ରାର୍ଥୀଙ୍କୁ ବୁଡ୍ ପେସର୍ ଅଧିକ ଥିବା କାରଣରୁ ଫିଜିକାଲ ପରୀକ୍ଷା ଦେବାକୁ ମନା କରିଦେବା ଘଟଣାରେ ହାଇକୋର୍ଟ ଓଡ଼ିଶା ଲୋକେସେବା ଆୟୋଗ( ଓପିଏସ୍‌ସି)ର ଏଭଳି ଆଦେଶକୁ ଆଜି ରଦ୍ଦ କରି ଦେଇଛନ୍ତି । ଜଣେ ପ୍ରାର୍ଥୀଙ୍କୁ ବୃଡ୍ ପ୍ରେସର୍ କାରଣରୁ ପରୀକ୍ଷାରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି । ଏହି ପରୀକ୍ଷା ଗାଇଡ୍‌ଲାଇନ୍ ଆଧାରରେ ଜଣେ ପ୍ରାର୍ଥୀଙ୍କର ବୃଡ୍ ପ୍ରେସର୍ ଥିଲେ ତାଙ୍କୁ ପରୀକ୍ଷାରୁ ବାଦ୍ ଦିଆଯାଇ ପାରିବ ନାହିଁ ବୋଲି କୌଣସି ନିୟମ ନଥିଲାବେଳେ ଓପିଏସ୍‌ସିର ଏଭଳି ଆଦେଶ ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ଦେବାଶିଷ ଦାସ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଆବେଦନକାରୀମାନେ ଏହି ପରୀକ୍ଷା ଦେବା ପୂର୍ବରୁ ସେମାନଙ୍କର ବୃଡ୍ ପ୍ରେସର ଠିକ୍ ଅଛି କି' ନାହିଁ ତାହାର ଏକ ଡାକ୍ତରୀ ରିପୋର୍ଟ ଓପିଏସ୍‌ସି ନିକଟରେ ଦାଖଲ କରିବେ । ଯଦି ଏହି ଟେଷ୍ଟ ସାଧାରଣ ଆସେ ତାହେଲେ କର୍ତ୍ତୃପକ୍ଷ ସେମାନଙ୍କୁ ଫିଜିକାଲ ଟେଷ୍ଟ ପାଇଁ ଅନୁମତି ପ୍ରଦାନ କରିବେ । ଅଦାଲତଙ୍କ ଏହି ଆଦେଶ କପି ପାଇବାର ଚାରି ସପ୍ତାହ ମଧ୍ୟରେ ପ୍ରତିପକ୍ଷ ଆବେଦନକାରୀଙ୍କ ଫିଜିକାଲ ଟେଷ୍ଟ କରିବେ । ଯଦି ଆବେଦନକାରୀମାନେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି ତାହେଲେ ସେମାନଙ୍କୁ ଏହାର ପରବର୍ତ୍ତୀ ପରୀକ୍ଷା ପାଇଁ ଅନୁମତି ଦିଆଯିବ ବୋଲି ହାଇକୋର୍ଟ କହିଛନ୍ତି ।୨୦୨୩ ମେ' ରେ ଓପିଏସ୍‌ସି ପକ୍ଷରୁ ୪୫ଟି ଏସିଏଫ ଏବଂ ୧୩୧ଟି ଫରେଷ୍ଟ ରେଞ୍ଜର ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆବେଦନକାରୀମାନେ ଏସିଏଫ ପଦଲାଗି ଆବେଦନ କରିଥିଲେ । ଏହାର ଲିଖତ ପରୀକ୍ଷାରେ ଉତ୍ତୀର୍ଣ ମଧ୍ୟ ହୋଇଥିଲେ । ଲିଖତ ପରୀକ୍ଷା ପରେ ଗତ ଜୁଲାଇରେ ଫିଜିକାଲ(ଚାଲିବା) ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏହି ଫିଜିକାଲ ପରୀକ୍ଷା ପୂର୍ବରୁ ଆବେଦନକାରୀଙ୍କର ବୃଡ୍ ପ୍ରେସର ଚେକ କରାଯାଇଥିଲା। ସେମାନଙ୍କର ପ୍ରେସର ସାମାନ୍ୟ ଉଚ୍ଚଥିବା କାରଣ ଦର୍ଶାଇ ଫିଜିକାଲ ଟେଷ୍ଟ ପାଇଁ ଅନୁମତି ଦିଆଗଲା ନାହିଁ । ଫଳରେ ସେମାନେ ଏହି ପରୀକ୍ଷାରୁ ବାଦ୍ ପଡ଼ିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଆବେଦନକାରୀ ଦର୍ଶାଇଥିଲେ ଯେ, ସେମାନଙ୍କର ଏକ ମେସିନ୍ ଜରିଆରେ ବ୍ଲୁଡ୍ ପ୍ରେସର ମପା ଯାଇଥିଲା । ଯାହାକି ଗ୍ରହଣୀୟ ନୁହେଁ । ପ୍ରଥମ ଥର ଯଦିଓ ସେମାନଙ୍କର ସାମାନ୍ୟ ଉଚ୍ଚା ରହିଥୁଲା ଦ୍ୱିତୀୟ ଥର ପରୀକ୍ଷା କରିବାକୁ ସେମାନେ ଅନୁରୋଧ କରିଥିଲେ । କିନ୍ତୁ ଦ୍ୱିତୀୟ ଥର ସେମାନଙ୍କୁ ଆଉ ଅନୁମତି ମିଳିନଥିଲା। ଏହା ଉପରେ ଓପିଏସ୍‌ସି ଜବାବ ରଖି ଦର୍ଶାଇଥିଲା ଯେ, ଅନେକ ପିଲା ଫିଜିକାଲ ପରୀକ୍ଷା ବା ଦୌଡ଼ିବା ବେଳେ ଅସୁସ୍ଥତାର ଶିକାର ହେଉଛନ୍ତି। ଅନେକଙ୍କର ଜୀବନ ମଧ୍ୟ ଚାଲିଯାଉଛି। ତେଣୁ ଫିଜିକାଲ ଟେଷ୍ଟ ପୂର୍ବରୁ ସେମାନଙ୍କର ପ୍ରେସର୍ ମପା ଯାଉଛି। ଯେଉଁମାନଙ୍କର ପ୍ରେସର ଠିକ୍ ରହିଛି ସେହିମାନଙ୍କୁ ଫିଜିକାଲ ପରୀକ୍ଷା ପାଇଁ ଅନୁମତି ଦିଆଯାଉଛି। ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ରାୟରେ କହିଛନ୍ତି ଯେ, ଯେହେତୁ ନିଯୁକ୍ତି ଗାଇଡ୍‌ଲାଇନ୍‌ରେ ଜଣେ ପ୍ରାର୍ଥୀଙ୍କର ପ୍ରେସର ଅଧିକ ବା କମ୍ ଥିବା କାରଣରୁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ଉଲ୍ଲେଖ କରାଯାଇ ନାହିଁ ତେଣୁ ନିଯୁକ୍ତି ସଂସ୍ଥା ମନମୁଖୀ ଭାବେ ଏଭଳି କରିପାରିବେ ନାହିଁ ବା ଆଶାୟୀ ପ୍ରାର୍ଥୀଙ୍କ ଉପରେ ସେମାନଙ୍କ ଇଚ୍ଛାକୁ ଲଦିଦେଇ ପାରିବେ ନାହିଁ । ଏହି ଆଧାରରେ ହାଇକୋର୍ଟ ଓପିଏସ୍‌ସିର ନିର୍ଦ୍ଦେଶକୁ ରଦ୍ଦ କରି ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ ।

### ଆତଙ୍କବାଦୀ ମୁକାବିଲାକୁ ନେଇ ବିଧାନସଭାରେ ମକ୍‌ଡ୍ରିଲ

# ଏନ୍‌ଏସ୍‌ଜି, ଏସ୍‌ଓଜି, ଅଗ୍ନିଶମ ଓ ପୋଲିସ ଟିମ୍ ସାମିଲ

ଭୁବନେଶ୍ୱର, (ସବ୍ୟୁ) : ଆତଙ୍କବାଦୀ ମୁକାବିଲାକୁ ନେଇ ବିଧାନସଭା ସାମ୍ନା ଓ ଚର୍ତୁଃପାଶ୍ୱର୍ରେ ସୋମବାର ମକ୍‌ଡ୍ରିଲ୍ କରାଯାଇଛି । ମକ୍‌ଡ୍ରିଲରେ ଏନ୍‌ଏସ୍‌ଜି, ଏସ୍‌ଓଜି, ଅଗ୍ନିଶମ ଓ ପୋଲିସ ଟିମ୍ ସାମିଲ ହୋଇଛନ୍ତି ।

ବନ୍ଧୁକଧାରୀ ଏନ୍‌ଏସ୍‌ଜି, ଏସ୍‌ଓଜି, କମାଣ୍ଡୋମାନେ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ସହ ସାମିଲ ହୋଇ ମୁକାବିଲା କୌଶଳ ପ୍ରଦର୍ଶନ କରିଥିଲେ । ଅଗ୍ନିଶମ ବାହିନୀ ଅତ୍ୟାଧୁନିକ ଯାନରେ ସିସି କ୍ୟାମେରା ଲଗାଇ ବିଧାନସଭା ଏପଟ ସେପଟ ଦେଖାଉଥିଲେ । ଯଦି କୌଣସି ସ୍ଥାନରେ ଆତଙ୍କବାଦୀମାନେ ଥିବା ସିସି କ୍ୟାମେରାରେ ଆସେ ତାହା କମାଣ୍ଡୋ କଣ୍ଟ୍ରୋଲ ଗାଡିକୁ ସମ୍ପୂର୍ଣ୍ଣ ଦିଶିବ । ଏହା ଦେଖିବା ପରେ କମାଣ୍ଡୋ କଣ୍ଟ୍ରୋଲ ଗାଡିରେ ଥିବା ଅପରେସନ ମନିଟରିଂ ଅଫିସର କମାଣ୍ଡୋମାନଙ୍କୁ ଅପରେସନ ଶୈଳୀ ସମ୍ପର୍କରେ ନିର୍ଦ୍ଦେଶ ଦେଉଥିଲେ ।



ଏନ୍‌ଏସ୍‌ଜି, ଏସ୍‌ଓଜି କମାଣ୍ଡୋଙ୍କ ସହ ଓଡ଼ିଶା ପୋଲିସର ୪୦ଜଣିଆ ସଶସ୍ତ୍ର ଟିମ୍ ସାମିଲ ହୋଇ ଅପରେସନ କୌଶଳ ପ୍ରଦର୍ଶନ କରୁଥିଲେ । ୪୦ଜଣିଆ ଟିମ୍‌ରେ ୭ ଡଗ୍ ସ୍କ୍ୱାଡ୍ ଓ ବୋମା ନିଷ୍କ୍ରିୟକାରୀ ଟିମ୍ ଥିବା ଜଣେ ଅଫିସର କହିଛନ୍ତି । ଏହି ମୁକାବିଲା ଅପରାହ୍ନ@ରେ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା ହୋଇଛି । ଅପରେସନ ଶୈଳୀରେ ବିଧାନସଭା ଚତୁଃପାଶ୍ୱର୍ କମାଣ୍ଡୋ ଘେରାବନ୍ଦୀ କରି ରଖିଥିଲେ । ଭୁବନେଶ୍ୱର ଡିସିପି ଜଗମୋହନ ମିନା ଏହି ସନ୍ତ୍ରାସବାଦୀ ମୁକାବିଲା ଅପରେସନରେ ସାମିଲ ହୋଇ ପୋଲିସ ଟିମ୍‌କୁ କମାଣ୍ଡିଂ କରୁଥିଲେ । ଅଗ୍ନିଶମ ବାହିନୀ ଯେଉଁ ଅତ୍ୟାଧୁନିକ ଯାନ ପ୍ରଦର୍ଶନ କରିଥିଲା, ଶିଡିପରି ଥିବା ତା'ର ଅଗ୍ରଭାଗ ୪୨ ମିଟର ପର୍ଯ୍ୟନ୍ତ ଲମ୍ୱିବା ବ୍ୟବସ୍ଥା ରହିଛି । ଅର୍ଥାତ୍ ବିଧାନସଭା ସାମ୍ନାରୁ ଓପରିଭାଗ ଦେଇ ପଛ ପାଖକୁ ଦେଖି ହେଉଥିଲା । କାରଣ ତା'ର ଅଗ୍ରଭାଗରେ ସିସି କ୍ୟାମେରା ଖଞ୍ଜାଯାଇଥିଲା । ସେଠାରୁ ଫଟୋ କମାଣ୍ଡୋ କଣ୍ଟ୍ରୋଲ ଗାଡିକୁ ଆସିବା ପରେ ଅପରେସନ ମନିଟରିଂ କରିବା ପାଇଁ ସୁବିଧା ହେଉଥିଲା ବୋଲି ଜଣେ ଅଫିସର ସୂଚନା ଦେଇଛନ୍ତି ।

# ବ୍ରାଉନସୁଗର ଜବତ, ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନା ପୋଲିସ ଜଣେ ବ୍ରାଉନସୁଗର ବ୍ୟବସାୟୀକୁ ଗିରଫ କରିବା ସହ ତା'ନିକଟରୁ ୩.୫୫ଗ୍ରାମ୍ ବ୍ରାଉନସୁଗର, ବ୍ୟବହୃତ ବାଇକ୍ ଓ ୩ ହଜାର ଟଙ୍କା ଜବତ କରିଛି । ଗିରଫ ବେପାରୀ ହେଲା ଶିଶିରକାନ୍ତ ନାୟକ (୪୫) । ଘର ଗଞ୍ଜାମ ଜିଲ୍ଲାରେ । ସେ ଭରତପୁର ଥାନା ଅଞ୍ଚଳ ସାଁପୁର ବସୁଧାନଗରରେ ରୁହେ । ଭରତପୁର ଥାନା ଅଞ୍ଚଳରେ ଥିବା ବିପୁଲ ଗାର୍ଡେନ ନିକଟରେ ବେଆଇନ ଭାବେ ବ୍ରାଉନସୁଗର ରଖି ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା । ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରିବା ବେଳକୁ ଗିରଫ ବ୍ୟବସାୟୀ ସେଠାରେ ଠିଆ ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିଲା । ପୋଲିସ ତାକୁ କାବୁ କରିବା ପରେ ତା'ନିକଟରୁ ବ୍ରାଉନସୁଗର ଜବତ ହେଲା । ଥାନାକୁ ଆଣିବା ପରେ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ସମ୍ବଲପୁରରେ ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର(ସବ୍ୟୁ): ସମ୍ବଲପୁରରେ ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ । କୃଷି ଓ ଆନୁଷଙ୍ଗିକ ବିଜ୍ଞାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ସ୍ନାତକ ଓ ସ୍ନାତକୋତ୍ତର ସୃଷ୍ଟି କରିବା, ଏହି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି ଏବଂ ଲାଭଦାୟକ କୃଷି ପ୍ରଣାଳୀ ବିକଶିତ କରିବାରେ ଏହା ସହାୟକ ହେବ ।

ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରସ୍ତାବ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର କୃଷି ବିଶ୍ୱ ବିଦ୍ୟାଳୟ ଅଧିନିୟମ ୧୯୯୨ ଅନୁଯାୟୀ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଛି । ଏହି ପ୍ରସ୍ତାବିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଓଡ଼ିଶା ପାଇଁ ଏକ ପରିବର୍ତ୍ତନକାରୀ ହେବ । କୃଷି ଗବେଷଣାକୁ ଆଗକୁ ବଢାଇବ, ଚାଷୀମାନଙ୍କୁ ସଶକ୍ତ କରିବ ଏବଂ ସ୍ଥାୟୀ କୃଷି ପଦ୍ଧତିରେ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । କୃଷି ଓ ଆନୁଷଙ୍ଗିକ ବୃତ୍ତିକୁ ଲାଭଜନକ ଉଦ୍ୟୋଗରେ ପରିଣତ କରି ଲୋକଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଲାଭଦାୟକ ସାବ୍ୟସ୍ତ ହେବ ।



ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ଼ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ମତାମତ ଉପସ୍ଥାପନ କରିଥିଲେ ।

# ୨୧ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ବାର୍ଷିକ ଉତ୍ସବ : ରାଜ୍ୟପାଳ ମୁଖ୍ୟ ଅତିଥି

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ପଞ୍ଚମ ବାର୍ଷିକ ଉତ୍ସବ ଆସନ୍ତା ୨୧ ତାରିଖ ଗୁରୁବାର ଦିନ ବାଣୀବିହାର ପରିସରରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏ ସମ୍ପର୍କରେ ପୁରାତନ ଛାତ୍ରସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ ସୂଚନା ଦେଇ କହିଛନ୍ତି ଯେ, ୨୧ ତାରିଖ ଦିନ ସକାଳେ ବିଶ୍ୱବିଦ୍ୟାଳୟ ପ୍ରବେଶ ପଥରେ ଥିବା ମାଆ ସରସ୍ୱତୀଙ୍କ ପ୍ରତିମାରେ ପୁଷ୍ପ ମାଲ୍ୟାର୍ପଣ ସହିତ ଦିବସ ବ୍ୟାପୀ ବାର୍ଷିକ ଉତ୍ସବ ଆରମ୍ଭ ହେବ। ପରେପରେ 'ଗାନ୍ଧୀ ସ୍ଥଳ'ରେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ' ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ ' ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିସର ପରିକ୍ରମା କରିବ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଡକ୍ଟର ମିତାଲୀ ଚିନାରା ଏବଂ କୁଳସଚିବ ଡକ୍ଟର ସ୍ୱାତୀ ମିଶ୍ର ମିଳିତ ଭାବେ ଏହି ଶୋଭାଯାତ୍ରାକୁ ଉଦଘାଟନ କରିବେ।

ଅପରାହ୍ଣ ୫ଟାରୁ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଏମକେସିଜି ଅଡିଟୋରିୟମରେ ମୁଖ୍ୟ ସମାରୋହ ଅନୁଷ୍ଠିତ ହେବ। ପୁରାତନ ଛାତ୍ରସଂଘର ସଭାପତି ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଡକ୍ଟର ସତ୍ୟଜିତ୍ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଯଜ୍ଞେଶ୍ୱର ଦଣ୍ଡପାଟ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ପୁରାତନ ଛାତ୍ରଛାତ୍ରୀ ଏବଂ ବିଶ୍ୱବିଦ୍ୟାଳୟରେ ଏବେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଉତ୍ସବକୁ ସଫଳ କରିବା ପାଇଁ ସାଧାରଣ ସମ୍ପାଦକ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

# ଭାରତ ମସଲା ପକ୍ଷରୁ ସ୍ୱାଧୀନତା ଦିବସ ପାଳନ




କଟକ,(ସବ୍ୟୁ):ଭାରତ ମସଲା ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ବାରଙ୍ଗ ରାମଦାସପୁର ସ୍ଥିତ କମ୍ପାନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଭାରତୀୟ ନୌ -ସେନାର ଅବସରପ୍ରାପ୍ତ କମାଣ୍ଡର ଏସ ଏନ ମହାନ୍ତି ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତାରେ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କର ସ୍ମୃତିଚାରଣ କରିଥିଲେ । ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏଥିରେ ଯୋଗ ଦେଇ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମରେ ସଙ୍ଘର୍ଷ କରିଥିବା ସଂଗ୍ରାମୀ ମାନଙ୍କୁ ଭକ୍ତିପୂତ ନମନ ଜଣାଇ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ମସଲାର ନିର୍ଦ୍ଦେଶକ ଦିଗନ୍ତ ପଣ୍ଡା ,ଜିଏମ ଅଶ୍ୱିନୀ ଦାସ, ଜିଏମ ଅପରେସନ ଅରୁଣ ନାୟକ, ଜିଏମ ପ୍ରଡ଼କ୍ସନ ନବକୃଷ୍ଣ ପ୍ରଧାନ, ପିଆରଓ ଆଶିଷ ମଲ୍ଲନଙ୍କ ସମେତ କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୪୨ ମୌଜା ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଫୁଲନଖରା, (ସବ୍ୟୁ): କଟକ ସଦର ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ନିଜର କର୍ମ ଦକ୍ଷତା ପାଇଁ ରାଜ୍ୟରେ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି । ଏଥି ନେଇ ୪୨ ମୌଜା ସାମ୍ବାଦିକ ସଂଘ ପକ୍ଷରୁ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ସୁକାନ୍ତ କୁମାର ବେଉରା,ଅନିଲ ଦାସ, ନିରଞ୍ଜନ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ଦାସ,ଅଶୋକ ପତି,ଶିବାନୀ ମୁଦୁଲି ଓ ଦିପକ ଆଚାର୍ଯ୍ୟ ପ୍ରମୁଖ ପତ୍ରପତ୍ରିକାର ପ୍ରତିନିଧିମାନେ ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କୁ ସାକ୍ଷାତ କରି ସଓ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

## ଏ ବର୍ଷ ବଡ଼ଗଡ଼ ଗଣେଶ ପୂଜାରେ ମୁଖ୍ୟ ଆକର୍ଷଣ

# ରୁପାର ପାଦ ଏବଂ ରୁପାର ମୂଷିକ ବାହନ

ଭୁବନେଶ୍ୱର,(ସବ୍ୟୁ) :ବଡଗଡ଼ର ନାମନୁସାରେ ଏଥର ବରଗଡ଼ରେ ଓଡ଼ିଶାର ସର୍ବବୃହତ ଗଣେଶ ମୂର୍ତ୍ତି ୬୧ଫୁଟର ଉଚ୍ଚର ଲାଲବାଗ (ମହାରାଷ୍ଟ୍ର) ଆକୃତିର ପୂଜା ପାଇବେ। ଏହା ସହିତ ଗଣେଷଙ୍କ ଦୁଇ ଗୋଟି ରୁପା ପାଦ ଏବଂ ପାଞ୍ଚ ଫୁଟ ଉଚ୍ଚର ରୁପା ମୂଷିକ ବାହନ ପୂଜା ପାଇବେ। ଶ୍ରୀ ଗଣେଶଙ୍କ ପାଖରେ ୬୧କେଜିର ଲଡୁ ଭୋଗ ଲାଗିବ। ଆୟୋଜକ ବ୍ରାଇଟ ଷ୍ଟାରୟୁଥ ଆସୋସିଏସନ ଓ ବଡଗଡ଼ ଗଣେଶ ମହୋତ୍ସବ ପୂଜା କମିଟି ପକ୍ଷରୁ ରବିବାର ଆୟୋଜିତ ସାମ୍ବାଦିକ ସମିଳନୀରେ ସୂଚନା ଦିଆଯାଇଛି। କଟକର ତ୍ରିସୁଳିଆରୁ ମାଟି ଆଣି କାରିଗର ମୂର୍ତ୍ତି ଗଢୁଛନ୍ତି। ଚଳିତ ବର୍ଷ ଗଣେଶ ପୂଜାରେ ୨୫ରୁ ୩୦ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ଏହି ପୂଜା ୭ ଦିନ ଚାଲିବ। ପୂଜାମଣ୍ଡପରେ ଜର୍ମାନର ହ୍ୟାଙ୍ଗର ସେଡ, ମିନି ପାଗୋଡାର ନିର୍ମାଣ କରାଯିବ। ବରଗଡ଼ର ଗଣେଶ ପୂଜା ମଣ୍ଡପ, ଗ୍ରାମ ଛକରୁ କଞ୍ଚନା ଛକ ଯାଏ ଆଲୋକମାଳରେ ଝଲସି ଉଠିବ। ପୂଜାମଣ୍ଡପରେ ଦିବ୍ୟାଙ୍ଗ ଓ ବୟସ୍କଙ୍କ ଦର୍ଶନ ପାଇଁ ହୁଇଲ ଚେୟାର ଓ ବ୍ୟାଟେରୀ ଚାଳିତ ଗାଡିର ସୁବିଧା କରାଯାଇଛି। ସୋମବାର ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। କମିଟି ସମ୍ପାଦକ ସଂଗ୍ରାମ ମାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା,ସୁଜ୍ଞାନୀ ମହାପାତ୍ର, ବର୍ଣ୍ଣାଳୀ ହୋତା, ଦେବେଶ ପତି ପ୍ରମୁଖ ସଂଗୀତ ମହାକୁମ୍ଭରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ କମିଶନରେଟ ପୁଲିସ ସହଯୋଗ କରିବ ବୋଲି ଜଣାପଡିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




# ଆର୍ଯ୍ୟ ସମାଜରେ ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ବେଦାନୁକୂଳ ଆଚରଣ ହିଁ ଧର୍ମ ଓ ବେଦର ପ୍ରତିକୂଳ ଆଚରଣ ହିଁ ଅଧର୍ମ ବୋଲି ବିଶିଷ୍ଟ ବେଦ ବିଦ୍ୟାନ ଓ ବେଦ ଗବେଷକ ଓ ପ୍ରବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ଆର୍ଯ୍ୟ ସମାଜରେ ଶ୍ରାବଣ ପୂର୍ଣ୍ଣିମା ଠାରୁ ୭ ଦିନ ଧରି ଚାଲୁଥିବା 'ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ'ର ଉଦଯାପନ ଉତ୍ସବରେ ଯୋଗଦେଇ ବୈଦିକ ପ୍ରବକ୍ତାମାନେ ଏହା ପ୍ରକାଶ କରିବା ସହ ବେଦ ଓ ବୈଦିକ ବିଚାର ପ୍ରତି ଶ୍ରଦ୍ଧାଭାବ ପୋଷଣ କରିବାକୁ ଆହ୍ୱାନ ଦେଇଥିଲେ । ଆଶୀର୍ବଚନ ପ୍ରଦାନ କରିଥିଲେ । ସଭାପତି ଇଂ ପ୍ରିୟବ୍ରତ ଦାସ । ଗୁଜୁରାଟ, ଗୋଳଡ଼ରୁ ଆସିଥିବା ବେଦ ପ୍ରବକ୍ତା ଯୋଗେଶ ଶର୍ମା କହିଲେ ଯେ, ଜ୍ଞାନ ପ୍ରାପ୍ତ କରିବାକୁ ବେଦରେ ପ୍ରବୃତ୍ତ ହେବାକୁ ହେବ । 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ଋଗବେଦର ମନ୍ତ୍ର ବ୍ୟାଖ୍ୟା କରିଥିଲେ । ଆର୍ଯ୍ୟସମାଜର ଉପ-ସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା ବେଦାନୁକୂଳ ଆଚରଣ ହିଁ ଆନନ୍ଦର ସ୍ରୋତ ବୋଲି କହିଥିଲେ । ସମ୍ପାଦକ ବୀରେନ୍ଦ୍ର କର ' ଶ୍ରାବଣୀ ଉପାକର୍ମ' ଓ 'ବେଦ ସ୍ୱାଧ୍ୟାୟ ପର୍ବ'ର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ । ଶ୍ରୀମତୀ ଶମ୍ଭୋଦେବୀ, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ସଦସ୍ୟା ବନ୍ଦନା ମିଶ୍ର ବେଦ ମନ୍ତ୍ର ବ୍ୟାଖ୍ୟା କରିଥିଲେ। ଉଦଯାପନ ଉତ୍ସବ ପୂର୍ବରୁ ଉପସଭାପତିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ୭ ଦିନ ଧରି ଯଜ୍ଞ ପରିଚାଳନା କରିଥିଲେ ନୂଆପଡ଼ାସ୍ଥିତ ଆମସେନା ଗୁରୁକୁଳର ବ୍ରହ୍ମଚାରୀ । ଶ୍ରାବଣୀ ଉପାକର୍ମ ଅବସରରେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ, ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସନ୍ଦୀପନା ପତି, ରୋଜଡ଼ର ବେଦ ପ୍ରବକ୍ତା ଯୋଗେଶ ଶର୍ମା, ବିଶିଷ୍ଟ ବୈଦିକ ବିଦ୍ୱାନ ବୀରେନ୍ଦ୍ର କୁମାର ପଣ୍ଡା, ବିଶିଷ୍ଟ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି, ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଲୋପାମୁଦ୍ରା ରାଉଳ, 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ଜଗନ୍ନାଥ ପାଢ଼ୀ, ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଶ୍ରବଣ କୁମାର ମିଶ୍ର ଓ ଅଞ୍ଜନା ମିଶ୍ର, ରୋଟାରୀ କ୍ଲବର ଯଜ୍ଞାଶୀଷ ମହାପାତ୍ର, ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସମ୍ପାଦକ ଦୁଷ୍ମନ୍ତ କିଶୋର ସ୍ୱାଇଁ, ଡାକ୍ତର କାମଦେବ ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




# ଚନ୍ଦ୍ରଶେଖରପୁର ଜବରଦଖଲ ହଟିଲା

ଭୁବନେଶ୍ୱର, (ସବ୍ୟୁ): ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ପ୍ଲଟ ନଂ.୩୨୧ରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ଏଥିରେ ପ୍ରାୟ ୩୪୧ ଡିସିମିଲ ଜମିକୁ ଜବରଦଖଲ କରି ଘର ତିଆରି କରିଥିଲେ ଜବରଦଖଲକାରୀ । ସାଧାରଣ ପ୍ରଶାସନ ବିଭାଗ(ଜିଏ) ଅତିରିକ୍ତ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବଙ୍କ ରିକ୍ୟୁଜିସନ୍‌କ୍ରମେ ଏହି ପ୍ଲଟକୁ କିଛି ବ୍ୟକ୍ତି ଜବରଦଖଲ କରି ଘର ତିଆରି କରି ଭଡା ଲଗାଇଥିଲେ। ସୋମବାର ବିଡିଏ ଉଚ୍ଛେଦକାରୀ ଦଳ ୧,୨,୩,୪,୫ ଓ ୬ ଉକ୍ତ ଜମିରେ ହୋଇଥିବା ବେଆଇନ ନିର୍ମାଣକୁ ମାଟିରେ ମିଶାଇ ଦେଇଛି। ଏହି ଉଚ୍ଛେଦରେ ୪ଟି ଛାତ ଘର, ୩ଟି ଲୁହା ଗେଟ୍, ଦୁଇଟି ଶୌଚାଳୟ, ଦୁଇଟି ଅର୍ଦ୍ଧନିର୍ମିତ ଘର, ଦୁଇଟି ପାଣି ଟାଙ୍କୀ ସହିତ ୧୦୦ ଫୁଟ ଲମ୍ବର ଫେନ୍ସ ଭଙ୍ଗା ଯାଇଛି। ପ୍ରାୟ ୩୨୭ ଡିସିମିଲ ଜମିକୁ ଦବରଦଖଲମୁକ୍ତ କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟ ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଯାଇନଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଓ ବିଡିଏ ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।




## ଓୟୋ ହୋଟେଲରେ ଚଢାଉ

# କେରଳର ୨ ଗିରଫ, ୩୮ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, (ସବ୍ୟୁ) : ଜାଗମରା ଅଞ୍ଚଳରେ ଥିବା ଓୟୋ ହୋଟେଲ ନନ୍ଦନରେ ଖଣ୍ଡଗିରି ଥାନା ପୋଲିସ ଚଢାଉ କରି କେରଳର ଦୁଇଜଣଙ୍କୁ ଗିରଫ କରିବା ସହ ରୁମ୍ ଭିତରେ ରଖିଥିବା ୩୮କେଜି ୬୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି । ଗିରଫ ଦୁଇଜଣ ହେଲେ ମହମ୍ମଦ ଆସିଫ୍ ଓ ସବିଥ୍ କୋଭିଲକମ୍ ସଦାନନ୍ଦନ । ନିର୍ଭରଯୋଗ୍ୟରୁ ସୂଚନା ପାଇ ପୋଲିସ ଓୟୋରେ ଚଢାଉ କରିବା ପରେ ଗିରଫ କରିଥିବା ଦୁଇଜଣଙ୍କ ନିକଟରୁ ଦୁଇଟି ଜରିବସ୍ତା ଜବତ ହୋଇଥିଲା । ଜବତ ଜରି ବସ୍ତାରେ ୩୦ ପ୍ୟାକେଟ୍ ଲେଖାଏଁ ଚୋରା ଗଞ୍ଜେଇ ଥିବା ପୋଲିସ କହିଛି । ଗିରଫ ଦୁଇଜଣ ବ୍ରହ୍ମପୁର ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ବେଙ୍ଗାଲୁରୁ ନେଇଥିଲେ ଭାୟା ଭୁବନେଶ୍ୱର । ଟ୍ରେନ୍‌ରେ ଯିବା ପାଇଁ ଓୟୋରେ ଅଟକିଥିବା ବେଳେ ଗଞ୍ଜେଇ ବାସ୍ନା ପାଇବା ପରେ ପୋଲିସକୁ ଖବର କରିଥିଲେ ଲୋକେ । ଗିରଫ ଆସିଫ୍ ଓ ସବିଥ୍‌କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଆବେଦନକାରୀଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

# ନାଟ୍-ପିସିଆର ସପକ୍ଷରେ ବିଶେଷଜ୍ଞଙ୍କ ରିପୋର୍ଟ ଉପସ୍ଥାପନ

କଟକ,(ସବ୍ୟୁ): ରାଜ୍ୟର ବାକି ରହିଯାଇଥିବା ୪୫ଟି ରକ୍ତ ସଂଗ୍ରହ କେନ୍ଦ୍ରରେ ନାଟ୍-ପିସିଆର(ନିଉକ୍ଲିକ୍ ଏସିଡ୍ ଆମ୍ପିଫିକେସନ୍ ଟେଷ୍ଟ -ପଲିମର ଚେନ୍ ରିଆକ୍ସନ) ପରିବର୍ତ୍ତେ ନାଟ୍ ଆଇଡି ପରୀକ୍ଷା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲାବେଳେ ଏହାକୁ ବିରୋଧ କରି ଆଜି ଆବେଦନକାରୀ ଆଇନଜୀବୀ ତଥା ମାନବାଧିକାର କର୍ମୀ ତିନୋଟି ବିଶେଷଜ୍ଞଙ୍କ ରିପୋର୍ଟ ଅଦାଲତରେ ଉପସ୍ଥାପନ କରିଛନ୍ତି। ଏହି ସମସ୍ତ ରିପୋର୍ଟରେ ନାଟ୍ ପିସିଆର ଟେଷ୍ଟ ଭଲ ବୋଲି କୁହାଯାଇଛି । ଉକ୍ତ ରିପୋର୍ଟ ଆଧାରରେ ଆବେଦନକାରୀ ସମସ୍ତ ରକ୍ତ ସଂଗ୍ରହ କେନ୍ଦ୍ରରେ ନାଟ୍-ପିସିଆର ପରୀକ୍ଷା ବ୍ୟବସ୍ଥା କରିବା ଲାଗି ଅଦାଲତ ଅନୁମତି ଦେବାକୁ ପ୍ରାର୍ଥନା କରିଛନ୍ତି। ଏଥିସହ ୯ମାସରେ ଏହି ପ୍ରକ୍ରିୟା ଶେଷ ପାଇଁ ସ୍ୱାସ୍ଥ୍ୟ ବିଭାଗ ଯେଉଁ ସମୟ ମାଗିଛି ଏହା ପୂର୍ବରୁ କାମ ଶେଷ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ଏହି ଜବାବ ଉପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୨ କୁ ଧାର୍ଯ୍ୟ ହୋଇଛି। ଏଚ୍‌ଆଇଭି ସଂକ୍ରମିତ ବ୍ଲଡ ଜାଣିବା ଲାଗି ନାଟ୍-ପିସିଆରର ଆବଶ୍ୟକତା ରହିଛି। ରାଜ୍ୟର ବିଭିନ୍ନ ରକ୍ତ ସଂଗ୍ରହ କେନ୍ଦ୍ରରେ ଏହି ସୁବିଧା ନଥିବାରୁ ଆବେଦନକାରୀ ଶ୍ରୀ ଦାସ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ, ରଜ୍ୟରେ ୫୬ଟି ରକ୍ତ ସଂଗ୍ରହ କେନ୍ଦ୍ର ରହିଛି । ସେଥିରୁ ୧୧ଟି ମୁଖ୍ୟ ରକ୍ତ ସଂଗ୍ରହ କେନ୍ଦ୍ରରେ ନାଟ୍-ପିସିଆର ପରୀକ୍ଷା କରାଯାଉଛି। ଅନ୍ୟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ । କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ବିଭିନ୍ନ ରକ୍ତ ସଂଗ୍ରହ କେନ୍ଦ୍ରରେ ଏହି ପରୀକ୍ଷା ସୁବିଧା ନହେବାରୁ ଆବେଦନକାରୀ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ ।

# ଶିକ୍ଷା ଓ ସଂସ୍କାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ : ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, (ସବ୍ୟୁ): କିଟ୍‌ରେ ୫ ଦିନିଆ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୁଟାନ ସରକାର କିଟ୍‌କୁ ପଠାଇଥିବା ୩୧ ଜଣିଆ ବୌଦ୍ଧ ଶିକ୍ଷକ ପ୍ରତିନିଧିମଣ୍ଡଳ ଆଜି ସକାଳେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ପରେ ସେମାନେ ଏକ ଆଧ୍ୟାତ୍ମିକ ଶିକ୍ଷଣ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଶିକ୍ଷା ଓ ସଂସ୍କାର, କର୍ମ ଓ ପ୍ରାରବ୍ଧ ଏବଂ ଆର୍ଟ ଅଫ୍ ଗିଭିଂ ଭଳି ୩ଟି ବିଷୟରେ ବୁଝାଇଥିଲେ। ଶ୍ରୀ ସାମନ୍ତ କହିଲେ ବର୍ତ୍ତମାନ ସମୟରେ ଶିକ୍ଷା ସହ ସଂସ୍କାର ଏକାନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନ ସମୟରେ ଜଣେ କେବଳ ଉଚ୍ଚ ଶିକ୍ଷା ପାଇଗଲେ ସେ ସଫଳ ମଣିଷ ହୋଇପାରିବ ନାହିଁ। ଜଣେ ସଫଳ ମଣିଷ ହେବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ସଂସ୍କାର ଜ୍ଞାନ ହାସଲ କରିବାକୁ ହେବ। ମଣିଷ ଯାହା କରେ ତାର ଫଳ ଅବଶ୍ୟ ତାକୁ ପ୍ରାପ୍ତ ହୋଇଥାଏ । ଗୀତା, ରାମାୟଣ ଓ ମହାଭାରତ ଆଖ୍ୟାନ ଜରିଆରେ ଶ୍ରୀ ସାମନ୍ତ ବୁଝାଇ କହିଲେ, ଅନ୍ୟକୁ ଦୁଃଖ ଦେଇ ନିଜେ ସୁଖ ପାଇବା କ୍ଷଣିକ, ମାତ୍ର ଏହାର ପରିଣାମ ପରବର୍ତ୍ତୀ ସମୟରେ ନିଶ୍ଚିତ ଭାବେ ପ୍ରାପ୍ତ ହୋଇଥାଏ। ଶ୍ରୀ ସାମନ୍ତ କହିଲେ ଆର୍ଟ ଅଫ୍ ଗିଭିଂ ହେଉଛି ଏକ ଜୀବନ ଦର୍ଶନ। ଦେବାରେ ଆନନ୍ଦ ଥାଏ। ତେଣୁ କୌଣସି ଉପାୟରେ ଅନ୍ୟକୁ ସାହାଯ୍ୟ କରିପାରିଲେ ଜୀବନ ସୁଖମୟ ହୋଇଥାଏ ବୋଲି ସେ କହିଥିଲେ। ଭୁଟାନର ବିଭିନ୍ନ ବିଦ୍ୟାଳୟରୁ ୩୦ ଜଣ ବୌଦ୍ଧ ଶିକ୍ଷକ, ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରାଳୟର ଜଣେ ସଂଯୋଜକଙ୍କୁ ନେଇ ଗଠିତ ପ୍ରତିନିଧିମଣ୍ଡଳୀକୁ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ ଭୁଟାନ ସରକାର କିଟ୍‌କୁ ପଠାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଆଧ୍ୟାତ୍ମିକତା, ଆର୍ଟ ଅଫ୍ ଗିଭିଂ, କରୁଣା ଏବଂ ମୂଲ୍ୟ-ଭିତ୍ତିକ ଶିକ୍ଷା ବିଷୟରେ ଜାଣିବା ସହ ଶିକ୍ଷାରେ ସଚେତନତା, କିଶୋର ଭାବପ୍ରବଣତା, ସାମାଜିକ ବିକାଶ, ବ୍ୟକ୍ତିଗତ ଏବଂ ସାମୂହିକ କଲ୍ୟାଣ ପାଇଁ ସାମଗ୍ରିକ ଦୃଷ୍ଟିକୋଣ ଭଳି ବିଷୟବସ୍ତୁ ଉପରେ ଜ୍ଞାନ ଆହରଣ କରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବୌଦ୍ଧ ଶିକ୍ଷକମାନେ ପାରମ୍ପରିକ ଜ୍ଞାନକୁ ସମସାମୟିକ ଶିକ୍ଷାଗତ ଅଭ୍ୟାସ ସହିତ ମିଶ୍ରଣ କରିବା ଦିଗରେ ସେମାନଙ୍କର ଦକ୍ଷତାକୁ ମଜବୁତ କରିବେ। ଏହା ସହ ଭୁଟାନର ଭବିଷ୍ୟତ ପିଢ଼ି ପାଇଁ ମୂଲ୍ୟ-ଭିତ୍ତିକ, କରୁଣାପୂର୍ଣ୍ଣ ଏବଂ ସାମଗ୍ରିକ ଶିକ୍ଷା ପରିବେଶକୁ ପରିପୁଷ୍ଟ କରିବା ପାଇଁ ଏହି ଶିକ୍ଷକମାନେ ପ୍ରତିବଦ୍ଧ ହେବେ ବୋଲି ସେମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପାଇଁ ଭୁଟାନ କିଟ୍ ଓ କିସ୍‌କୁ ସେମାନଙ୍କର ଅଂଶୀଦାର ଭାବରେ ଗ୍ରହଣ କରିଛି । ଏହା ମୂଲ୍ୟ-ଭିତ୍ତିକ ଶିକ୍ଷା, ମାନବିକ ସେବା, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଜ୍ଞାନ ସହିତ ଆଧୁନିକ ଶିକ୍ଷାବିଜ୍ଞାନକୁ ମିଶ୍ରଣ କରିବା ଦିଗରେ ଏକ ପ୍ରୟାସ। କିଟ୍ ରେ ସେମାନଙ୍କୁ ଏଭଳି ଆଧ୍ୟାତ୍ମିକ ଜ୍ଞାନ ଆହରଣ ସହ ଅଚ୍ୟୁତ ସାମନ୍ତଙ୍କ ସହ ଭାବ ବିନିମୟ କରି ବେଶ ସନ୍ତୋଷ ବ୍ୟକ୍ତ କରିଥିଲେ।



## ମହିଳାଙ୍କ ବେକରୁ ସୁନା ଚେନ ଲୁଟ

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ନାରିଶୋ ଶାସନରେ ଦୁଇ ଜଣ ଦୁର୍ବୃତ୍ତ ସୁନା ଚେନ ଲୁଟ କରି ଚମ୍ପଟ ମାରିଛନ୍ତି । ନରିଶୋ ଗ୍ରାମର ରବିନାରାୟଣ ଷଡ଼ଙ୍ଗୀଙ୍କ ପନିୀ ସ୍ନେହଲତା ଷଡ଼ଙ୍ଗୀ (୭୧) ସକାଳ ଛଅ ଟାରେ ନିଜ ଗାଁ ଦାଣ୍ଡରୁ ଫୁଲ ତୋଳି ଘରକୁ ଫେରୁ ଥିବା ବେଳେ, ଦୁଇ ଜଣ ଦୁର୍ବୃତ୍ତ ଏକ ହୋଣ୍ଡା ବାଇକରେ ଆସିଥିଲେ । ଜଣେ ଗାଡ଼ିରେ ବସିଥିବା ବେଳେ ଅନ୍ୟ ଜଣେ ଗେଟ ପାଖକୁ ଆସି ନିତ୍ୟାନନ୍ଦ ସାରଙ୍କ ଘର କେଉଁଠା ବୋଲି ପଚାରିଥିଲେ । ସ୍ନେହଲତା ଏମିତି କେହି ଲୋକ ଏଠି ନଥିବା କହିବା ସମୟରେ, ସେ ଗ୍ରିଲକୁ ଧକ୍କା ମାରି ସ୍ନେହଲତାଙ୍କ ବେକରୁ ଦୁଇ ଭରିର ସୁନା ଚେନ ଲୁଟି ନେଇ ପଳାଇ ଥିଲେ । ଏନେଇ ପରିବାର ପକ୍ଷରୁ ବାଲିପାଟଣା ଥାନା ରେ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳକୁ ଆସି ତଦନ୍ତ ଚଳାଇଛି ଓ ଦୁର୍ବୃତ୍ତ ମାନେ ଫେରାର ଅଛନ୍ତି ।

## ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଟିମ୍

# ଅପରାହ୍ନ ସୁଦ୍ଧା ୨୫୦ରୁ ଅଧିକ ରୋଗୀ ତାଲିକାଭୁକ୍ତ

ଭୁବନେଶ୍ୱର/କଟକ (ସବ୍ୟୁ): ମାଲକାନଗିରି ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ସୋମବାର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ବିଶେଷଜ୍ଞ ଟିମ୍ ମାଲକାନଗିରି ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ପହଞ୍ଚିଛନ୍ତି । ଏହି ଟିମ୍ ସେଠାରେ ୨୧ ତାରିଖ ପର୍ଯ୍ୟନ୍ତ ରହି ବିଶେଷଜ୍ଞ ସେବା ଓ ଚିକିତ୍ସା ଯୋଗାଇବେ । ଲାପ୍ରୋସ୍କୋପି ସର୍ଜରୀ ବିଭାଗର ବରିଷ୍ଠ ଡାକ୍ତର ଜ୍ୟୋର୍ତିମୟ ନାୟକ, ନେଫ୍ରୋଲୋଜି ବିଭାଗର ଡାକ୍ତର ଡି. ଲେଙ୍କା, ନ୍ୟୁରୋଲୋଜି ବିଭାଗର ଡାକ୍ତର ଏସ୍. ସାହୁ ଏବଂ ଡାକ୍ତର ରାଜ ମହାପାତ୍ରଙ୍କ ସମେତ ସହାୟକମାନେ ଆଜି ସକାଳୁ ସେଠାରେ ରୋଗୀଙ୍କର ପ୍ରାରମ୍ଭିକ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଛନ୍ତି । ଆଜି ଅପରାହ୍ନ ସୁଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୫୦ରୁ ଅଧିକ ରୋଗୀ ବିଶେଷଜ୍ଞ ସେବା ନିମନ୍ତେ ତାଲିକାଭୁକ୍ତ ହୋଇଛନ୍ତି । ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି । ଡାକ୍ତରୀ ଟିମ୍ ପ୍ରତି ରୋଗୀଙ୍କର ପ୍ରାଥମିକ ପରୀକ୍ଷା କରି ଚିକିତ୍ସା ନିମନ୍ତେ ସେମାନଙ୍କର ସବିଶେଷ ତଥ୍ୟ ପ୍ରସ୍ତୁତ କରୁଛନ୍ତି । ଆସନ୍ତାକାଲି (ମଙ୍ଗଳବାର) ସିନିୟର୍ ବିଶେଷଜ୍ଞ ଟିମ୍ ପହଞ୍ଚିବା ପରେ ରୋଗୀଙ୍କର ଆବଶ୍ୟକୀୟ ଚିକିତ୍ସା ଓ ଅସ୍ତ୍ରୋପଚାର ଆଦି କରାହେବ । ଏପରି ଉଚ୍ଚମାନର ଚିକିତ୍ସା ସୁବିଧା ମାଲକାନଗିରି ଜିଲ୍ଲା ଭଳି ଉପାନ୍ତ ଅଞ୍ଚଳରେ ପହଞ୍ଚି ଥିବାରୁ ଜିଲ୍ଲାର ବୁଦ୍ଧିଜିବୀମାନେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



# ସଡକ ଦୁର୍ଘଟଣାରେ ଝିଅ ମୃତ, ଅଳ୍ପକେ ବର୍ତ୍ତିଲେ ବାପା ଓ ଭାଇ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଟ୍ରକ ଦୁର୍ଘଟଣାରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଦୁଇ ଭାଇ ଅଳ୍ପକେ ବର୍ତି ଯାଇଛନ୍ତି । ମୃତ ନାବାଳିକା ଜଣକ ହେଲେ କାଳିଆବାଲିର ଅବସରପ୍ରାପ୍ତ ଆର୍ମି ଏସ୍. ଦେବରାଜ ରେଡ୍ଡୀଙ୍କ ଝିଅ ଏସ୍. ସୃତି ରେଡ୍ଡୀ(୧୫) । ସୂଚନା ମୁତାବକ ଦେବରାଜ ନିଜ ସ୍କୁଟି ଯୋଗେ ଦୁଇ ପୁଅ ଓ ଝିଅକୁ ବସାଇ କାଳିଆବାଲିରୁ ଛତ୍ରପୁର ଟିଉ୍ୟୁସନ ଛାଡିବାକୁ ଯାଉଥିଲେ । ସ୍ଥାନୀୟ ଡିଆରଡିଏ ଛକରୁ ଛତ୍ରପୁର ଅଭିମୁଖେ ବୁଲିବା ସମୟରେ ଏକ ଗାଡି ତାଙ୍କୁ ଅତିକ୍ରମ କରିଥିବାରୁ ସ୍କୁଟି ଚାଳକ ଭାରସ୍ୟାମ ହରାଇ ରାଜପଥରେ ପଡିଯାଇଥିଲେ । ସେହି ସମୟରେ ପଛପଟୁ ଏକ ଟ୍ରକ ଓଡି୦୨ ସିଏମ୩୧୬୫ ର ଚକତଳେ ଝିଅ ସୃତି ପଡିଯାଇଥିଲା ଓ ଅନ୍ୟମାନେ ରାସ୍ତାରେ ଛିଟିକି ପଡିଥିଲେ । ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଛତ୍ରପୁର ମେଡିକାରେ ଭର୍ତି କରାଯାଇଥିବା ବେଳେ ଡାକ୍ତର ସୃତିକୁ ମୃତ ଘୋଷଣା କରିଥିଲେ । ଦୁଇ ଭାଇ ଏସ୍.ବିକାଶ ଓ ଏସ.ଲୋକେଶ ଏବଂ ବାପା ଏସ.ଦେବାରାଜ ବର୍ତି ଯାଇଥିଲେ । ଏସ୍, ସୃତି କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିବା ଜଣାପଡିଛି । ଖବର ପାଇ ଛତ୍ରପୁର ମେଡିକାଲରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଛତ୍ରପୁର ଏସଡିପିଓ ଅନ୍ୟାନ୍ୟ ଅଧିକାରୀମାନେ ପହଁଚି ଥିଲେ । ପୁଲିସ ଟ୍ରକକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି । ମେଡିକାଲରେ ପହଂଚି ଶବକୁ ମଧ ଜବତ କରି ମୃତ ଦେହକୁ ଜବତ କରି ବ୍ୟବଛେଦ ପାଇ ପଠାଇଛନ୍ତି । ଘଟଣାର ତଦନ୍ତ ଜାରି ରହିଛି ।

# ଆଇନ ସଚେତନତା ଶିବିର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ତାଲୁକା ଆଇନ ସେବା କମିଟି ପକ୍ଷରୁ ବିରଞ୍ଚିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜେଏମଏଫସି କୋର୍ଟର ବିଚାରପତି ସୁଧାଶ୍ରୀ ସୁରଝାଲିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡ଼ା ପୋଲିସ ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକ, ସମ୍ପାଦକ ସିମାଞ୍ଚଳ ନନ୍ଦ, ସରକାରୀ ଓକିଲ ରବିନ୍ଦ୍ର କୁମାର ପଣ୍ଡା, ଓକିଲ ପ୍ରଭାତ ଜେନା ଓ ଭକ୍ତରାମ ଦାସ, ସରପଞ୍ଚ ମନ୍ଦାକିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା ।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅମଲା ସଂଘର ଧାରଣା

ଭଞ୍ଜନଗର, (ସବ୍ୟୁ): ଗତ ଅଗଷ୍ଟ ୧୧ ତାରିଖରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ୯ ଦଫା ଦାବି ନେଇ ସମୂହ ଛୁଟିରେ ଅଛନ୍ତି ପ୍ରାୟ ୧୦ ହଜାର ଅମଲା । ରାଜ୍ୟ ସଂଘର ଆହ୍ୱାନ କ୍ରମେ ଗଞ୍ଜାମ ଜିଲ୍ଲାରେ ମଧ ଏହି ଆନ୍ଦୋଳନ ଚାଲିଥିବା ବେଳେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରୁ ୬ଶହରୁ ଅଧିକ ରାଜସ୍ୱ ଅମଲା କର୍ମଚାରୀ ପ୍ରବଳ ବର୍ଷାକୁ ଖାତିର ନକରି ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି । ସରକାର ସେମାନଙ୍କ ଦାବି ନ ଶୁଣିଲେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବାକୁ ନିଷ୍ପତି ନେଇଛି ଅମଲା ସଂଘ । ସେମାନଙ୍କ ଦାବି ମଧ୍ୟରେ ମୂଳ ଦରମା ଓଆରଏସ ପି- ୨୦୧୭ ନିୟମ ଅନୁଯାୟି ଲେବେଲ- ୯ ବୃଦ୍ଧି କରିବା, ନୂତନପଦ ସୃଷ୍ଟି ଓ ପଦବୀ ପୁନର୍ଗଠନ, ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସମେତ ଅନ୍ୟାନ୍ୟ ଦାବି ନେଇ ଏହି ଆନ୍ଦୋଳନ ଚାଲିଛି । ଯେତେଦିନ ପର୍ଯ୍ୟନ୍ତ ସରକାର ଏସବୁ ଦାବି ମାନି ନାହାନ୍ତି ସେତେ ଦିନ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଅମଲା ମାନଙ୍କ ଆନ୍ଦୋଳନ ଯୋଗୁଁ ରାଜସ୍ୱ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଛି । ଫଳରେ ବହୁ ସାଧାରଣ ଲୋକେ ହଇରାଣ କରକତ ହେଉଛନ୍ତି । ଏଥିପାଇଁ ସରକାର ଓ ରାଜସ୍ୱ ମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି ଅମଲା ସଂଘ । ଏଥିରେ ଓଡିଶା ରାଜସ୍ୱ ଅମଲା ସଂଘ ଗଞ୍ଜାମ ଜିଲା ସଭାପତି ପିଏସ୍. ରଜନୀକାନ୍ତ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ବେହେରା, ସାଙ୍ଗଠନିକ ସମ୍ପାଦକ ସୁରେଶ ରେZI, ରାମକୃଷ୍ଣ ମହାନ୍ତିଙ୍କ ସମେତ ଭଞ୍ଜନଗର ଉପଖଣ୍ଡର ସମସ୍ତ ଅମଲା ସହଯୋଗ କରିଥିଲେ ।

# ବେପରୁଆ କାର୍ ଚାଳନାରୁ ସିରିଜ୍ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଲୋକେ

ଭଂଜନଗର, (ସବ୍ୟୁ): ଦୋକାନ ଭିତରକୁ ମାଡ଼ିଗଲା ଚଳନ୍ତା କାର । ସିରିଜ୍ ଦୁର୍ଘଟଣା ଘଟାଇ ଏକା ସାଙ୍ଗରେ ୪ ବାଇକ୍ ଏବଂ ଗୋଟିଏ ଅଟୋକୁ ଧକ୍କା ଦେଲା । ପରେ ରାସ୍ତା କଡ଼ରେ ରହିଥିବା ଗୋଟିଏ ଟ୍ରକ୍ କୁ ମଧ ଧକ୍କା ଦେଇଥିଲା । ଗୋଟିଏ ଅଟୋ ଏବଂ ଦୁଇଟି ବାଇକ୍ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ, କୌଣସି ଲୋକ ଆହତ ହୋଇନାହାନ୍ତି । କେବଳ କାର୍ ଡ୍ରାଇଭର ହିଁ ଆହତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ବଜାର ଉପରେ ଘଟିଛି ଏଭଳି ଭୟଙ୍କର ଦୁର୍ଘଟଣା । ଓଡି ୩୩ ଏସ୍ ୭୪୯୩ ନମ୍ବର କାର୍ ଟି ବ୍ରହ୍ମପୁରରୁ ଭଂଜନଗର ଅଭିମୁଖେ ଯାଉଥିଲା । ଡ୍ରାଇଭର ଜଣକ କହିବା ପ୍ରକାରେ, ଆଖି ଲାଗିଯିବାରୁ ଏଭଳି ସିରିଜ୍ ଦୁର୍ଘଟଣା ଘଟିଲା । ତେବେ ଖବର ପାଇ ଗାଙ୍ଗପୁର ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସମସ୍ତ ଗାଡି ଗୁଡ଼ିକୁ ଜବତ କରିବା ସହ କାର୍ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି ।

## ପିଆରଏମ୍ ମେଡିକାଲରେ

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଫାଟକରେ ଲେଖାଯାଉ ସାନ୍ତାଳୀ ଭାଷା

## ମାସାଆର୍ମୀର ଦାବିପତ୍ର

ବାରିପଦା, (ସବ୍ୟୁ) : ଦୀର୍ଘ ବର୍ଷ ଆନ୍ଦୋଳନ ପରେ ମୟୂରଭଞ୍ଜରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି ଏବଂ ଏହାର ନାମ କରଣ କରାଯାଇଛି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ମେଡିକାଲ କଲେଜ ନାମକରଣ କରାଯାଇଥିଲେ ମଧ ତାଙ୍କର ପ୍ରତିମୂର୍ତ୍ତି ମେଡିକାଲ କଲେଜ ପରିସରରେ ତିଆରି ନହେବା ସାନ୍ତାଳୀ ଓ ଆଦିବାସୀ ସମାଜକୁ ଗଭୀର ଆଘାତ ଦେଇଥିବାରୁ ମାସାଆର୍ମୀ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଯେଉଁ ଉପଲବ୍ଧି ପାଇଁ ସରକାର ତାଙ୍କୁ ସମ୍ମାନିତ କରିଛନ୍ତି, ସାନ୍ତାଳୀ ଭାଷାର ଲିପି ସୃଷ୍ଟି ପାଇଁ ସେ ଭାଷାର ଲିପିରେ ମଧ ମୁଖ୍ୟ ଫାଟକ ବୋର୍ଡରେ ଲେଖା ଯାଇ ନାହିଁ ତେଣୁ ଜିଲ୍ଲାପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଭିତ୍ତିଭୂମି ବିକାଶ ସହିତ ମେଡିକାଲ କଲେଜ ପରିସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଓ ମେଡିକାଲ ମୁଖ୍ୟ ଫାଟକର ବୋର୍ଡରେ ସାନ୍ତାଳୀ ଭାଷାରେ ଲେଖିବାକୁ ଅନୁମୋତି ଦିଆଯାଉ ବୋଲି ମାସାଆର୍ମୀ ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ନିବେଦନ କରିଛନ୍ତି।



# କୁଲାଡରେ ଆଇନ ସଚେତନତା ଶିବିର

କୁଲାଡ଼, (ସବ୍ୟୁ): ଭଞ୍ଜନଗର ତାଲୁକ ଆଇନ ସେବା କମିଟି ଆନୁକୁଲ୍ୟରେ କୁଲାଡ଼ ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେଖ୍ ମହମ୍ମଦ କଏସ ତଥା ଅଧକ୍ଷ, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ, ସମ୍ମାନୀତ ଅତିଥିଭାବେ ଦେବାଶିଷ ବିଷୋୟୀ, ସବଜଜ୍ ଭଞ୍ଜନଗର, ଭିଏନା ନାୟକ, ଜେଏମଏଫସି ଭଞ୍ଜନଗର, ଉମାଶଙ୍କର ବେହେରା ଉପଜିଲ୍ଲାପାଳ ଭଞ୍ଜନଗର, ଡଃ ଦୀପକ କୁମାର ମିଶ୍ର ଏସଡିପିଓ ଭଞ୍ଜନଗର ଅିନାଶ କୁମାର ମାହାର, ତହସିଲଦାରଭଞ୍ଜନଗର, କେ. କାର୍ତ୍ତିକଦୋରା, ଅତିରିକ୍ତ ତହସିଲଦାର ଭଞ୍ଜନଗର ଏସଆଇ ଲକ୍ଷ୍ମୀଧର ମହାନ୍ତି, ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣ ଯୋଜନା ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏଥିରେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଭି. ସଂଯୁକ୍ତା ରାଜୁ, ନାଏବ ସରପଞ୍ଚ ସୁନୀଲ କୁମାର ଦାଶ, ପଞ୍ଚାୟତର ଓ୍ୱାର୍ଡ ସଭ୍ୟ, ସଭ୍ୟା ଆରଆଇ ଭଗବାନ ବେହେରା, ଓକିଲ ସୂର୍ଯ୍ୟ ନାରାୟଣ ନାୟକ, ରାମକୃଷ୍ଣ ଦାଶ, ରଞ୍ଜିତ କୁମାର ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ଆଡଭୋକେଟ ଅଳକା ମଞ୍ଜରୀ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ନାଏବ ସରପଞ୍ଚ ସୁନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ

# ବାଣିଜ୍ୟ ବିଭାଗରେ ମାର୍କେଟର ଏକଲବ୍ୟ ଶୀର୍ଷକ ଆଲୋଚନା ଚକ୍ର

ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କର ଅର୍ଥ ମନ୍ତ୍ରାଳୟ ଓ ଏନ.ଏସ.ଡି.ଏଲ. ସହଭାଗିତାରେ ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ମାର୍କେଟର ଏକଲବ୍ୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷା ଡଃ ଆଲବେର୍ଟିନା ତିର୍କୀଙ୍କ ଅଧକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଡଃ ତିର୍କୀ ନିଜ ବକ୍ତବ୍ୟରେ ବାଣିଜ୍ୟ ସହ ମଣିଷର ସମ୍ପର୍କ, ମହତ୍ତ୍ୱ ଏବଂ ବାଣିଜ୍ୟ ଶିକ୍ଷା କିଭଳି ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଭିନ୍ନ ବିଭାଗରେ କର୍ମ ନିଯୁକ୍ତି ସୃଷ୍ଟି କରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ନିଜ ବକ୍ତବ୍ୟରେ ଭାରତର ଅର୍ଥନୀତି, ବିଶ୍ୱ ବଜାରରେ ଲାଗି ରହିଥିବା ଅସ୍ଥିରତା ଓ ଭାରତର ପୁଞ୍ଜି ବଜାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପ୍ରଶାସନିକ ମୁଖ୍ୟ ଡଃ ପ୍ରିୟବ୍ରତ ବେହେରା ପ୍ରାଚୀନ କାଳରୁ ସଭ୍ୟତା ସହିତ ବାଣିଜ୍ୟର ସମ୍ପର୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ବିଷୟ ବିଶେଷଜ୍ଞ ଭାବେ ଏନ.ଏସ.ଡି.ଏଲ. ର ପ୍ରତିନିଧି ନିହାରିକା ଗୁପ୍ତା ଭାରତର ସେୟାର ବଜାର ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବିଭାଗୀୟ ସହକାରୀ ପ୍ରଫେସର ଭୀମଚରଣ ମୁର୍ମୁ, ସୀମା ଅଗରଓ୍ୱାଲ ଓ ଡଃ ଅନାମ ଚରଣ ରାଉଳ ବାଣିଜ୍ୟ କ୍ଷେତ୍ରରେ ଆଗାମୀ ସମୟରେ ଆସୁଥିବା ସଙ୍କଟର କିଭଳି ସମ୍ମୁଖୀନ କରିହେବ ସେ ସମ୍ବନ୍ଧରେ ମତପ୍ରକାଶ କରିଥିଲେ । ଶେଷରେ ଗତ ୨୦୨୨ ଅଗଷ୍ଟ ମାସରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସହକାରୀ ପ୍ରଫେସର ମନୀଷା ଶର୍ମାଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଅତିଥି ଅଧାପକ ରତିକାନ୍ତ ବାରିକ, ସାଇମା ଫିର୍ଦୋସ, ସୁଜାତା ବେହେରା, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା, ଅମ୍ରିତା ମହାନ୍ତି ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସହକାରୀ ପ୍ରଫେସର ଭୀମଚରଣ ମୁର୍ମୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଲାଲଙ୍କ କବଜାରେ ଚିକିଟି ତହସିଲ ଓ ଉପ-ନିବନ୍ଧ କାର୍ଯ୍ୟାଳୟ

ବ୍ରହ୍ମପୁର, (ସବ୍ୟୁ): ଚିକିଟି ତହସିଲ ଓ ଉପ-ନିବନ୍ଧ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ରୂପେ ଦଲାଲ ମାନଙ୍କ କବଜାରେ ରହିଛି । ତହସିଲ କାର୍ଯ୍ୟାଳୟରେ ଜମିପଟ୍ଟା, ସିମା ନିର୍ଦ୍ଧାରଣ, ମାଜିଷ୍ଟ୍ରେଟଙ୍କ ଦ୍ୱାରା ହେଉଥିବା ସତ୍ୟପାଠ, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର, ରାଜସ୍ୱ ମାମଲାର ପ୍ରାମାଣିକ ପ୍ରତିଲିପି ବାହାର କରିବା ସେହିପରି ଉପ -ନିବନ୍ଧ କାର୍ଯ୍ୟାଳୟରେ ଜମି କ୍ରୟ ଓ ବିକ୍ରୟ ଦସ୍ତାବିଜ, ଇଚ୍ଛାପତ୍ର ଓ ବିବାହ ପଞ୍ଜିକରଣ ଇତ୍ୟାଦି ଇତ୍ୟାଦି ସ୍ଥାନୀୟ ଦଲାଲମାନଙ୍କୁ ନଧରିଲେ କିଛି କାମ ହେଉ ନାହିଁ । ଏମାନଙ୍କ ମଧୁଚନ୍ଦ୍ରିକା ସ୍ଥାନୀୟ କିରାଣୀ ଓ ତହସିଲଦାରଙ୍କ ସହିତ ରହିଛି ବୋଲି ଅଭିଯୋଗ ହେଉଛି । ଏମାନେ ମୋଟା ଅଙ୍କର ଟଙ୍କା ଜନସାଧାରଣଙ୍କ ଠାରୁ ଲୁଟୁଛନ୍ତି । ଏମାନଙ୍କ ତହସିଲ ଓ ଉପ -ନିବନ୍ଧ କାର୍ଯ୍ୟାଳୟ ଭିତରକୁ ଅବାଧ ପ୍ରବେଶ ରହୁଛି । ଯେଉଁ କାମ ଆଇନଜୀବୀ ମାନଙ୍କ ଦ୍ୱାରା ହେବାକଥା ସେ କାମ ଗୁଡିକ ଏହି ଦଲାଲ ମାନଙ୍କ ଦ୍ୱାରା କରାଯାଉଛି । ତେଣୁ ମାନ୍ୟବର ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତି ଭାସନଙ୍କୁ ଗଞ୍ଜାମ ଓକିଲ ସଙ୍ଘ ସଭାପତି ମନୋଜ କୁମାର ପଟ୍ଟନାୟକ ଜଣାଇଛନ୍ତି । ଚିକିଟି ତହସିଲ ଓ ଉପ -ନିବନ୍ଧ କାର୍ଯ୍ୟାଳୟର ପରିସର ଭିତରୁ ଦଲାଲମାନଙ୍କ ଅବାଧ ପ୍ରବେଶକୁ ବନ୍ଦ କରାଯାଉ, ବିନା ପରିଚୟ ପତ୍ରରେ କାହାରିକୁ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରାନଯାଉ । ଯେଉଁମାନେ ନିଜକୁ ଓକିଲ ବୋଲି କହି ଦଲାଲି କରୁଛନ୍ତି ସେମାନଙ୍କର ପରିଚୟ ପତ୍ର ଯାଞ୍ଚ ନିୟମିତ କରାଯାଉ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି ।

## ପୋଲିସକୁ ପୁଣି ସଫଳତା

# ଅପହୃତ ଗ୍ରାନାଇଟ ମ୍ୟାନେଜର ଆନ୍ଧ୍ରରୁ ଉଦ୍ଧାର, ୭ ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ): ପାରଳାଖେମୁଣ୍ଡି ପୋଲିସକୁ ପୁଣି ଏକ ବଡ଼ ସଫଳତା ମିଳିଛି । ଗ୍ରାନାଇଟ ମ୍ୟାନେଜରଙ୍କୁ ଅପହରଣ କରିନେବା ସହ ୧୦ ଲକ୍ଷ ଟଙ୍କା ଦାବି କରିବା ଘଟଣାରେ ପୋଲିସ ୭ ଜଣଙ୍କୁ ଆନ୍ଧ୍ରରୁ ଗିରଫ କରିଛି । ଗ୍ରାନାଇଟ ମ୍ୟାନେଜରଙ୍କୁ ମଧ ପୋଲିସ ଉଦ୍ଧାର କରିଥିବା ସୂଚନା ମିଳିଛି । ପ୍ରକାଶଯେ, ପାରଳାଖେମୁଣ୍ଡି ସହର ଉପକଣ୍ଠର ଡାମଣୀ ଗ୍ରାମରେ ଥିବା ଶ୍ରୀହରି ଗ୍ରାନାଇଟର ମ୍ୟାନେଜର ଧର୍ମେନ୍ଦ୍ର କୁମାରଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରି ନେଇଥିଲେ । ତାଙ୍କୁ ମୁକ୍ତ କରିବା ପାଇଁ ୧୦ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଦାବି କରିଥିଲେ । ଏହି ଘଟଣାଟି ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ ହେବାପରେ ଥାନା ଆଇଆଇସି ପ୍ରଶାନ୍ତ ଭୂପତି ଘଟଣା ନେଇ ସବୁ ଦିଗରୁ ସୁଚିନ୍ତିତ ଭାବେ ଅନୁଧ୍ୟାନ କରି ତଦନ୍ତ କରିଥିଲେ । ଏଥିରେ ପୋଲିସକୁ ସମ୍ପୂର୍ଣ୍ଣ ସଫଳତା ମିଳିଥିଲା । ଅପହୃତ ଗ୍ରାନାଇଟ ମ୍ୟାନେଜର ଧର୍ମେନ୍ଦ୍ର କୁମାରଙ୍କୁ ପୋଲିସ ଅକ୍ଷତ ଅବସ୍ଥାରେ ଆନ୍ଧ୍ରର ବିଜୟନଗର ଠାରୁ ଉଦ୍ଧାର କରିବା ସହ ଅପହରଣ କରିଥିବା ୭ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ଏସପି ଯତୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଏହି ଅପହରଣ ଘଟଣାରେ ବ୍ୟବହୃତ ୨ ଗୋଟି କାର, ୨୫ ହଜାର ଟଙ୍କା ସମେତ ସମସ୍ତଙ୍କ ଠାରୁ ମୋବାଇଲକୁ ଜବତ କରାଯାଇଛି ।



# ପିସିପୁର ବିଦ୍ୟାଳୟର ଅନ୍ତେବାସୀ ପାଳନ କଲେ ଜନ୍ମାଷ୍ଟମୀ

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ଓ୍ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସର ଅନ୍ତେବାସୀଙ୍କ ଦ୍ୱାରା ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଓଡିଶା ତଥା ଦେଶ ବିଦେଶରେ ଏହି ଉତ୍ସବ ପାଳିତ ହେଉଥିବାବେଳେ ପ୍ରତିବର୍ଷ ପରି ଏବର୍ଷ ମଧ ଛାତ୍ରାବାସର କୁନିକୁନି ପିଲାମାନେ କୃଷ୍ଣ, ରାଧା, ବଳରାମ, ସୁଦାମା, କଂସ, ଗୋପୀ ବେଶରେ ସୁସଜ୍ଜିତ ହୋଇ ମହା ଆନନ୍ଦଉଲ୍ଲାସରେ ନାଚ ଗୀତ ପରିବେଷଣ କରିଥିଲେ। ସମସ୍ତ ଅନ୍ତେବାସୀ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ବେଶ ଆନନ୍ଦିତ ଅନୁଭବ କରୁଥିବାର ଲକ୍ଷ୍ୟ କରାଯାଇଥିଲା। ପିଲାମାନଙ୍କ ନାଚଗୀତରେ ବିଦ୍ୟାଳୟରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଏ ବୋଲି ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଥିଲେ। ଓ୍ୱାର୍ଡେନ ସରୋଜ କୁମାର ସାବତ, ଶିକ୍ଷକ ଗଣେଶ ବେହେରାଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଛାତ୍ରାବାସର ଶିକ୍ଷକ ରବି ମୁଣ୍ଡା, ଶିକ୍ଷୟତ୍ରୀ ନିରୁପମା ସାହୁ ତଥା ବାମାଚରଣ ବାନରା ଓ ଜିତେନ୍ ବାହାଦୁର ଲାମା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।



# ଅଗସ୍ତିନୂଆଗାଁରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ

ଛତ୍ରପୁର, (ସବ୍ୟୁ): ଯୁବ ଆଇଏଏସ ଅଫିସର ଭି.କୀର୍ତ୍ତିଭାସନ ଗଂଜାମ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ଦିନ ଠାରୁ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉଛନ୍ତି । ଏହାସହିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଗଂଜାମ ଜିଲ୍ଲାପାଳ ନିଜେ ଲାପଟପ ଧରି ଲୋକଙ୍କ ଅଭିଯୋଗ ଗୁଡିକୁ ଅନଲାଇନ ମାଧ୍ୟମରେ ଜନ ଶୁଣାଣୀ ପୋର୍ଟାଲରେ ପଞ୍ଜିକରଣ କରିବା ଦେଖିବାକୁ ମିଳିଥିଲା । ଏହାସହ ଲୋକଙ୍କ ଅଭିଯୋଗ ଗୁଡିକ ପଞ୍ଜିକରଣ ହୋଇ ଟ୍ରାକ ହୋଇପାରିବ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ପାଖକୁ ଯାଇ ପାରିବ । ଯାହାଦ୍ୱାରା ଏହାର ସ୍ଥିତି ସମ୍ପର୍କରେ ଲୋକେ ନିଜେ ଅନଲାଇନ ମାଧ୍ୟମରେ ଜାଣି ପାରିବେ । ଏବେ ଆଉ ପାଦେ ଆଗକୁ ଆସି ଲୋକମାନେ କିପରୀ ଦୂରକୁ ନଯାଇ ନିଜ ଅଂଚଳରେ ରହି ନିଜ ନିଜ ସମସ୍ୟା ଗୁଡିକ ଜଣାଇ ପାରିବେ ସେଥି ସକାଶେ ଅଧିକାରୀମାନେ ସେମାନଙ୍କ ନିକଟରେ ପହଞ୍ଚି ପାରିବେ । ତାହା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି । ସେନେଇ ଆଜି ଜିଲ୍ଲାରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ ଆରମ୍ଭ ହେବା ସହିତ ପାତ୍ରପୁର ବ୍ଲକରେ ଜିଲ୍ଲାସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛତ୍ରପୁର ପଞ୍ଚାୟତ ସମିତ ପକ୍ଷରୁ ଅଗସ୍ତିନୂଆଗାଁ ଠାରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୩୦୬ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ସେଥିରୁ ୩୦୩ଟି ବ୍ୟକ୍ତଗତ ଏବଂ ୩ଟି ସାମୁହିକ ରହିଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଅତିରିକ୍ତ ଉପଜିଲ୍ଲାପାଳ ରୀନା ନାୟକ ନୋଡାଲ ଅଫିସର ଭାବେ ଯୋଗଦେଇଥିବା ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଏବିଡିଓ ଜୟଶ୍ରୀ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସରେ ର୍‌ୟାଙ୍ଗିଂ ନିରୋଧ ସପ୍ତାହ

କଟକ, (ସ୍ୱପ୍ର): ର୍ୟାଙ୍ଗି ଏକ ରୁଗ୍‌ଣ ମାନସିକତା । ଏହାଠୁ ସର୍ବଦା ଦୂରରେ ରହି ଛାତ୍ର ଜୀବନର ମୂଲ୍ୟବାନ ସମୟର ସୁବିନିଯୋଗ କରି ଜୀବନର ଲକ୍ଷ୍ୟ ହାସଲ ସହିତ ଦେଶର ଜଣେ ସୁନାଗରିକ ହେବାକୁ ଚେଷ୍ଟିତ ହେବା ଉଚିତ ବୋଲି କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ମତବ୍ୟକ୍ତ କରିଛନ୍ତି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ର୍ୟାଗିଂ ନିରୋଧ ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ସିଂହ କହିଲେ ନିଜର ସ୍ୱପ୍ନ ଓ ପିତାମାତାଙ୍କ ଆଶାଭରସା ନେଇ ପିଲାମାନେ ସ୍କୁଲ, କଲେଜକୁ ଆସିଥାନ୍ତି । ମାତ୍ର ସେମାନେ ପାଠ ପଢାରେ ଧ୍ୟାନ ନଦେଇ ଯଦି ର୍ୟାଙ୍ଗି ଭଳି ଖରାପ କାର୍ଯ୍ୟରେ ଲିପ୍ତ ରହନ୍ତି ତେବେ ଭବିଷ୍ୟତ ନଷ୍ଟ ହେବା ସୁନିଶ୍ଚିତ । ସୁତରାଂ କଲେଜ ଜୀବନର ତିକ୍ତ ନୁହେଁ ପ୍ରତ୍ୟେକ ମଧୁର ଅନୁଭୂତି ନେଇ ଫେରିବା ଆବଶ୍ୟକ । ସେ ଆହୁରି କହିଲେ, ବିଶ୍ୱ ଆଜି ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି । ସୁତରାଂ ନିଜକୁ ତଦନୁଯାୟୀ ପ୍ରସ୍ତୁତ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମକୁ ଉଦଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା, କଠିନ ପରିଶ୍ରମ ଓ ସାଧନା, ଈଶ୍ୱରଙ୍କ ପ୍ରତି ଭକ୍ତି ଓ ପିତାମାତାଙ୍କ ଆଶୀର୍ବାଦ ରହିଲେ ଜୀବନରେ ସଫଳତା ଅବଶ୍ୟମ୍ଭାବୀ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଅନେକ ସମୟରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ହେଉଥିବା ର୍ୟାଙ୍ଗି କିଭଳି ଛାତ୍ର ସମାଜ ଓ ସମଗ୍ର ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନି କରୁଛି ତାହା ଉଲ୍ଲେଖ କରି ଛାତ୍ରଛାତ୍ରୀ ସକରାତ୍ମକ ଚିନ୍ତନ ଓ ଗଠନମୂଳକ କାର୍ଯ୍ୟରେ ନିଜକୁ ଜଡିତ ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ର୍ୟାଙ୍ଗି ମୁକ୍ତ ଶିକ୍ଷାନୁଷ୍ଠାନ ଭାବରେ ଡ୍ରିମ୍‌ସ ବିଗତ ୨୫ବର୍ଷ ଧରି ନିଜର ଗୋର୍ୟରବ ଅକ୍ଷୁର୍ଣ୍ଣ ଆସିଥିବାରୁ ଛାତ୍ରଛାତ୍ରୀଙ୍କୁ ବଧାଇ ଜଣାଇଥିଲେ । ସଂଯୋଜିକା ପ୍ରାଧାପିକା ଡ. ଅନୁରେଖା ନାୟକ ସ୍ୱାଗତ ଅଭିଭାଷଣ ଏବଂ ଓ ପ୍ରାଧାପିକା ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାଧାପିକା ଅନିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ବିବିଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ଅଭିପ୍‌ସା ସ୍କୁଲରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ

କଟକ, (ସ୍ୱପ୍ର): ସ୍ଥାନୀୟ ନେତାଜୀନଗରସ୍ଥିତ ଅଭିପ୍‌ସା ଇଣ୍ଟରନେସନାଲ ସ୍କୁଲରେ ୭୯ତମ ସ୍ୱାଧୀନତା ଦିବସ ଓ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ସଭାପତିତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରେଲେଓ୍ୱ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ସଂସାରୀ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ ସମାଜସେବୀ ଅଭିମନ୍ୟୁ ଦାସ ଯୋଗଦେଇ ସ୍ୱାଧୀନତା ଦିବସ ଉପରେ ମତବ୍ୟକ୍ତ କରିଥିଲେ । ସେ ପିଲାମାନଙ୍କୁ ପାଠ ପଢିବା ସହିତ ସମାଜରେ ଦୁଃଖୀ, ଅଭାବୀ, ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସାହୁ ଛାତ୍ର,ଛାତ୍ରୀମାନଙ୍କୁ ବିନୟୀ, ସରଳ ଓ ସକରାତ୍ମକ ଚିନ୍ତାଧାରା ନେଇ ପ୍ରତ୍ୟେକଟି କାମ କଲେ ସଫଳତା ପ୍ରାପ୍ତ ହୋଇଥାଏ ବୋଲି କହିଥିଲେ । ଏଥିରେ ଛାତ୍ରଛାତ୍ରୀ ମାନେ ସ୍ୱାଧୀନତା ଦିବସ ଉପରେ ରଚିତ ସଙ୍ଗୀତରେ ନୃତ୍ୟ ପରିବେଷଣ କରିବା ସହିତ ପରେଡ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା । ଏଥିରେ ପିଲାମାନଙ୍କୁ କୃଷ୍ଣଜନ୍ମ ବୃତ୍ତାନ୍ତ ଅବଗତ କରାଯାଇଥିଲା । ରାଧାକୃଷ୍ଣ ବେଶଧାରୀ ପିଲାମାନେ ନୃତ୍ୟ ପରିବେଷଣ କରିବା ସହିତ ଦୁର୍ଯ୍ୟୋଧନ ବଦ୍ଧ, ଦଶାବତାର, ଦୌପଦୀ ବିବାହ ଓ ଲଡ୍ଡୁ ଗୋପାଳଙ୍କ ଆରାଧନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଅର୍ପିତା ପତିଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀମାନେ ଓ ଅଭିଭାବକମାନେ ଯୋଗ ଦେଇଥିଲେ ।



# ନାବାଳିକା ଆତ୍ମଦାହ ଘଟଣାର ତଦନ୍ତ କଲେ ରାଜ୍ୟ ମହିଳା କମିଶନ ସଦସ୍ୟା



ପଦ୍ମପୁର, (ସବ୍ୟୁ) : ପଦ୍ମପୁର ଉପଖଣ୍ଡ ଗାଇସିଲାଟ ଥାନା ଫିରିଙ୍ଗିମାଲ ଗାଁ ର ନାବାଳିକା ଆତ୍ମଦାହ ଘଟଣାର ତଦନ୍ତ ପାଇଁ ନାବାଳିକା ପଢୁଥିବା ସ୍କୁଲ ପରିଦର୍ଶନ କଲେ ରାଜ୍ୟ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ । ରାଜ୍ୟ ମହିଳା କମିଶନ ସଦସ୍ୟା ଭାବରେ ଦାୟିତ୍ୱ ଗ୍ରହଣ ପରେ ମୁକ୍ତା ସାହୁ ସୋମବାର ପଦ୍ମପୁର ଉପଖଣ୍ଡ ଗସ୍ତରେ ଆସିଥିଲେ । ଫିରିଙ୍ଗିମାଲ ଗାଁ ର ନାବାଳିକା ଆତ୍ମଦାହ ଘଟଣାର ଅଧିକ ତଦନ୍ତ ପାଇଁ ନାବାଳିକା ଝିଅପାଠ ପଢୁଥିବା ସାପଲହର ସେବାଶ୍ରମକୁ ଯାଇ ସେଠାରେ ଦାୟିତ୍ୱରେ ରହିଥିବା ପ୍ରଧାନ ଶିକ୍ଷକ,ହଷ୍ଟେଲ ଇନଚାର୍ଜ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଧିକ ପଚରାଉଚରା କରିଛନ୍ତି । ଏହା ସହ ଶ୍ରୀମତୀ ସାହୁ ହଷ୍ଟେଲ ଅନ୍ତେବାସୀ ମାନଙ୍କ ସୁବିଧା ଅସୁବିଧା ବିଷୟରେ ବୁଝିବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାଇକମାଲ ନିକଟସ୍ଥ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ମଧ୍ୟ ପରିଦର୍ଶନ କରି ସେଠାକାର ଛାତ୍ରୀ ମାନଙ୍କ ପାଇଁ ରହିଥିବା ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ଶେଷରେ ପାଇକମାଲ ନିକଟସ୍ଥ କସ୍ତୁରବା ମାତୃ ନିକେତନର ଅନ୍ତେବାସୀଙ୍କ ମଧ୍ୟ ସମସ୍ୟା ବୁଝିବା ସହ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମହିଳା ମାନଙ୍କୁ ସୁଦୃଢ ତଥା ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ପ୍ରୟାସ ରହିଥିବା ସେ କହିଛନ୍ତି। ସାପଲହର ସେବାଶ୍ରମର ହଷ୍ଟେଲ ସୁପରିଟେଣ୍ଡେଣ୍ଟ ମୃତ ଛାତ୍ରୀ ଜଣକ ହଷ୍ଟେଲରେ ବହୁତ କମ ଦିନ ରହିଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କ ପରିବାର ଲୋକ ତାଙ୍କୁ ଘରକୁ ନେଇଥିବା ସେ କହିଥିଲେ ।

# ପୂର୍ବ ଶତୃତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ, ୪ ଗିରଫ

ସମ୍ବଲପୁର,(ସବ୍ୟୁ): ପୂର୍ବ ଶତୃତାକୁ କେନ୍ଦ୍ର କରି କ୍ଷେତରାଜପୁର ଦଲଦଲିପଡାର ବାବୁ ଯାଦବ (୨୫)ଙ୍କୁ ହତ୍ୟା କରାଯାଇଛି । ପରେ ଆତ୍ମହତ୍ୟା ରୂପ ଦେବାକୁ ଅଭିଯୁକ୍ତ ମାନେ ମୃତଦେହକୁ ବୁର୍ଲା ପାୱାର ଚାନେଲକୁ ଫିଙ୍ଗି ଦେଇଥିଲେ । ମୃତଦେହ ଭାସମାନ ଅବସ୍ଥାରେ ପୋଲିସ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ମୃତକ ପରିବାର ଲୋକେ ନିଖୋଜ ସମ୍ପର୍କରେ ଥାନାରେ ଅବଗତ କରିବା ପରେ ପୋଲିସ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି । ପୋଲିସ ଏହାର ତଦନ୍ତ କରି ୪ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଏକ ଲୁହାରଡ, ଏକ ଛୁରୀ, ଏକ ୪ଚକିଆ ଯାନ, ୨ଟି ମୋବାଇଲ ଫୋନ ଓ ଅଭିଯୁକ୍ତଙ୍କ ପୋଷାକ ଜବତ ହୋଇଛି । ଏନେଇ କ୍ଷେତରାଜପୁର ଥାନାରେ ୨୧୪/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଗତ ୯ଅଗଷ୍ଟ, ୨୦୨୫ରେ ପୋଲିସ ବୁର୍ଲା ପାୱାର ଚେନାଲର ବଡସିଙ୍ଘାରୀ ଅଞ୍ଚଳରୁ ଏକ ମୃତଦେହ ଠାବ କରିଥିଲା । ଏନେଇ ବୁର୍ଲା ଥାନା ପୋଲିସ ୬୬୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ତେବେ ୧୩ଅଗଷ୍ଟ, ୨୦୨୫ରେ କ୍ଷେତରାଜପୁର ଥାନା ଅନ୍ତର୍ଗତ ଦଲେଇପଡାର ବାବୁ ଯାଦବ ଗତ ୫ତାରିଖରୁ ନିଖୋଜ ଥିବା ପରିବାର ଲୋକେ ଥାନାରେ ଅଭିଯୋଗ ଅଭିଯୋଗ କରିଥିଲେ। କ୍ଷେତରାଜପୁର ଥାନା ପୋଲିସ ଏମ୍ଏମ୍ଆର ନମ୍ବର ୨୮/୨୫ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ମୃତକ ବାବୁ ଯାଦବ କିଛି ଦିନ ଆଗରୁ ଅଭିଯୁକ୍ତ କରଣ ଯୋଶୀଙ୍କ ଠାରୁ ୧୦ହଜାର ଟଙ୍କା ଆଣିଥିଲେ । ମାତ୍ର ସେ ଏହି ଟଙ୍କା ମାଗିବାକୁ ଧମକ ପାଇଥିଲେ । ଗତ ୫ତାରିଖ ସଂନ୍ଧ୍ୟାରେ ବାବୁ ଯାଦବ ଏଥିପାଇଁ କରଣଙ୍କୁ ସ୍ଥାନୀୟ ଗୁଡି ଛକରେ ମାଡ ମାରିଥିଲେ । ଫଳରେ କରଣଙ୍କ ହାତ ଭାଙ୍ଗି ଯାଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ବାବୁ ଯାଦବଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । କରଣ ଓ ଯୋଗେଶ ରୋହିଦାସ ମିଳିତ ଭାବେ ଯୋଜନା କରି ବାବୁଙ୍କୁ ଦଲଦଲିପଡା ଶୀତଳ ବନ୍ଧ ନିକଟକୁ ଡାକି ଆଣିଥିଲେ । ସେଠାରେ ଉଭୟେ ଲୁହାରଡ ଓ ଛୁରୀରେ ହତ୍ୟା କରିଥିଲେ । ଘଟଣାସ୍ଥଳରେ ହତ୍ୟା ପରେ ମୃତଦେହକୁ ନିଟକସ୍ଥ ଏକ ବୁଦାମୁଳେ ରଖିବା ସହ ଗତ ୮ତାରିଖ ସଂନ୍ଧ୍ୟାରେ ଆତ୍ମହତ୍ୟା ରୂପ ଦେବାକୁ ଯୋଜନା କରିଥିଲେ । ଏକ ମହେନ୍ଦ୍ରା ଗାଡି ନମ୍ବର( ଓଡି୧୫ୟୁ-୭୨୦୫) ଯୋଗେ ମୃତଦେହକୁ ନେଇ ପିସି ବ୍ରିଜ ନିକଟ ବୁର୍ଲା ପାୱାର ଚେନାଲକୁ ଫୋପାଡି ଦେଇଥିଲେ । ତେବେ ମୃତଦେହ ଭାସମାନ ଅବସ୍ଥାରେ ମିଳିବା ପରେ ତାଙ୍କ ଶରୀରରେ କଟାଦାହ ଓ ବ୍ୟବଚ୍ଛେଦ ରିପୋର୍ଟ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ କରିଥିଲେ । ତେବେ ତଦନ୍ତ ବେଳେ ପୋଲିସ ଏହି ଅଭିଯୋଗରେ ଦଲଦଲିପଡାର କିରଣ ଯୋଶୀ (୨୩), ଜଗଦିଶ ରୋହିଦାସ (୨୮), ଅର୍ଜୁନ ଯୋଶୀ (୨୫) ଓ ସାନନ୍ଦ ରୋହିଦାସ(୨୦)ଙ୍କୁ ଗିରଫ କରିଛି ।

## ନାବାଳିକାକୁ ଗଣଦୁଷ୍କର୍ମ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅଞ୍ଚଳରେ ଜଣେ ୧୪ବର୍ଷିୟା ନାବାଳିକାକୁ ଗଣଦୁଷ୍କର୍ମ ହୋଇଛି । ଏହି ଅଭିଯୋଗରେ ପୋଲିସ ୧ଜଣ ଯୁବକଙ୍କୁ ଗିରଫ କରିଛି । ଏଥିସହ ଏହି ଘଟଣାରେ ସଂପୃକ୍ତ ୨ଜଣ ନାବାଳକଙ୍କୁ ଅଟକ ରଖି କିଶୋର ନ୍ୟାୟବୋର୍ଡରେ ହାଜର କରାଯାଇଛି । ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଘଟଣାର ତଦନ୍ତ କରାଯାଉଛି । ଏହି ଘଟଣାରେ ଆଉ ୨ଜଣ ସଂପୃକ୍ତ ଥିବା ଜଣାପଡିଛି । ତେବେ ସେମାନେ ଫେରାର ଥିବାବେଳେ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢଉ କରାଯାଇଛି । ସୂଚନାଯୋଗ୍ୟ, ନବମ ଶ୍ରେଣୀ ପଢୁଥିବା ଛାତ୍ରୀ ଜଣକ ଘର ପାଖ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ମାନେ ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ଯୁଯୋମୁରା ଥାନା ପୋଲିସ ୧୭୪/୨୫ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ଏହି ଅଭିଯୋଗରେ ସୁଶାନ୍ତ ମିର୍ଦ୍ଧା(୨୧)ଙ୍କୁ ଗିରଫ କରିଛି । ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବା ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ପୋଲିସ ତତ୍ପର ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି ।

# ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ତାଲାବେଲା ଗାଁ



ନୂଆପଡ଼ା, (ସବ୍ୟୁ): ନୂଆପଡ଼ା ଜିଲ୍ଲାର ଉପାନ୍ତରେ ଅବସ୍ଥିତ ସୁନାବେଡ଼ା ଅଭୟାରଣ୍ୟର ଅତି ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଜଳମଡ଼େଇ ଗ୍ରାମ ଠାରୁ ୬ କିଲୋମିଟର ଦୂରେ ଅବସ୍ଥିତ ତାଲାବେଲା ଗ୍ରାମରେ ଗୋଣ୍ଡୱାନା ସେବା ସଂଘ ଓ ଟ୍ରଷ୍ଟ ପହଞ୍ଚି ଗ୍ରାମର ପରିସ୍ଥିତି ଅନୁଧ୍ୟାନ କରି ବୁଝାବୁଝି କରିଥିଲେ । ସେଥିରୁ ଜଣା ପଡିଥିଲା ଯେ, ସେହି ଗ୍ରାମରେ ପାଖାପାଖି ୩୦/୩୫ ଘର ଓ ଗାଁ ର ଜନସଂଖ୍ୟା ୧୦୦ ରୁ ଉର୍ଦ୍ଧ ଲୋକ ବସବାସ କରନ୍ତି । ସେହି ଗାଁ ରେ ୨୦୦୧-୨୦୦୨ ରେ ଇଜିଏସ କେନ୍ଦ୍ର ଚାଲିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇଗଲା । କିନ୍ତୁ ଦୁଃଖର ବିଷୟ ଯେ ଦେଶ ସ୍ୱାଧୀନ ହେବାର ୭୯ ବର୍ଷ ପରେ ମଧ୍ୟ ଗୋଟିଏ ବିଦ୍ୟାଳୟ ଦେଇ ପାରିଲେନି ସରକାର । ଯଦ୍ୱାରା ଉପରୋକ୍ତ ଗ୍ରାମର ଛାତ୍ରଛାତ୍ରୀ ମାନେ ମୌଳିକ ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଛନ୍ତି । ଏହି ବିଷୟ ଉପରେ ଗ୍ରାମବାସୀଙ୍କ ସହ ଗୋଣ୍ଡୱାନା ସେବା ସଂଘ ଓ ଟ୍ରଷ୍ଟ ଏକ ବୈଠକ କରି ଗ୍ରାମରେ ଥିବା ୩୨ ଜଣ ବାଳକ ବାଳିକାଙ୍କୁ ପାଠ ପଢ଼େଇବା ପାଇଁ ନିଷ୍ପତ୍ତି ନେଇଥିଲେ ଓ ସେହି ଗ୍ରାମର ଜଣେ ଯୁବକଙ୍କୁ ପାଠ ପଢ଼େଇବା ପାଇଁ ଦାୟୀତ୍ୱ ଦେଇଥିଲେ। ଆଗାମୀ ଦିନରେ ସେହି ଗ୍ରାମରେ ସ୍କୁଲ ଖୋଲିବା ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଗୋଣ୍ଡୱାନା ସେବା ସଂଘ ଓ ଟ୍ରଷ୍ଟ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଟ୍ରଷ୍ଟର ଅଧକ୍ଷ ବଜରଙ୍ଗ ମାଝୀ, ସହ ସମ୍ପାଦକ ଦିନେଶ କୁମାର ମାଝୀ, କୋଷାଧକ୍ଷ୍ୟ ପ୍ରିତିଶାୟ ମାଝୀ, ସଦସ୍ୟ ଜୟ ପ୍ରକାଶ ମାଝୀ ଇଓ ସୁନାବେଡ଼ା, ମେଙ୍ଗରାଜ ମାଝୀ ସରପଞ୍ଚ ସୋସେଙ୍ଗ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଛୁରିରେ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଜମନକିରା,(ସବ୍ୟୁ): ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ଥପାପଡ଼ାର ସୁମିତ ବଛା (୩୫) ସୋମବାର ପୂର୍ବାହ୍ନରେ ନିଜ ଦୋକାନରେ ବସିଥିଲେ। ଏହି ସମୟରେ ଦୁଇଟି ବାଇକ୍ (ଓଡ଼ି ୧୫ ଏକ୍ସ ୪୦୩୫) ଏବଂ ( ଓଆର୍ ୧୫ ଏମ ୭୨୫୧) ପଲ୍ସର୍ ବାଇକ୍‌ରେ ଜମନକିରା ଥାନା ଟିକିଲିପଡ଼ା ଗାଁର ରାଜୁ ମହାନନ୍ଦ, ସମ୍ବଲପୁର ପୁଟିବନ୍ଧର ଅମୂଲ୍ୟ ମହାରଣା, ମୁଢେନପାଲି ଗାଁର ଅଜିତ ଗର୍ଡିଆ ଏବଂ ଚନ୍ଦନ ମଗର ପହଞ୍ଚିଥିଲେ। ସୁମିତଙ୍କୁ ଏକ ଛୁରି ଦେଖେଇ ଗାଳି ଗୁଲଜ କରି ଆକ୍ରମଣ କରିଥିଲେ। ଏଥିରେ ସୁମିତ ଗୁରୁତର ହୋଇଥିବା ବେଳେ ପାଖରେ ଛିଡ଼ା ହୋଇଥିବା ସୁମିତର ବାପା ପ୍ରତିରୋଧ କରିଥିଲେ। ଏଥିରେ ଉତକ୍ଷୀପ୍ତ ହୋଇ ସୁମିତର ବାପାଙ୍କୁ ମଧ୍ୟ ଆକ୍ରମଣ କରିବା ବେଳେ ହୋ ହାଲ୍ଲା ହୋଇଥିଲା। ପାଟି ଶୁଣି ଗାଁଲୋକ ଦୌଡ଼ି ଆସି ୪ ଜଣଙ୍କୁ କାବୁ କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ୩ ଜଣ ଦୌଡ଼ି ପଳେଇଥିଲେ। କିନ୍ତୁ ଚନ୍ଦନକୁ କାବୁ କରିବାରେ ସକ୍ଷମ ହୋଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଚନ୍ଦନକୁ ଗିରଫ କରିଥିଲା । ସେଠାରୁ ଦୁଇଟି ବାଇକ୍ ଓ ଗୋଟିଏ ଛୁରୀ ଜବତ କରିଥିଲେ। ଏନେଇ ଜମନକିରା ଥାନା କେସ ନ. ୧୪୩/୧୮( ୧୨୬(୨)/୨୯୬/ ୧୧୫/(୨)/୧୧୮(୨)/୩୫୧(୨)୧୦୯(୧)/ ୩(୫) ବିଏନଏସ ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୋଲିସର ସୂଚନା ଅନୁଯାଇ ଏକ ବାଇକ ସୁମିତର ଗତ ୩ ଦିନ ତଳୁ ଚୋରି ହୋଇଥିଲା। ଏନେଇ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସନ୍ଦେହ କରି କିଛି ଜାଗାରେ ଚଢ଼ାଉ ଓ ଯାଞ୍ଚ କରିଥିଲା। ଏହି ରାଗରେ ଉକ୍ତ ୪ ଜଣ ଯୁବକ ସୁମିତକୁ ସୋମବାର ସକାଳେ ଆକ୍ରମଣ କରିଥିଲେ। ସୁମିତ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ଉପରେ ଚଢ଼ିଗଲା ଯାତ୍ରୀବାହୀ ବସ୍

ବୋରିଗୁମ୍ମା,(ସବ୍ୟୁ): କୋରାପୁଟ ଜିଲ୍ଲା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଖୁଡ଼ିଗୁଡ଼ା ନିକଟରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ବାଇକ୍ ଅରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବୋରିଗୁମ୍ମା ନିବାସୀ ପୂର୍ବତନ ସରପଞ୍ଚ ନାରାୟଣ ଯାନୀ। ସୂଚନା ଅନୁସାରେ ନାରାୟଣ ଯାନୀ କାମରେ ଜୟପୁର ଅଭିମୁଖେ ଯାଉଥିବା ସମୟରେ ସାମନା ପଟୁ ଆସୁଥିବା ଗୁପ୍ତା ନାମକ ଘରେଇ ବସ୍ ସହିତ ଖୁଡ଼ିଗୁଡ଼ା ଛକରେ ଧକ୍କା ହେଇଥିଲା। ଏହି ବସ ଟି ହାଇଦ୍ରାବାଦରୁ ସିନାପାଲି ଯାଉଥିବା ସୂଚନା। ଖବର ପାଇ ବୋରିଗୁମ୍ମା ପୁଲିସ ଘଟଣାସ୍ଥଳକୁ ଯାଇ ବାଇକ ଜବତ କରିଥିବା ବେଳେ ବସ ଡ୍ରାଇଭର ବସକୁ ନେଇ ଥାନା ସମ୍ମୁଖରେ ରଖି କେଉଁ ଆଡେ ଚମ୍ପଟ ମାରିଥିଲେ। ମୃତ ନାରାୟଣଙ୍କ ଶରୀର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଛି। ସ୍ଥାନୀୟ ଲୋକେ ଥାନା ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ ରାସ୍ତାରୋକ କରିଥିଲେ। ରାସ୍ତା ରୋକ ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ରହିଥିବା ଦେଖାଯାଇଛି।

# ରାଗିଂ ନିରୋଧ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,(ସବ୍ୟୁ): ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ରେ ରାଗିଂ ନିରୋଧ ସଚେତନତା କାର୍ଯ୍ୟକ୍ରମର ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୮ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, ସ୍ଲୋଗାନ, ପୋଷ୍ଟର, ପ୍ଲାକାର୍ଡ ତିଆରି ପ୍ରତିଯୋଗିତା ସହ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟ ପ୍ରାଚୀରରେ ଏକ ବ୍ୟାନର ମଧ ଲଗାଯାଇଥିଲା। ଶେଷରେ ଏକ ସାଧାରଣ ସଭା ମାଧ୍ୟମରେ ସଚେତନତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା । ରାଗିଂ ନିରୋଧ କାର୍ଯକ୍ରମର ସଂଯୋଜିକା ଡ଼ଃ ସୁଜାତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୂଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ମିଶ୍ର ଯୋଗଦେଇ ରାଗିଂ ଭଳି କୁକର୍ମ ଠାରୁ ଛାତ୍ର ଛାତ୍ରୀ ମାନଙ୍କୁ ବିରତ ରହିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଇଂରାଜି ବିଭାଗ ମୂଖ୍ୟ ଭାଗ୍ୟବାନ ମହାକୁଡ଼ ଏବଂ ଜୀବ ବିଜ୍ଞାନ ମୁଖ୍ୟ ଗୀତାଞ୍ଜଳି ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ଉଦ୍ଭିଦ ବିଜ୍ଞାନ ମୂଖ୍ୟ ଡ଼ଃ ପ୍ରବୀର କୁମାର ଦାସ ଯୋଗଦେଇ ଶିକ୍ଷାନୁଷ୍ଠାନରେ ରାଗିଂ ଏକ ଦଣ୍ଡନୀୟ ଅପରାଧ ବୋଲି କହି, ଯଦି କିଛି ଏଭଳି ଘଟଣା ଘଟେ ତେବେ ତୁରନ୍ତ ମହାବିଦ୍ୟାଳୟର ରାଗିଂ ନିରୋଧ ସେଲ୍ ରେ ଜଣାଇବାକୁ ପରାମର୍ଶ ଦେଇଥିଲେ । ଏଥିରେ ଅନୁଷ୍ଠିତ ତର୍କ ପ୍ରତିଯୋଗିତାରେ ସୁନେଲି ବାଘ ପ୍ରଥମ, ପୋଷ୍ଟରରେ ଦିପ୍ତିମୟୀ ନାୟକ ପ୍ରଥମ, ସ୍ଲୋଗାନ ଓ ପ୍ଲାକାର୍ଡ ତିଆରି ପ୍ରତିଯୋଗିତାରେ ରେଖା ପ୍ରଧାନ ପ୍ରଥମ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ । ସଭାରେ ଇତିହାସ ଅଧାପକ ସଦାନନ୍ଦ ମାହାର ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ଏକ ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରି ସଚେତନତା କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା ।

# କାର୍ ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ବାନ୍ଧୁପଲା ଗ୍ରାମ ନିକଟ ପୋଲ ବୁଲାଣିରେ ସୋମବାର ଅପରାହ୍ନରେ କାର ଧକ୍କାରେ ୨ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ୩ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ଅତି ଦ୍ରୁତ ଗତିରେ ଯାଉଥିବା ଟିଟିଲାଗଡ଼, ଭାଟିପଡ଼ାର ଏକ ସ୍ୱିଫ୍ଟ ଡିଜାୟାର କାର ଓଡ଼ି ୦୩ ଏକ୍ସ ୧୧୪୯ ଘଟଣା ସ୍ଥଳରେ ବିପରିତ ଦିଗରୁ ଆସୁଥିବା ସଇଁତଳା ଥାନା ଘୁନସର ଗ୍ରାମର ଏକ କେଟିଏମ ବାଇକ୍ ଓଡ଼ି ୦୩ ଏକ୍ସ ୩୭୮୯କୁ ଜୋରରେ ଧକ୍କା ଦେଇଥିଲା। ବାଇକରେ ଥିବା ଘୁନସର ଗ୍ରାମର ଦୁଇ ଯୁବକ ଦୂରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇ ପଡ଼ି ରହିଥିଲେ। ବାଇକକୁ ଧକ୍କା ଦେଇ କାରଟି ରାସ୍ତା ପାର୍ଶ୍ୱରେ ନିଜର ଅନ୍ୟ ଦୁଇ ବାଇକ ରଖି ପଥର ପ୍ୟାଚିଂ କାମ କରୁଥିବା କର୍ଲା,ବାଙ୍କେଲ ଗ୍ରାମର ଦୁଇଜଣଙ୍କ ବାଇକକୁ ମଧ ଧକ୍କା ଦେଇଥିଲା। ଫଳରେ ତିନୋଟି ବାଇକ୍ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଦୁଇ ଗୁରୁତର ଆହତଙ୍କୁ ବାନ୍ଧୁପଲା ଗ୍ରାମର ସ୍ୱେଚ୍ଛାସେବୀ ଯୁବକମାନେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସଇଁତଳା ମେଡିକାଲ୍ ପଠାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବଲାଙ୍ଗିର ଭୀମଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । କାରକୁ ମାଳପଡା ଗ୍ରାମର ଜଣେ ଯୁବକ ଚଳାଉଥିବା ବେଳେ ସେ କାରରେ ଏକା ଥିବା ଓ ୮୦କିମିରୁ ଉର୍ଦ୍ଧ୍ୱ ସ୍ପିଡରେ ଚଳାଉଥିବା ସ୍ୱୀକାର କରିଛନ୍ତି। ଖବର ପାଇ ମୁରିବାହାଲ ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଗୁଡ଼ିକୁ ଜବତ କରିଥିଲା। ଦୁର୍ଘଟଣାରେ କାର ସହ ଏକ କେଟିଏମ୍ ବାଇକ୍,ଏକ ଗ୍ଲାମର ଓ ଏକ ସ୍ପେଲଣ୍ଡର ବାଇକ୍ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। କର୍ଲା,ବାଙ୍କେଲର ଦୁଇ କ୍ଷତିଗ୍ରସ୍ତ ବାଇକ୍ ଆରୋହୀ କ୍ଷତିପୂରଣ ଦାବୀ ନେଇ ରାତିରେ ଥାନାରେ ଏକ ଏତଲା ଦେଇଥିବା ଜଣାପଡ଼ିଛି।ଏ ସମ୍ପର୍କରେ ଥାନାରେ କେଶ ନ ୧୬୫/୨୫ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଦୁଇ ଗୁରୁତରଙ୍କ ପ୍ରକୃତ ପରିଚୟ ଜଣାପଡିନଥିବା ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

## ନାକଟିଦେଉଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ରେଢ଼ାଖୋଲ,(ସବ୍ୟୁ): ଓଡିଶା ଅଗ୍ନିଶମ ସେବା ନାକଟିଦେଉଳ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରଞ୍ଜ ଲିମ୍ବ କୃଷ୍ଣଚୂଡ଼ା, ରାଧାଚୂଡ଼ା, ହେନା, ମହୁଆ, ଚମ୍ପା ପ୍ରଜାତିର ୬୦ଟି ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଗୋଲକ ବିହାରୀ ପ୍ରଧାନ, ସରୋଜ କୁମାର ସାହୁ, ହାବିଲଦାର ଅରୁଣ କୁମାର ବେହେରା, ତପନ କୁମାର ବେହେରା, ଯଶୋବନ୍ତ କିଷାନ, ଚିରଞ୍ଜୀବ ଦାଶ,କୈଳାସ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ଅକାଲୁ ମାଝୀକୁ ଭତ୍ତା ମିଳିବ କେବେ ୫ କିଲୋ ଚାଉଳ ଭରସାରେ ଜୀବନ

ନୂଆପଡ଼ା,(ସବ୍ୟୁ): ନୂଆପଡା ଜିଲ୍ଲାର ବୋଡ଼େନ ବ୍ଲକ ସୁନାପୁର ପଞ୍ଚାୟତର ବାଗବାହାଲ ଗ୍ରାମର ଦେବହାଲ ପଡାର ଅକାଲୁ ମାଝୀ ବହୁ କଷ୍ଟରେ ୧୧ ବର୍ଷ ହେଲା ଜୀବନ ଯାପନ କରୁଛନ୍ତି । କେବଳ ପାଞ୍ଚ କେଜି ଚାଉଳରେ ବିତୁଛି ଜୀବନ। ଘରଖଣ୍ଡେ ବି ମିଳୁନଥିବା ଅକାଲୁ ପ୍ରକାଶ କରିଛନ୍ତି । ସେ ୧୦ ବର୍ଷହେବ ଗଣ୍ଠିବାତ ରୋଗରେ ପୀଡିତ ହୋଇ ଅନେକ ଡାକ୍ତରଖାନା ଗଲେ ମଧ ସୁଫଳ ମିଳୁନି । ସେ ସମ୍ପୂର୍ଣ ଶଯ୍ୟାଶାୟୀ ଅବସ୍ଥାରେ। ଏଣୁ ସରକାରୀ ସହାୟତା ଅପେକ୍ଷାରେ ଅକାଲୁ ବୃଦ୍ଧ । ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଶ୍ରୀ ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଦିବସୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ତଥା ପ୍ରାଥମିକ ଚିକିତ୍ସା ସାଧନକର୍ମୀ ନବ କିଶୋର ଦୀପ ଯୋଗଦେଇ ଛାତ୍ର ମାନଙ୍କୁ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ବିଷୟରେ ବିସ୍ତୃତ ଭାବରେ ବୁଝାଇ ଥିଲେ । ଛାତ୍ର ମାନଙ୍କୁ ସାପ କାମୁଡିବା, ମୂର୍ଚ୍ଛା ହେବା, ନିଆଁରୁ ରକ୍ଷା, ହୃଦଘାତ, ଗଳାରେ ଯେ କୌଣସି ଜିନିଷ ଅଟକି ଗଲେ, ରକ୍ତସ୍ରାବ ଆଦିର ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବାଳକୃଷ୍ଣ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି, ଶିକ୍ଷକ ସଞ୍ଜୀବ ପ୍ରଧାନ, ସୁନିଲ ପ୍ରଧାନ, ରାଜେଶ୍ ପାତ୍ର, ଶିକ୍ଷୟିତ୍ରୀ ଅର୍ପିତା ପଣ୍ଡା, ସୁଜାତା ପ୍ରଧାନ ,ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଜୁନିୟର ରେଡକ୍ରସ ପରାମର୍ଶଦାତା ତଥା ବୌଦ୍ଧ ବ୍ଲକ୍ ସଂଯୋଜକ ମନୋଜ୍ ମୋହନ୍ ଚାନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।


# ୭.୭୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ



ସୋନପୁର/ତରଭା,(ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳରୁ ଗଞ୍ଜେଇ ଚାଲାଣ ହେଉଥିଲା ବେଳେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ନିକଟରୁ ପୋଲିସ ଗଞ୍ଜେଇ ଜବତ କରିଛି। ବ୍ୟବସାୟୀମାନେ ଗଞ୍ଜେଇ ନେଉଥିବା ଗୋଟିଏ ବୋଲେରୋ ମ୍ୟାକ୍ସ ପିକ୍‌ଅପ୍ ଯାହାର ନମ୍ବର ଓ.ଆର-୧୯ ଜି-୯୦୧୧ ଛାଡି ପଳାଇଯାଇଥିବା ଏସପି ନାରାୟଣ ନାୟକ ସୂଚନା ଦେଇଛନ୍ତି। ତରଭା ଥାନା ଅନ୍ତର୍ଗତ ନରଡ଼ା ଗ୍ରାମର ସନ୍ଦିଗ୍ଧ ଅଶୋକ ସାହୁଙ୍କ ଦ୍ୱାରା ଚୋରା ଗଞ୍ଜେଇ ପରିବହନ ସମ୍ପର୍କରେ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ, ସୁବର୍ଣ୍ଣପୁର ଏସପି ଙ୍କ ନିର୍ଦ୍ଦେଶରେ, ତରଭା ପୋଲିସ ଓ.ଆର-୧୯ ଜି-୯୦୧୧ ଲାଗିଥିବା ମ୍ୟାକ୍ସ ପିକ୍ ଗାଡ଼ିକୁ ଫୋଲୋ କରି ତରଭା ଏବଂ କାମସରା ଅଞ୍ଚଳରେ ପାଟ୍ରୋଲିଂକୁ ଜୋରଦାର କରିଥିଲେ। ପାଟ୍ରୋଲିଂ ସମୟରେ ଏସ.ଆଇ ଏମ୍.ଚନ୍ଦ୍ର. ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଦଳ ତରଭା ଥାନା ଅନ୍ତର୍ଗତ କାମସରା ଡଙ୍ଗରତଳ ନିକଟରେ ସନ୍ଦେହ ଜନକ ଭାବରେ ଗଞ୍ଜେଇ ବୋଝେଇ ହୋଇଥିବା ଗାଡ଼ିକୁ ଚିହ୍ନଟ କରିଥିଲେ। ଏହା ପରେ ଏନଡ଼ିପିଏସ ଆଇନର ନିୟମ ପାଳନ କରି, ସାକ୍ଷୀ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗାଡ଼ିଟିକୁ ଜବତ କରାଯାଇଥିଲା ଏବଂ ତଲାସି କରାଯାଇଥିଲା। ତଲାସି ସମୟରେ ମୋଟ ୨୪ଟି ବ୍ୟାଗ ଚିହ୍ନଟ ହୋଇଥିଲା। ଉକ୍ତ ୨୪ ଗୋଟି ବ୍ୟାଗ ଖୋଲିବା ପରେ ବ୍ୟାଗରୁ ଛୋଟ ଛୋଟ ୭୭୩ ପକେଟ ବାହାରିଥିଲା। ମାଟିଆ ରଙ୍ଗର ସେଲୋ ଟେପ୍ ସହିତ ଗୁଡ଼ାଯାଇଥିବା ୭୭୩ ଟି ଛୋଟ ପକେଟ୍ ଗଞ୍ଜେଇର ମୋଟ ଓଜନ ୦୭ କ୍ୱିଣ୍ଟାଲ ୭୨ କେଜି ୮୦୦ ଗ୍ରାମ ବୋଲି ଜଣାପଡିଛି। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୭,୨୦,୦୦୦ ଟଙ୍କା, କିନ୍ତୁ କଳା ବଜାରରେ ଏହା ୧.୫ କୋଟି ଟଙ୍କାରୁ ଅଧିକ ହେବା ବୋଲି ଅନୁମାନ କରାଯାଉଛି। ଗାଡ଼ିର ପଞ୍ଜିକରଣ ନମ୍ବର ନକଲିମନେ କରାଯାଉଛି। ଏହିସମ୍ପର୍କରେ ତରଭା ଥାନା କେସ୍ ନଂ.୨୩୦ ତାରିଖ ୧୮.୦୮.୨୦୨୫ ୟୁ/ଏସ୍-୨୦(ବି)(ଲ୍ଲଲ୍ଲ)ସି ଏନଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା ପଞ୍ଜିକୃତ ହୋଇଛି ଏବଂ ଗଞ୍ଜେଇ ଏବଂ ଅପରାଧୀମାନଙ୍କ ବିଷୟରେ ଅଧିକ ସୂଚନା ପାଇବା ପାଇଁ ଇନସ୍ପେକ୍ଟର ଓ ଆଇଆଇସି ଅନିତା କିଡୋ, କେସ୍ ତଦନ୍ତ କରୁଛନ୍ତି। ଓଡ଼ିଶାରେ ଉତ୍ପାଦିତ ହେଉଥିବା ଗଞ୍ଜେଇର ଚାହିଦା ରାଜ୍ୟ ବାହାରେ ଖୁବ୍ ଅଧିକ । କନ୍ଧମାଳ ଓ ବୌଦ୍ଧ ଜିଲାର ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିରେ ଏବେ ଉନ୍ନତ ମାନର ଗଞ୍ଜେଇ ଚାଷ ହେଉଛି । ଅମଳ ପରେ ଗଞ୍ଜେଇ ଗୁଡିକୁ ପ୍ୟାକିଂ କରାଯାଇ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଦିଲ୍ଲୀ ଭଳି ରାଜ୍ୟକୁ ଚାଲାଣ କରାଯାଉଛି। ପୋଲିସ ଓ ଅବକାରୀ ବିଭାଗର ଧ୍ୟାନ ହଟାଇବା ପାଇଁ ବିଭିନ୍ନ ସମୟରେ ବ୍ୟବସାୟୀମାନେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଛନ୍ତି।

ସୁବର୍ଣ୍ଣପୁର ପୋଲିସ ଏହି ଜିଲ୍ଲାରେ ନିଶା ନିବାରଣ ଅଭିଯାନକୁ ଆହୁରି ମଜବୁତ କରିବାକୁ ପ୍ରତିବଦ୍ଧ, ଯାହା ଫଳରେ ଗତ ୦୩ ମାସ ମଧ୍ୟରେ ୩୯ ଟି ମାମଲା ପଞ୍ଜିକୃତ ହୋଇଛି। ମୋଟ ୫୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି, ୭ ଟି ଚାରି ଚକିଆ, ୨୮ ଟି ଦୁଇ ଚକିଆ, ଗୋଟିଏ ତିନି ଚକିଆ, ୦୨ ଟି ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନ ଏବଂ ୩୦ କ୍ୱିଣ୍ଟାଲ ୨୧ କେଜି ୫୦୪ ଗ୍ରାମରୁ ଅଧିକ ଗଞ୍ଜେଇ ଏବଂ ୨, ୦୦, ୫୦୦ ଟଙ୍କା ନଗଦ ଜବତ କରାଯାଇଛି ଯାହା ଓଡିଶାର ସରକାରୀ ମୂଲ୍ୟାଙ୍କନ ଅନୁସାରେ ୩, ୦୪, ୧୫, ୫୫୦ ଟଙ୍କା ହେବ। ସୁବର୍ଣ୍ଣପୁର ପୋଲିସ ଏପରି ଡ୍ରଗ୍ସ ପରିବହନ ସହିତ ଜଡିତ ବ୍ୟକ୍ତିମାନଙ୍କ ପ୍ରତି ଶୂନ୍ୟ ସହନଶୀଳତା ଅବଲମ୍ବନ କରିଛି, ନିକଟ ଅତୀତରେ ୦୩ ଟି ଅଧିକ ମାମଲା ପଞ୍ଜିକୃତ ହୋଇଛି ଯେଉଁଥିରେ ୦୫ ଟି ଚାରି ଚକିଆ, ୧୨୭୧୯୬୦ ଟଙ୍କା ନଗଦ ଜବତ ହୋଇଛି ଏବଂ ୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଲକ୍ଷ୍ମୀ ନାରାୟଣ କଲେଜର ପ୍ରତିଷ୍ଠା ଦିବସ ପାଳିତ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଲକ୍ଷ୍ମୀନାରାୟଣ କଲେଜର ୫୭ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିଲା । ବରେଣ୍ୟ ଅତିଥି ଭାବରେ ଝାରସୁଗୁଡ଼ା ଦ୍ୱିତୀୟ ବ୍ୟାଟାଲିନ ମୁଖ୍ୟ ପ୍ରସାଦ ତମାଙ୍ଗ ଯୋଗଦେଇ ଲକ୍ଷ୍ମୀନାରାୟଣ କଲେଜର ପୁର୍ବତନ ଛାତ୍ର ଭାବରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଯୋଗଦେଇ ମଣିଷ ଜୀବନ ସାର୍ଥକ ହେବ ଯେତେବେଳେ ନିଜ ମାତୃଭୂମିର ସେବା, ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିପାରିବା। ତେଣୁ ପାଠ ସହିତ ସମାଜ ପ୍ରତି ସମର୍ପଣ ଭାବ ପାଇଁ ଛାତ୍ର ଛାତ୍ରୀ ବ୍ରତି ହେବା ଉଚିତ। ପୂର୍ବତନ ଛାତ୍ର ସଂସଦର ସଭାପତି ପ୍ରଫେସର ନରେନ୍ଦ୍ର କୁମାର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରଜରାଜନଗର କଲେଜର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ଼ ବିଶ୍ୱଜିତ ଖମାରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବର୍ତ୍ତମାନ ଓ ଭବିଷ୍ୟତରେ ଆସୁଥିବା ଆହ୍ୱାନ ଉପରେ ବିଶଦ ଭାବେ ଆଲୋଚନା କରିବା ସହିତ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବିଗତ ବର୍ଷ ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀମାନଂଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରାଧାପିକା ପୂର୍ଣ୍ଣିମାମୟୀ ଦାଶ ଓ ଅଧାପକ ରକି ବିଶ୍ୱାଳ ସଂଯୋଜନା କରିଥିବା ବେଳେ ପ୍ରାଧାପକ ବ୍ରଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଅନେକ ପୂର୍ବତନ ଅଧ୍ୟକ୍ଷ, ଅଧାପକ,ପୂର୍ବତନ ଛାତ୍ର ଓ ଅଭିଭାବକ ଯୋଗଦାନ କରିଥିଲେ।

# ଦୁର୍ବୃତ୍ତଙ୍କ କଟୁରୀ ଚୋଟରେ ବୃଦ୍ଧଙ୍କ ମୃତ୍ୟୁ



ରାଜଗାଙ୍ଗପୁର,(ସବ୍ୟୁ) : ସୋମବାର ପୂର୍ବାହ୍ନରେ ସ୍ଥାନୀୟ ବସ ଷ୍ଟାଣ୍ଡରେ ଜଣେ ଯୁବକ ବୁଲି ବୁଲି ଚା ଦୋକାନରେ ଚା ମାଗି ପିଇ ସାରିବା ପରେ ନିକଟରେ ଥିବା ଡାକ ବଙ୍ଗଳା ଭିତରକୁ ଯାଇଥିଲେ । ସେହି ରାସ୍ତାରେ ଯିବା ଆସିବା କରୁଥିବା ଯୁବତୀଙ୍କୁ ଧରିବା ପାଇଁ ଦୌଡ଼ା ଦୌଡ଼ି କରୁଥିବା ଅଭିଯୋଗ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ । ପୋଲିସ ଆସିବା ପୂର୍ବରୁ ଉକ୍ତ ଯୁବକ ଡାକ ବଙ୍ଗଳାରେ କାର୍ଯ୍ୟରତ ପିଅନ ମଙ୍ଗୁଲୁ କିଷାନ ସେଠାରେ ଘାସ କାଟୁଥିବା ବେଳେ ଘାସ କଟା କଟୁରୀକୁ ଛଡାଇ ନେଇ ମଙ୍ଗୁଲୁ ବେକକୁ ଆଘାତ କରିଥିଲା ଘଟଣାସ୍ଥଳରେ ମଙ୍ଗୁଲୁର ମୃତ୍ୟୁ ହୋଇଥିଲା । ମଙ୍ଗୁଲୁକୁ ମାରି ସାରିବା ପରେ ତାଙ୍କ ମୃତ ଦେହକୁ ପାଖରେ ଥିବା ଏକ ଅଖା ଭିତରେ ପୁରାଇବାକୁ ଚେଷ୍ଟା କରୁଥିବା ବେଳେ ଥାନା ପ୍ରଭାରୀ ବିଜୟ କୁମାର ଦାଶଙ୍କ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ କୌଶଳ କ୍ରମେ କାବୁ କରି ଥାନାକୁ ଆଣିଥିଲେ । ପୋଲିସ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସ୍ୱାସ୍ଥ୍ୟ ଗୋଷ୍ଠି କେନ୍ଦ୍ରକୁ ପଠାଇ ଥିଲେ । ପୋଲିସ ଏହି ହତ୍ୟା କାଣ୍ଡ ଉପରେ ଅଧିକ ତଦନ୍ତ କରିବା ପରେ ଉକ୍ତ ଯୁବକର ନାମ ସୁଖରାମ ଓରାମ (୩୩) ,ସେ ଝାଡ଼ଖଣ୍ଡର ଟୋଟୋ ଗ୍ରାମ ଓ ଲୋହରଡେଗା ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ପୋଲିସ ଉକ୍ତ ଅଭିଯୁକ୍ତକୁ କେସ ନ ୪୩୧/୨୫, ୟୁ/ଏସ –୧୦୩ (୧) ବି ଏନ ଏସ ଆଧାରରେ ଜେଲ ହାଜତକୁ ପଠା ଯାଉଛି।

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲଗେଟରେ ତାଲା ପକେଇଲେ ଗ୍ରାମବାସୀ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୋଲିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଦୀର୍ଘ ଦିନରୁ ସ୍କୁଲର ବିଭିନ୍ନ ସମସ୍ୟାକୁ ନେଇ ଗ୍ରାମବାସୀ ତଥା ଅଭିଭାବକ ମାନେ ମିଶି ସ୍କୁଲ ବନ୍ଦ କରିବାର ଦୃଶ୍ୟ ସାମନାକୁ ଆସିଛି । ଗ୍ରାମବାସୀ ତଥା ଅଭିଭାବକ ମାନେ ଦୀର୍ଘ ଦିନରୁ ଶିକ୍ଷକ ନିଯୁକ୍ତି ତଥା ସ୍କୁଲ ଗୃହ ପାଇଁ ଦାବୀ କରି ଆସୁଥିଲେ ମଧ୍ୟ ସ୍କୁଲ ପ୍ରଶାସନ କିଛି



ଶୁଣୁ ନ ଥିବାରୁ ସମସ୍ତେ ସକାଳୁ ସ୍କୁଲଗେଟରେ ତାଲା ପକାଇ ଦେଇଥିଲେ । ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନେ ସ୍କୁଲ ଗେଟ ସାମାନାରେ ଧାରଣା ଦେଇଥିଲେ ପରେ ବ୍ଲକ ଶିକ୍ଷାଧିକାରୀ ତପନ ମାଝୀ ସମସ୍ତଙ୍କୁ ବୁଝାସୁଝା କରି ଲିଖିତ ପ୍ରତିଶୃତି ଦେଇ ଖୁବ ଶୀଘ୍ର ଶିକ୍ଷକ ନିଯୁକ୍ତି ର ଆଶ୍ୱାସନା ଦେବା ପରେ ସମସ୍ତେ ଧାରଣାରୁ ହଟିଥିଲେ ।

# ଚନ୍ଦ୍ରପୁର ବ୍ଲକରେ ପ୍ରଶାସନର ଅଭିଯୋଗ ଶୁଣାଣି

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଜନସାଧାରଣଙ୍କ ଠାରୁ ୩୯ଟି ଅଭିଯୋଗ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୨୧ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୮ଟି ସାମୁହିକ ଅଭିଯୋଗ ଆସିଥିଲା ଏବଂ ୫ଟି ଜଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ମୋଟ ୫୧ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଏସପି ଏସ୍ ସ୍ୱାତୀ କୁମାରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ କୁଲକର୍ଣ୍ଣୀ ବ୍ଲକର ଉନ୍ନୟନ ମୂଳକ କାମ ପରିଦର୍ଶନ କରିଥିଲେ ।

# ନାବାଳିକା ଝିଅକୁ ସାବତ ବାପାର ଦୁଷ୍କର୍ମ ଅଭିଯୋଗ : ଅଭିଯୁକ୍ତ ଅଟକ

ଦେବଗଡ଼,(ସବ୍ୟୁ): ଜଣେ ୧୨ ବର୍ଷର ନାବାଳିକା ଝିଅକୁ ସାବତ ବାପା ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଖବର ଅନୁଯାୟୀ, ଦେବଗଡ଼ଜିଲ୍ଲା ବସୁପାଲି ଅଞ୍ଚଳର ଜଣେ ମହିଳା ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ଥାନା ଟେନସା ଅଞ୍ଚଳର ଜଣେ ଲୋକଙ୍କୁ ଦ୍ୱିତୀୟ ବିବାହ କରିଥିଲେ।ପୂର୍ବରୁ ତାଙ୍କର ଗୋଟିଏ ଝିଅ ଥିଲା। ଦ୍ୱିତୀୟ ବିବାହ ପରେ ୧୨ ବର୍ଷର ନାବାଳିକାକୁ ପାଲଲହଡ଼ା ଉପଖଣ୍ଡ ଅଞ୍ଚଳର ଏକ କନ୍ୟାଶ୍ରମରେ ଥିବା ଆଦିବାସୀ ଛାତ୍ରୀନିବାସରେ ପାଠ ପଢ଼ିବା ପାଇଁ ଛାଡ଼ିଥିଲେ। ଗତ ୧୫ ତାରିଖ ଦିନ ସାବତ ବାପା ଆଇର ଦେହ ଖରାପ କହି ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇ ଝିଅକୁ ସାଙ୍ଗରେ ଟେନସା ନେଇଯାଇଥିଲେ। ପରେ ଘରେ କେହି ନଥିବା ଦେଖି ନାବାଳିକାକୁ ଦୁଷ୍କର୍ମ କରିଥିଲେ। ଶନିବାର ପୁଣି ଝିଅକୁ ସ୍କୁଲରେ ଛାଡ଼ି ଦେଇଥିଲେ। ସୋମବାର ମା' ଝିଅକୁ ନେବା ପାଇଁ ଆସିବାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ନାବାଳିକାର ମାମୁଘର ପକ୍ଷରୁ ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି।ପୁଲିସ ସାବତ ବାପାକୁ ଅଟକ ରଖି ପଚରାଉଚରା କରୁଛି। ନାବାଳିକାର ଡାକ୍ତରୀ ମାଇନା କରାଯାଇ ବୟାନ ରେକର୍ଡ ହୋଇଥିବା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ପ୍ରକାଶ କରିଥିଲେ।

# ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚାମ୍ପିୟାନସିପ ଉଦ୍‌ଯାପିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଠାରେ ଚାଲିଥିବା ୬୫ ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚମ୍ପିୟାନସିପ ଉଦଯାପିତ ହୋଇଯାଇଛି । ଗତ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ସାମ୍ବାଦିକ ଯୁଗଳ କିଶୋର ସାମଲ, ସମ୍ବଲପୁର ଜିଲ୍ଲା ଚେସ ସଂଘ ସଭାପତି ତଥା ଭୀମସାର ପ୍ରଫେସର ଡ଼ ରାଜୀବ କୁମାର ନନ୍ଦ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ ଯୋଗ ଦେଇଥିଲେ । ରାଜ୍ୟ ଚେସ ସଂଘ ଉପ ସଭାପତି ତଥା ବୌଦ୍ଧ ଜିଲ୍ଲା ଚେସ ସଂଘ



ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଚମ୍ପିୟାନ ଗଜପତିର ତପନ ବଡମୁଣ୍ଡି, ଉପ ବିଜେତା କଟକ ର ନିଲସୁ ପଟ୍ଟନାୟକ, ତୃତୀୟ ସ୍ଥାନ ଅଧିକାର କରିଥିବା ଖୋର୍ଦ୍ଧା ର ସାତ୍ତ୍ୱିକ ସ୍ୱାଇଁ, ଚତୁର୍ଥ ସ୍ଥାନ ଅଧିକାର କରିଥିବା ଖୋର୍ଦ୍ଧା ର ସ୍ୱପ୍ନିଲ ପ୍ରିୟଦର୍ଶୀଙ୍କୁ ପୁରସ୍କୃତ କରାଯାଇଥିଲା। ମୂଖ୍ୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ, ଉପ ମୁଖ୍ୟ ଆର୍ବୀଟର ସନ୍ତୋଷ କୁମାର ମହାପାତ୍ର, ଆର୍ବିଟର ପିଙ୍କି ମହାପାତ୍ର, ଆର୍ବୀଟର ସତ୍ୟଜିତ ବାରିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲ୍ଲା ଚେସ ସଂଘ ତରଫରୁ ନିରୋଦ ମେହେର, ରଞ୍ଜିତ ପଟ୍ଟନାୟକ, ପ୍ରତ୍ୟାଶା ମିଶ୍ର, ଅନିକେତ ଦାନୀ, ଗଜେନ୍ଦ୍ର ସାହୁ, ସନ୍ତୋଷ ସାହୁ, ଯଦୁମଣି ପ୍ରଧାନ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନାରେ ସହଯୋଗ କରିଥିଲେ ।

# କନ୍ଧମାଳ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ନୂତନ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ପ୍ରଥମ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କନ୍ଧମାଳ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ ସହ ଏସପି ରାହୁଲ ଗୋୟଲଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ମୋଟ ୧୦୩ ଅଭିଯୋଗ ମଧ୍ୟରୁ ୮୮ଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠୀଗତ ଆପତ୍ତି ଅଭିଯୋଗର ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ବିଭିନ୍ନ ହିତାଧିକାରୀଙ୍କୁ ୧୩ହଜାର ଟଙ୍କା ଓ ଜଣେ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା,ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ନୋଡାଲ ଅଧିକାରୀ ସୁଧର୍ମା ମଲିକ, ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ କୁମାର ଛୁଆଳସିଂ, ଜିଲ୍ଲା ପଂଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି,ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ସିଡିଏମଓ ସଂଘମିତ୍ରା ପଣ୍ଡା, ବିଡ଼ିଓ ସାମୀ ରେଞ୍ଜୀ ଜୟଶ୍ରୀ,ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଡାକ୍ତର ମହେନ୍ଦ୍ର କୁମାର ସଏ, ଡାକ୍ତର ଜଗଦୀଶ ସେଠି ସମେତ ସମସ୍ତ ଜିଲ୍ଲା ଓ ବ୍ଲକ ଅଧିକାରୀ ଯୋଗଦେଇଥିଲେ ।

# ନୂଆଁଖାଇର ପରବର୍ତ୍ତୀ ଦିନକୁ ଛୁଟି ଘୋଷଣା ଦାବି

ସମ୍ବଲପୁର,(ସବ୍ୟୁ): ସମଗ୍ର ପଶ୍ଚିମଓଡିଶାରେ ଗଣପର୍ବ ନୂଆଁଖାଇର ସ୍ୱତନ୍ତ୍ର ପରିଚୟ ରହିଛି । ତେଣୁ ରାଜ୍ୟ ସରକାର ଏହି ଦିନକୁ ଛୁଟି ଘୋଷଣା କରିଛନ୍ତି । ତେବେ ଏହାର ପରବର୍ତ୍ତୀ ଦିନ ନୂଆଁଖାଇ ବାସି ଭାବେ ଧୂମଧାମରେ ପାଳନ କରାଯାଏ । ନୂଆଁ ଖାଇବାକୁ ଦୂରଦୂରାନ୍ତରୁ ବନ୍ଧୁବାନ୍ଧବ ମାନେ ଗାଁକୁ ଆସିଥାନ୍ତି । ଗୋଟେ ଦିନ ନୂଆଁ ଖାଇବା ପରେ ସେମାନେ ଛୁଟି ନଥିବାରୁ ପୁଣି ଫେରିଯିବାକୁ ବାଧ୍ୟ ହୋଇଥାନ୍ତି । ଏଭଳିସ୍ଥଳେ ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ ପକ୍ଷରୁ ଆରଡିସିଙ୍କ ସଚିବ ଜରିଆରେ ରାଜ୍ୟ ସରକାରଙ୍କୁ ଆଉ ୧ଦିନ ଛୁଟି ଘୋଷଣା କରିବାକୁ ଦାବି କରାଯାଇଛି । ପଶ୍ଚିମଓଡିଶା ସମେତ ନୂଆପଡା ଓ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ମଧ୍ୟ ଏହି ଛୁଟି ଦେବାକୁ ଅନୁରୋଧ କରାଯାଇଛି । ଏଥିରେ ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ ଆବାହକ ସପନ ମିଶ୍ର, ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦ, ଇଂ ସୁଶାନ୍ତ ଗୁରୁ, ସମାଜସେବୀ ଭାରତୀ ପଣ୍ଡା, ସଙ୍ଗୀତଜ୍ଞ ମୋତିଲାଲ ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

# ମଗଧା ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ମଗଧ ଯାଦବ ସମାଜ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଜନ୍ମାଷ୍ଟମୀ ଦିନ ସହରର ଖଲିଆ ବଗିଚା ଠାରେ ରାତିସାରା ନାମ, ସଂକିର୍ତନ, କୃଷ୍ଣଗୁରୁ ଆଦି ପରିବେଷଣ ହୋଇଥିଲା । ଛାୟାକାନ୍ତ ବାଘ,ପଙ୍କଜିନୀ ବାଘ କର୍ତାଭାବରେ ଦାୟିତ୍ୱ ତୁଲାଇ ଥିଲେ । ତା ପରଦିନ ସହରରେ ଥିବା ସମସ୍ତ ଯାଦବ ସମାଜର ପୁରୁଷ ଓ ମହିଳା ଏକତ୍ରିତ ହୋଇ ସହର ପରିକ୍ରମା କରି ନନ୍ଦସ୍ୱବ ପାଳନ କରିଥିଲେ । ସହରରେ ଆଧାତ୍ମିକ ପରିବେଷ ସୃଷ୍ଟି ହୋଇଥିଲା । କାର୍ଯ୍ୟକ୍ରମକୁ ରଂଜିତ ରାଉତ, ରବିନ୍ଦ୍ର ରାଉତ, ଧ୍ରୁବ ଚରଣ ଘିବେଲା,ଗୌର ମଲ୍ଲିକ, ଶୀତଲ ଅଦାବର,ଚନ୍ଦ୍ର ଶେଖର କୁଦେଇ, ଦୀନବନ୍ଧୁ ମନହିରା, ଘାସିରାମ ମନହିରା,ରବିନ୍ଦ ମନହିରା, ପପୁ ନାୟକ,ରଜନୀ ରାଉତ, ଗୀତାଂଜଳି ଘିବେଲା, ଦ୍ରୌପଦୀ ରାଉତ,କାମିନୀ ମନହିରା, ବନିତା ଘିବେଲା, ଶ୍ରଦ୍ଧାଂଜଳି ରାଉତ, ପ୍ରଜ୍ଞାମୟୀ ରାଉତ,ରାଜେନ୍ଦ୍ର ରାଜହଂସ, ରାକେଶ କୁଦେଇ, ମୁକେଶ କୁଦେଇ, ନାରାୟଣ ମହନିରା, ଅଶୋକ ଘିବେଲା, ଦିପେଶ କୁଦେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମଦ ଭାଟି ବନ୍ଦ କରିବାକୁ ଗ୍ରାମବାସୀଙ୍କ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସର୍ଗିବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀ ସମେତ ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳ ପଦ୍ମପୁରଙ୍କୁ ଭେଟି ଢୋଲ ବନ୍ଧ ଓ ଆଖପାଖ ଅଞ୍ଚଳରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବିପତ୍ର ଦେଇଛନ୍ତି । ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ମହିଳା ମାନେ ଗାଁ ରେ ମଦ ବିକ୍ରି ବନ୍ଦ ଡାକରା ଦେଇଛନ୍ତି । ସ୍କୁଲ ଛାତ୍ର ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉପଜିଲ୍ଲାପାଳ ପଦ୍ମପୁରଙ୍କୁ ନିବେଦନ କରିଛନ୍ତି ।

# ଶତାୟୁ ଧର୍ମପ୍ରାଣା ମହିଳାଙ୍କ ପରଲୋକ

ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ବ୍ଲକ ହେମାମୁରା ଗ୍ରାମର ନୃପତି ପ୍ରଧାନଙ୍କ (୧୦୪ ) ପରଲୋକ ହୋଇଯାଇଛି । ହେମାମୁରା ଗ୍ରାମର ତଥାକଥିତ ଜମିଦାର,ହେମାମୁରା ଓ ବୁଢ଼ିପାଣି ଗ୍ରାମର ସନାତନ ପ୍ରଧାନଙ୍କର ସହଧର୍ମିଣୀ । ସେ ଜଣେ,ଧର୍ମପ୍ରାଣା,ପରୋପକାରୀ, ସ୍ନେହଶୀଳା ତଥା ତତ୍କାଳୀନ ଦୁଃଖୀ ରଙ୍କି ପ୍ରଜାମାନଙ୍କ ଅନ୍ନଦାତ୍ରୀ ,ଅନ୍ନପୂର୍ଣ୍ଣା ସଦୃଶା ମହିୟସୀ ମହିଳା ଥିଲେ । ତଥାକଥିତ ରାଜତନ୍ତ୍ରର ସାକ୍ଷୀ ସ୍ୱରୂପା ଶ୍ରୀମତୀ ପ୍ରଧାନ କୁକୁଡ଼ା ବାହାଲି ଗ୍ରାମର ଜମିଦାର ବୃଷଭ ପ୍ରଧାନଙ୍କ କନ୍ୟା । ଅଦ୍ୟାବଧି ତାଙ୍କର ଅନେକ ନାତି ନାତୁଣୀ ,ଅଣନାତି ଅଣ ନାତୁଣୀ ଜୀବିତ ଥାଇ ଯୌଥ ପରିବାର ଭାବରେ ଅଛନ୍ତି ।

# ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ପରିବେଶ ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଦେଓଗାଁ ଉଚ୍ଚ ବିଦ୍ୟାଳୟ ଠାରେ ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସାଗରିକା ହୋତାଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ବରିଷ୍ଠ ନାଗରିକ ସମାଜର ସଭାପତି ଅରବିନ୍ଦ ମହାପାତ୍ର, ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ସଦସ୍ୟ ତାପସ କୁମାର ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ହରିନାରାୟଣ ପଣ୍ଡା ଯୋଗ ଦେଇ ସାଂପ୍ରତିକ ପରିବେଶର ଅସନ୍ତୁଳନ, ସୁସ୍ଥ ଜୀବନଯାପନ ପାଇଁ ସୁସ୍ଥ ପରିବେଶର ଆବଶ୍ୟକତା, ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଭୂମିକା ଓ ପଲିଥିନ ବ୍ୟବହାର ଦ୍ୱାରା ହେଉଥିବା କ୍ଷତି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ରୋପଣ କରାଯାଇଥିବା ଚାରାଗୁଡ଼ିକର ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ୩ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଂସ୍କୃତ ଶିକ୍ଷକ ଚିତ୍ତରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉପକରଣ ବଣ୍ଟନ



ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ନେଇ ଚିକିତ୍ସା ସହାୟକ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ଦିବ୍ୟାଙ୍ଗ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ରାଜେଶ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲବଣି ନାଏକ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଉପକରଣ ବଣ୍ଟନ କରିଥିଲେ। ଏଥିରେ ଦୁଇ ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ଟ୍ରାଇସାଇକେଲ, ୩ ଜଣଙ୍କୁ ଶ୍ରବଣ ଯନ୍ତ୍ର, ପାଞ୍ଚ ଟି ହୁଇଲ ଚେୟାର, ୬ ଟି ସି.ପି.ଚେୟାର, ୩ ଟି ସୁଗମ କେନ, ୨ ଟି ରୋଲାଟର, ଏବଂ କ୍ଲଚର ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରରୁ ଆସିଥିବା ଆଲିମକୋର ଡାକ୍ତର ସତ୍ୟବ୍ରତ ଗିରି, ଡାକ୍ତର ମନୋଜ କୁମାର ସେଠୀ, ଡାକ୍ତର ଆଲୋକ କୁମାର ସାହୁ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ଚିକିତ୍ସା କରିଥିଲେ। ଏହି ଚିକିତ୍ସା ସହାୟକ ଶିବିର ଓ ଉପକରଣ ବଣ୍ଟନ କାର୍ଯ୍ୟକ୍ରମକୁ ଶିବ ପ୍ରସାଦ ତ୍ରିପାଠୀ ଏବଂ ଅବନୀ କୁମାର ପ୍ରଧାନୀ ପରିଚାଳନା କରିଥିଲେ।

# ଧଣ୍ଡାମୁଣ୍ଡାରେ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ପାତ୍ର ଅଧକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟି ସଭାପତି ସାଇରାମ ସାହୁ, ସ୍କୁଲ ଶିକ୍ଷକ ଅଜେୟ ଭୋଇ, ଲିଙ୍ଗରାଜ ମେହେର,ବିଜୟ ବେହେରା, ପ୍ରମୁଖ ସ୍କୁଲ ଚାଲ ଅଭିଯାନ ପାଇଁ ସ୍କୁଲ କମିଟି ଗଠନ ଓ କାର୍ଯ୍ୟ କାରିତା ଉପରେ ଆଲୋଚନା କରିଥିଲେ । ଶେଷରେ ସ୍କୁଲର ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ବାହାରି ପିଲାଙ୍କୁ ସ୍କୁଲ ଯିବା ପାଇଁ ସଚେତନ କରିଥିଲେ । ଏହା ସହିତ ସ୍କୁଲରୁ ଡ୍ରପ ଆଉଟ ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲକୁ ପଠାଇବାକୁ ସଚେତନ କରା ଯାଇଥିଲା । କାର୍ଯ୍ୟକ୍ରମରେ ସ୍କୁଲ ଅଭିଭାବକ ଓ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ବୌଦ୍ଧ ଇନଡୋର୍ ଷ୍ଟାଡିୟମ୍‌ରେ ସ୍ଥାନାଭାବ

ବୌଦ୍ଧ,(ସବ୍ୟୁ): ସରକାର କ୍ରୀଡାର ବିକାଶ ପାଇଁ କ୍ରୀଡା ଭିତ୍ତିଭୂମିର ସୁଦୃଢ କରୁଛନ୍ତି । ଫଳରେ ଭଲ ଖେଳାଳୀ ସୃଷ୍ଟି ହେବା ସହିତ କ୍ରୀଡାର ବିକାଶ ହେବ । ତୃଣମୂଳସ୍ତରରୁ କିପରି ଖେଳାଳୀ ବାହାରିବେ ସେଥିପାଇଁ ବ୍ଲକସ୍ତରରୁ ଷ୍ଟାଡିୟମ ନିର୍ମାଣ କରିବା ସହିତ ବିଭିନ୍ନ ପ୍ରତିଯୋଗୀତାମାନ କରାଉଛନ୍ତି । ଯାହାକି ବୌଦ୍ଧ ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ସରକାର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଜିଲ୍ଲାରେ ଜିଲ୍ଲା ଷ୍ଟାଡିୟମ,ଇନଡୋର ଷ୍ଟାଡିୟମ, ସନ୍ତରଣାଗାର ନିର୍ମାଣ କରିଛନ୍ତି । ହେଲେ ଜିଲ୍ଲା ଷ୍ଟାଡିୟମଟି ୨୦୦୬ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଖେଳ ଉପଯୋଗୀ ହୋଇ ପାରିନାହିଁ । ସେହି ଅସଜଡା ଭିତ୍ତିଭୂମିରେ ବିଭିନ୍ନ ପ୍ରତିଯୋଗୀତାମାନ କରାଯାଇ ଖେଳାଳୀ ସୃଷ୍ଟି କରାଯାଉଛି । ସେହିପରି ୨୦୧୫ ମସିହାରେ ବୌଦ୍ଧ ଇନଡୋର ଷ୍ଟାଡିୟମ ଓ ଜିମିନାସିୟମ ଉଦଘାଟନ ହୋଇଥିଲା । ଇନଡୋର ଷ୍ଟାଡିୟମ ଉଦଘାଟନ ପରେ ଖେଳାଳୀଙ୍କ ମଧ୍ୟରେ ଖେଳକୁ ନେଇ ଅନେକ ଉତ୍ସାହ ଦେଖାଦେଇଥିଲା । ହେଲେ ଇନଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ, ଟେନିସ,ଭଲିବଲ ଆଦି କ୍ରୀଡାର କୋଟ ସହିତ ଜିମ,ଯୋଗ ଆଦି ରହିବାର ଥିଲା ବେଳେ କେବଳ ବ୍ୟାଡମିଣ୍ଟନ କୋଟର ସୁବିଧା ରହିଛି । ବାକି ଆଉ କୌଣସି ଖେଳ ପାଇଁ ସୁବିଧା ନାହିଁ । ଜିଲ୍ଲା ଇନଡୋର୍ ଷ୍ଟାଡିୟମରେ ସ୍ଥାନାଭାବ ସହିତ ଅନେକ ସମସ୍ୟା ରହିଛି । ଫଳରେ ପ୍ରତିଯୋଗୀତା ହେଲେ ସ୍ଥାନଭାବ ଯୋଗୁଁ ବିନା ଦର୍ଶକରେ ପ୍ରତିଯୋଗୀତା ମାନ କରାଯାଉଛି । ସେହିପରି ଇନଡୋର ମଧ୍ୟରେ ଖେଳାଳୀମାନଙ୍କ ଫିଟ ପାଇଁ ଜିମ ଓ ଯୋଗର ଆବଶ୍ୟକତା ରହିଥିଲେ



ମଧ୍ୟ ଇନଡୋର ମଧ୍ୟରେ ଜିମ କିମ୍ବା ଯୋଗର ସୁବିଧା ନାହିଁ । ସେହିପରି ଭିତରେ ଗ୍ୟାଲେରୀ ନ ଥିବାରୁ କୌଣସି ପ୍ରତିଯୋଗୀତା ହେଲେ ଦର୍ଶକ ସଂଖ୍ୟା ନାମକୁ ମାତ୍ର ରହୁଛନ୍ତି । ବିନା ଦର୍ଶକରେ ପ୍ରତିଯୋଗୀତାମାନ ହେଉଛି । ଏପରିକି ଇନଡୋର ଭିତରେ ସ୍ଥାନଭାବ ଯୋଗୁଁ ଖେଳାଳୀମାନଙ୍କୁ ବାହାରେ ଟେଣ୍ଟ ମାରି ବସାଯାଉଛି । ଏହାକୁ ନେଇ ଖେଳାଳୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ଖେଳାଳୀଙ୍କ ପାଇଁ ଚେଂଜିଙ୍ଗ ରୁମର ମଧ୍ୟ ସୁବିଧା ନ ଥିବାରୁ ଖେଳାଳୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟେନିସ,ବଲିବଲ, କୋଟ ନ ଥିବାରୁ ଏହି ଖେଳପ୍ରତି ଆଗ୍ରହ ଥିବା ଖେଳାଳୀମାନେ ଆଉ ଆଗକୁ ଆସିପାରୁନାହାନ୍ତି । ଇନଡୋର ମଧ୍ୟରେ ଯେତିକି ଆଲୋକ ବ୍ୟବସ୍ଥା ରହିଛି । ସେତିକି ଆଲୋକରେ ପ୍ରତିଯୋଗୀତା ପାଇଁ ଉପଯୁକ୍ତ ହେଉନାହିଁ । ତେଣୁ ଜିଲ୍ଲାରେ ସରକାରୀସ୍ତରରେ ଇନଡୋର କ୍ରୀଡାର ବିକାଶ ପାଇଁ ଏହି ଇନଡୋର ଷ୍ଟାଡିୟମ ପରିବର୍ତେ ଏକ ମଲଟିପୁଲ ଇନଡୋର ଷ୍ଟାଡିୟମ କରିବାକୁ କ୍ରୀଡାବିତ ମହଲରେ ମତ ପ୍ରକାଶ ପାଉଛି । ମଲଟିପୁଲ ଇନଡୋର ଷ୍ଟାଡିୟମ ହେଲେ ଖେଳାଳୀମାନେ ଅଭ୍ୟାସ ସହିତ ବଡ ବଡ ବିଭିନ୍ନ ପ୍ରତିଯୋଗୀତାମାନ କରାଯାଇ ପାରିବ । ଏହାସହ ଦର୍ଶକମାନେ ଗ୍ୟାଲେରୀରେ ବସି ପ୍ରତିଯୋଗିତାମାନ ଉପଭୋଗ କରି ପାରିବେ । ଶନିବାର ରାଜ୍ୟ କ୍ରୀଡାମନ୍ତ୍ରୀ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ସମୟରେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଜିଲ୍ଲାରେ ଇନଡୋର କ୍ରୀଡାର ବିକାଶ ପାଇଁ ଏକ ମଲଟିପୁଲ ଇନଡୋର ଷ୍ଟାଡିୟମ ନିର୍ମାଣ କରିବା ସହିତ ଏକ କୋଚ ନିଯୁକ୍ତି କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

# ରେଙ୍ଗାଲି ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ମିଳିତ ଭାବେ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଏହି ଅବସରରେ ମୋଟ ୪୬ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ସମସ୍ୟା ଭିତ୍ତିକ ରହିଥିଲା । ତେବେ ୬ଟି ଅଭିଯୋଗର ସମାଧାନ କରାଯାଇଥିଲା । ଏଥିସହ ରେଡକ୍ରସ ଓ ସିଏମ୍ଆରଏଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ହିତାଧିକାରୀଙ୍କୁ ରାସନ କାର୍ଡ, ଭତ୍ତା ଓ ଶ୍ରମକାର୍ଡ ଏବଂ ଟ୍ରାଇସାଇକଲ ଆଦି ପ୍ରଦାନ କରାଯାଇଥିଲା । ସମ୍ବଲପୁର ଜିଲ୍ଲାରେ ଯାତାୟତ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ସହ ସହରକୁ ସ୍ଥାୟୀ ଓ ପରିବେଶ ଅନୁକୂଳ ଯାନବାହାନ ଚଳାଚଳ କରିବା ପାଇଁ ଏହି ଅବସରରେ ବସ୍ ଡିପୋ ସମୀକ୍ଷା କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଉପସ୍ଥିତ ଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୮/୧୮)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମ୍ମଚୋଦନା ।**
**କରଣଂ କର୍ମ୍ମ କର୍ତ୍ତେତି ତ୍ରିବିଧଃ କର୍ମ୍ମସଂଗ୍ରହଃ ॥ ୧୮ ॥**

(ଅଥଃ ଇଦାନୀଂ କର୍ମ୍ମାଣାଂ ପ୍ରବର୍ତ୍ତକଃ ଉଚ୍ୟତେ)– ଜ୍ଞାନଂ( ଇଷ୍ଟସାଧନମିତି ବୋଧଃ), ଜ୍ଞେୟ (ଇଷ୍ଟସାଧନଂ କର୍ମ୍ମ) ପରିଜ୍ଞାତା (ଏତଜ୍‌ଜ୍ଞାନାଶ୍ରୟଃ) (ଇତ୍ୟେବଂ) ତ୍ରିବିଧା କର୍ମଚୋଦନା (କର୍ମପ୍ରବୃତ୍ତି ହେତୁଃ) (ତଥା) କରଣଂ (ସାଧକତମଂ), କର୍ମ୍ମ (କର୍ତ୍ତୁରୀପ୍ସିତତମଂ) କର୍ତ୍ତା (କ୍ରିୟାନିର୍ବର୍ତ୍ତକଃ) ଇତି ତ୍ରିବିଧଃ କର୍ମ୍ମସଂଗ୍ରହଃ (କ୍ରିୟାଶୟଃ) ॥ ୧୮ ॥

# ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ସମସ୍ୟା

ସମଗ୍ର ଭାରତରେ ସମ୍ବାଦପତ୍ରର ସାମ୍ରାଜ୍ୟ ବେଶ୍ ବିସ୍ତୃତ । ଭିନ୍ନ ଭିନ୍ନ ଧରଣର ଭାରତୀୟ ସମ୍ବାଦପତ୍ରର ସଂଖ୍ୟା ଲକ୍ଷାଧିକ ହେବ ବୋଲି ଆକଳନ କରାଯାଇଛି । ଏ ସବୁ ସମ୍ବାଦପତ୍ର ଓ ପତ୍ରପତ୍ରିକା ଭାରତ ସରକାରଙ୍କଦ୍ୱାରା ପଞ୍ଜିକୃତ ମଧ୍ୟ ହୋଇଛି । ପ୍ରାୟ ୨୦୦ ଭାରତୀୟ ଭାଷା ସମେତ ଇଂରାଜୀ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ଓ ପତ୍ରପତ୍ରିକାର ଭବିଷ୍ୟତ କଥା କେନ୍ଦ୍ର, ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନେ ହୁଏତ ସେତେବେଳେ ଚିନ୍ତା କରି ନଥିଲେ । ସମ୍ବାଦପତ୍ରର ପ୍ରତିଷ୍ଠାତାମାନେ ସେ ବିଷୟରେ ମଧ୍ୟ ସଚେତନ ନଥିଲେ । ଏତେ ସବୁ ସମ୍ବାଦପତ୍ରକୁ ସାଇତି ସଂରକ୍ଷଣ କରି ରଖିବାକୁ ଏତେ ସ୍ଥାନ କାହିଁ ? ତେଣୁ ଭାରତର ପ୍ରଧାନମନ୍ତ୍ରୀ ଏବେ ଯେଉଁ ଡିଜିଟାଲ ଭାରତ ଉପରେ ଗୁରୁତ୍ୱାରୋପ କରିଛନ୍ତି, ତାହା ହିଁ ଏବେ ସର୍ବାଧିକ ଆବଶ୍ୟକତା ବୋଲି ମନେ ହେଉଛି । ଏହା ପରେ କୃତ୍ରିମ ବୁଦ୍ଧିମତା (Artificial Intelligence) ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେପରି ଗୁରୁତ୍ୱ ଦେବାକୁ କହିଛନ୍ତି, ତାହା ଭାରତର ପ୍ରକୃତ ଭବିଷ୍ୟତ ବୋଲି ବୁଝିବାକୁ ହେବ ।

ଓଡ଼ିଶାରେ ପ୍ରକୃତରେ କେତେ ସମ୍ବାଦପତ୍ର ବା ପତ୍ରପତ୍ରିକା ତାହାର ହିସାବ ଠିକ୍ ଭାବରେ କରାଯାଇ ନାହିଁ । ତଥାପି କରୋନା ମହାମାରୀ ସମୟରେ ସଂକ୍ରମଣ କାରଣରୁ ଅନେକ ଓଡ଼ିଆ ସମ୍ବାଦପତ୍ରକୁ ଗ୍ରାହକମାନେ ବର୍ଜନ କରିଦେଲେ । ଅନେକ ଇଂରାଜୀ ଓ ହିନ୍ଦୀ ସମ୍ବାଦପତ୍ର ମଧ୍ୟ କ୍ଷତିଗ୍ରସ୍ତ ହେଲେ । ଏହାପରେ ମଧ୍ୟ ସମ୍ବାଦ, ସମାଜ, ପ୍ରମେୟ, ଧରିତ୍ରୀ ଓ ସମୟ ପରି ମାତ୍ର ଅଳ୍ପ କେତେକ ସମ୍ବାଦପତ୍ର ଓଡ଼ିଶାରେ ଅଧିକ ପ୍ରସାରିତ ହୋଇଛନ୍ତି । ସମ୍ବାଦପତ୍ରର ସାମ୍ବାଦିକ ଓ କର୍ମଚାରୀମାନଙ୍କ ମଧ୍ୟରେ ଅନେକ ହଇରାଣ ହୋଇଛନ୍ତି, ଚାକିରି ହରାଇଛନ୍ତି ଓ ଆଉ କେତେକ ସମ୍ବାଦପତ୍ରରେ ଚାକିରି କରଛନ୍ତି ଓ ସମ୍ବାଦପତ୍ରମାନଙ୍କୁ ବଞ୍ଚାଇ ରଖିବା ଦିଗରେ ସହାୟତା ପ୍ରଦାନ କରି ଆସିଛନ୍ତି । ଅନେକ ଓଡ଼ିଆ ପତ୍ରପତ୍ରିକା କରୋନା ପୂର୍ବରୁ ମଧ୍ୟ ମ୍ଳାନ ପଡ଼ିବାର ଦୁର୍ଭାଗ୍ୟ ବରଣ କରିଛନ୍ତି । ଏପରିକି ଓଡ଼ିଶାର ପ୍ରଥମ ପ୍ରକାଶିତ ସମ୍ବାଦପତ୍ରର ମାନ୍ୟତା ପାଇଥିବା 'ଉତ୍କଳ ଦୀପିକା' ପତ୍ରିକା ମଧ୍ୟ ବହୁ ପୂର୍ବରୁ ବନ୍ଦ ହୋଇ ଯାଇଥିଲା । ପ୍ରାକ୍ ସ୍ୱାଧୀନତା କାଳରେ ଭଞ୍ଜ ପ୍ରଦୀପ, ମୁକୁର, ଉତ୍କଳ ସାହିତ୍ୟ, ସମ୍ବଲପୁର ହିତୈଷିଣୀ, ସମ୍ବାଦବାହିକା, ବୋଧଦାୟିନୀ ଓ ଡଗର, ନବଭାରତ ଓ ସହକାର ପ୍ରଭୃତି ପତ୍ରିକା ଜନପ୍ରିୟତାର ଶୀର୍ଷ ସ୍ଥାନକୁ ଯାଇ ମଧ୍ୟ ବିଭିନ୍ନ କାରଣରୁ ତିଷ୍ଠି ରହି ପାରିନାହାନ୍ତି । ଏବେ କେତେକ ଓଡ଼ିଆ ପତ୍ରିକା ବଙ୍ଗଳା ଭାଷାର ପତ୍ରିକା ପ୍ରକାଶନର ଅନୁସରଣରେ 'ପୂଜା ସଂଖ୍ୟା' ପ୍ରକାଶନ ଲାଗି ଦୁର୍ଗା ପୂଜା ସମୟରେ ବ୍ୟସ୍ତ ରହୁଥିବା ପରିଲକ୍ଷିତ ହେଉଛି । ମାତ୍ର ଏବର ଡିଜିଟାଲ ଓ ମୋବାଇଲ ଯୁଗରେ ପଠନସ୍ପୃହା ହ୍ରାସ ପାଉଥିବାରୁ ବହୁଳ ପୃଷ୍ଠା ବହନ କରୁଥିବା 'ପୂଜା ସଂଖ୍ୟା' ମଧ୍ୟ ଆଗପରି ଯଥେଷ୍ଟ ସଂଖ୍ୟାରେ ବିକ୍ରୀ ହେଉନାହିଁ । ତଥାପି ସେଥିରେ ଲେଖିଥିବା ଅନେକ ଲେଖକ/ ଲେଖିକା ପୂଜା ସଂଖ୍ୟାକୁ ନିଜେ କିଣି ଆଣି ନିଜର ସମ୍ପର୍କୀୟ ବା ବନ୍ଧୁମାନଙ୍କୁ ମାଗଣାରେ ବିତରଣ କରୁଥିବା ଦୁର୍ଭାଗ୍ୟର ବିଷୟ ବୋଲି ମନେ ହୋଇଥାଏ ।

ଇତିମଧ୍ୟରେ ତଡିତ ଗଣମାଧ୍ୟମ (electronic media) ଓ ସାମାଜିକ ଗଣମାଧ୍ୟମ (social media)ଉଭୟ ମୁଦ୍ରଣ ଗଣମାଧ୍ୟମ (print media)ର ପ୍ରତିଦ୍ୱନ୍ଦୀ ନିଶ୍ଚୟ । ତଥାପି ମୁଦ୍ରଣ ଗଣମାଧ୍ୟମର ଆଦର ସହ ସେମାନେ ସମକକ୍ଷ ହେବା ପରି ମନେ ହୁଏ ନାହିଁ । ଏହା ବ୍ୟତୀତ ମୁଦ୍ରଣ ଗଣମାଧ୍ୟମକୁ ନିୟନ୍ତ୍ରଣାଧୀନ କରିବାକୁ କେନ୍ଦ୍ର ସରକାର ପ୍ରଥମ ପ୍ରେସ କମିଶନଙ୍କ ସୁପାରିଶ ଅନୁସାରେ ୧୯୬୬ ମସିହାରେ 'ଭାରତରେ ପ୍ରେସ କାଉନସିଲ' ଗଠନ କରିଥିଲେ । ୧୯୭୮ର ପ୍ରେସ କାଉନସିଲର ଆଇନ ଅନୁଯାୟୀ ସମ୍ବାଦପତ୍ରର ସ୍ୱାଧୀନତା ସମେତ ସମ୍ବାଦପତ୍ର ଓ ସମ୍ବାଦ ସରବରାହ ସଂସ୍ଥାର ମାନରକ୍ଷା ଲାଗି ସରକାର କଟକଣା ମଧ୍ୟ ଜାରି କରି ପାରିବେ । ମାତ୍ର ତଡିତ ବା ସାମାଜିକ ଗଣମାଧ୍ୟମ କ୍ଷେତ୍ରରେ ସେପରି କାଉନସିଲ ଗଠିତ ହୋଇପାରିନାହିଁ । ଅଶ୍ଳୀଳ ଓ ହାନିକାରକ ତଡ଼ିତ ବା ସାମାଜିକ ଗଣମାଧ୍ୟମ ପାଇଁ କିଛିଟା କଟକଣା ସରକାର ରଖିଛନ୍ତି । ସେଥିପାଇଁ ନିର୍ଦ୍ଦିଷ୍ଟ ଆଇନର ଆଶ୍ରୟ ନିଆ ହୋଇନାହିଁ । ଏକଦା କଂଗ୍ରେସ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅମଳରେ ବୃତ୍ତି ଟିକସ (Professional Tax) ଆରମ୍ଭ କରାଯାଉଥିଲା । ଏ ସାମ୍ବାଦିକ ଓ ଲେଖକ ଅନ୍ୟ କେତେ ଜଣଙ୍କ ସହ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କୁ ନିବେଦନ କରିବାରୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ସେ ବିଚାର ବିମର୍ଷ କରି ସାମ୍ବାଦିକମାନଙ୍କୁ ଏହି ଟିକସ ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିଲା ।

ଏବେ ସାପ୍ତାହିକ 'ରାଷ୍ଟ୍ରଦୀପ' ପତ୍ରିକାର ୬୦ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି ତାଙ୍କ ସରକାର ଅବଗତ ଅଛନ୍ତି ବୋଲି କହିଛନ୍ତି । ଏହା ନିଶ୍ଚିତ ଭାବେ ସାମ୍ବାଦିକମାନଙ୍କୁ ଉତ୍ସାହିତ କରିଛି । ସେହିପରି ଗତ ଅଗଷ୍ଟ ୧୩ ତାରିଖରେ 'ସମୟ ଲାଇଭ' ୱେବ ଚାନେଲ କାର୍ଯ୍ୟକ୍ରମରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସମେତ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଶିଳ୍ପମନ୍ତ୍ରୀ ଶ୍ରୀ ସଂପଦ ଚରଣ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ସମ୍ବାଦପତ୍ର ଓ ସାମ୍ବାଦିକଙ୍କର ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମାତ୍ର ରାଜଧାନୀରେ ଜମି ବା ବାସଗୃହ ନଥିବା କେତେକ ସାମ୍ବାଦିକଙ୍କୁ ଆବଣ୍ଟିତ ହୋଇଥିବା ସରକାରୀ ବାସଗୃହରୁ ଉଚ୍ଛେଦ କରାଯିବାକୁ ନୋଟିସ ହୋଇଛି ଏବଂ ତାହାର ବିକଳ୍ପ ବ୍ୟବସ୍ଥା କାହିଁକି କରାଯାଇ ପାରୁନାହିଁ, ସେ ବିଷୟକୁ ରାଜ୍ୟ ସରକାର ଅନୁସନ୍ଧାନ କରି ଗୁରୁତର ଭାବେ ବିଚାର କରିବେ ବୋଲି ଆମେ ଆଶା କରୁଛୁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମଧ୍ୟବିତ୍ତର ଦୁଃଖ



ଡ. ନିରଞ୍ଜନ ସାହୁ

**କଥା ନିରବଧି**

ଶ୍ରମିକ ଶ୍ରେଣୀ ଓ ଉଚ୍ଚବର୍ଗର ଲୋକଙ୍କର ମଝିରେ ଥିବା ଅର୍ଥନୈତିକ ତଥା ସାମାଜିକ ଗୋଷ୍ଠୀର ଲୋକଙ୍କୁ ସାଧାରଣ ଭାବରେ ମଧ୍ୟବିତ୍ତ ବୋଲି କୁହାଯାଇଥାଏ । ବହୁଳ ଭାବରେ ବ୍ୟବହୃତ ଏଇ ଶବ୍ଦଟିର ବାସ୍ତବ ସଂଜ୍ଞା ଖୋଜିବା ଏତେ ସହଜ ବ୍ୟାପାର ନୁହେଁ । ଏମାନଙ୍କର ଥାଏ ଶିକ୍ଷାଗତ ଯୋଗ୍ୟତା ତଥା ନିଜର ପିଲାମାନଙ୍କୁ ଏମାନେ ଭଲ ଅନୁଷ୍ଠାନରେ ପଢ଼େଇବା ପାଇଁ ପ୍ରଯତ୍ନ କରିଥାନ୍ତି । ଏମାନଙ୍କର ସ୍ଥିର ଆୟ ଥାଏ ଏବଂ ଜୀବନଶୈଳୀରେ ଥାଏ କିଛି ଆରାମଦାୟକ ସ୍ଥିତି । ସ୍ୱାସ୍ଥ୍ୟସେବା ପାଇଁ ଏମାନେ ତତ୍ପର ଥାଆନ୍ତି ଏବଂ ସ୍ୱାସ୍ଥ୍ୟରକ୍ଷା ପାଇଁ ବି ଖର୍ଚ୍ଚ କରିବାକୁ ପଛାନ୍ତି ନାହିଁ । ଏକ ଅପେକ୍ଷାକୃତ ଆରାମଦାୟକ ଜୀବନଶୈଳୀରେ ବଞ୍ଚୁଥିବା ଏଇ ଲୋକେ କ'ଣ ସତରେ ଖୁସିରେ ଥାଆନ୍ତି !

ମାତ୍ର ସେମାନଙ୍କୁ ଯଦି ଆପଣ ଏଇ ପ୍ରଶ୍ନ ପଚାରିବେ ତା'ହେଲେ ଆପଣ ପାଇବେ ନିରୁତ୍ସାହଜନକ ଉତ୍ତର । ସେମାନେ ସତରେ ଭାରି ଦୁଃଖୀ ବୋଲି ଭାବନ୍ତି – କଥାରେ କୁହାଯାଏ 'ମୂଢ଼େ ତରନ୍ତି, ଗୁଢ଼େ ତରନ୍ତି – ମଝି ମଝିକିଆ ବୁଡ଼ି ମରନ୍ତି' – ତା'ହେଲେ କ'ଣ ସେଇ କଥାଟି ସତ । ଶ୍ରମିକ ଶ୍ରେଣୀ ପରି ସେମାନେ କେବେବି ନିହାତି ଅସୁବିଧାଜନକ ସ୍ଥିତିରେ ନଥାନ୍ତି ତଥାପି ନିଜକୁ ସବୁବେଳେ ଅସୁରକ୍ଷିତ ଅନୁଭବ କରନ୍ତି । ଘାସକୁ ମୋଟ ଗଛକୁ ଛୋଟ, ଘାସକୁ ସମୟ ସୁଯୋଗ ମିଳିନଥାଏ ଅନ୍ୟ ସହିତ ନିଜକୁ ତଉଲିବା ପାଇଁ ହେଲେ ମଧ୍ୟବିତ୍ତ ନଜକୁ ତା'ର ତଳ ଶ୍ରେଣୀ ସହିତ କେବେ ତୁଳନା କରେନାହିଁ ବରଂ ଉଚ୍ଚବର୍ଗଙ୍କ ସହିତ ତୁଳନା କରେ ଓ କଷ୍ଟ ପାଏ ।

ଜ୍ଞାନର ଅଭାବ ବେଳେ ବେଳେ ଆଶୀର୍ବାଦ ପାଲଟେ ବୋଲି କୁହାଯାଇଥାଏ, ଯାହାକୁ ଇଂରାଜୀରେ କହନ୍ତି– "Where ingnorance is bliss"ସେଇ କଥା ଶ୍ରମିକ ଶ୍ରେଣୀ ପାଇଁ ବେଳେ ବେଳେ ପ୍ରଯୁଜ୍ୟ ହୋଇଥାଏ – ସେମାନେ କେବଳ ବର୍ତ୍ତମାନ ଭିତରେ ଜିଇଁଥାନ୍ତି– ଭବିଷ୍ୟତକୁ ଅନେଇବାକୁ ତାଙ୍କର ତର ନଥାଏ– ସେମାନେ ତଳ ଶ୍ରେଣୀରେ ଥିବାରୁ ନା ଥାଏ ପତନର ନା ଅଧଃପତନର ଭୟ। ସେମାନେ ବଞ୍ଚନ୍ତି ବେଫିକର ହୋଇ – ଦିନକର ମଜୁରି ମିଳିଗଲେ ଶସ୍ତା କିଛି ଗ୍ରାସାଚ୍ଛାଦନ କରି ଶୋଇଯାଆନ୍ତି ସେମାନେ । ଦେଶୀ ପାନୀୟ ଟିକିଏ ଯୋଡ଼ି ହୋଇଗଲେ ସେ ନିଦରେ ପୁଣି ଯୋଗ ହୋଇଯାଏ ସାନ୍ଦ୍ରତା । ଅଥଚ ବହୁ ମଧ୍ୟବିତ୍ତଙ୍କ ଠାରେ ନିଦ୍ରାଜନିତ ରୋଗର ପ୍ରାବଲ୍ୟ । ସେମାନଙ୍କ ନିକଟରେ ଭଲ ସାଜସଜ୍ଜା ବିଶିଷ୍ଟ ଶୟନ କକ୍ଷ ଓ ସୁସଜ୍ଜିତ ଶଯ୍ୟା ଥାଇପାରେ ମାତ୍ର ନିଦ ପାଇବାକୁ ସେମାନଙ୍କୁ ବହୁ ଚେଷ୍ଟା କରିବାକୁ ହୁଏ । କେତେବେଳେ ଘଣ୍ଟା ଘଣ୍ଟା ଚାଲିବାକୁ ହୁଏ, କେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟକୁ ନିୟନ୍ତ୍ରଣ କରିବା ଦରକାର ପଡ଼େ । କ୍ୟାରିଅରକୁ ଆଗକୁ ବଢ଼େଇବାର ସ୍ୱପ୍ନ, କେବେ ନୂଆ ମନଲାଖି ଘର ଖଣ୍ଡିଏ ତୋଳେଇବାର ପ୍ରଗାଢ଼ ଇଚ୍ଛା, କେବେ ନିଜ ପେଟରୁ କାଟି ନିଜର ପୁତ୍ରକନ୍ୟାଙ୍କ ଉଚ୍ଚଶିକ୍ଷା ପାଇଁ ବିଭିନ୍ନ ପ୍ରୟାସ ଭିତରେ ନିଦ୍ରାଦେବୀ ପାଖକୁ ମାଡ଼ନ୍ତି ନାହିଁ ।

ଦାସ କ୍ୟାପିଟାଲ ପୁସ୍ତକର ସହରଚୟିତା ଏଲେସଙ୍କୁ ହୁଏତ ଆପଣ ଜାଣିଥିବେ ମାର୍କ୍ସଙ୍କର ଅନ୍ୟତମ ସହଯୋଗୀ ଭାବେ । ତାଙ୍କ ଭାଷାରେ ସମ୍ଭ୍ରାନ୍ତ କୁଳ ଏବଂ କୃଷିକାର୍ଯ୍ୟରେ ନିୟୋଜିତ ଶ୍ରମିକ ଗୋଷ୍ଠୀ ମଝିରେ ଥିବା ଯେଉଁ ଲୋକମାନେ ସେହିମାନେ ହିଁ ବୁର୍ଜୁଆ, ଯାହାଙ୍କୁ ମଧ୍ୟବିତ୍ତ ଶ୍ରେଣୀ ଭାବରେ ଆମେ ଚିହ୍ନିତ କରୁଛୁ ଆଜିକାଲି । ସମ୍ଭ୍ରାନ୍ତ କୁହାଯାଉଥିଲା ସେଇମାନଙ୍କୁ ଯେଉଁମାନେ ଜନ୍ମରୁ ଥିଲେ ଧନୀକ ଏବଂ ସେମାନେ ରାଜା କିମ୍ବା ତାଙ୍କର ପ୍ରିୟ ପରିଜନ ସମ୍ବଳିତ ଏକ ଗୋଷ୍ଠୀ ଯେଉଁମାନେ ଏକଦା ସମାଜର ଉଚ୍ଚଶ୍ରେଣୀ ଭାବରେ ଅଭିହିତ ହେଉଥିଲେ । ଭାରତର ବହୁ ଜମିଦାର ଶ୍ରେଣୀୟ ଲୋକମାନେ ଏକଦା ଥିଲେ ସମ୍ଭ୍ରାନ୍ତ ଶ୍ରେଣୀୟ, ମାତ୍ର ଜମିଦାରୀ ଉଚ୍ଛେଦ ପରେ ସେମାନଙ୍କ ଭିତରୁ କେତେକ ମଧ୍ୟବିତ୍ତ ହୋଇ କିଛିଦିନ ଚଳିଲେ ଏବଂ କ୍ରମେ ନିଜର ପରିଚୟ ହଜେଇ ଦେଲେ ସମୟର ଗତିଚକ୍ରରେ ।

ମଧ୍ୟବିତ୍ତମାନେ ସିନା ଦୁଃଖୀ ହେଲେ ସମାଜକୁ ସୁଖୀ କରିବା ପାଇଁ ସେମାନଙ୍କର ଯୋଗଦାନ ଅନ୍ୟ କୌଣସି ଗୋଷ୍ଠୀ ଠାରୁ ଅଧିକ । ଯେତେ ଡାକ୍ତର, ଅଧ୍ୟାପକ, କବି ସାହିତ୍ୟିକ, ଶିଳ୍ପୀ, ବୈଜ୍ଞାନିକ ସବୁ ଏଇ ଶ୍ରେଣୀରେ ଅନ୍ତର୍ଭୁକ୍ତ । ବିଶ୍ୱ ଅସମାନତା ରିପୋର୍ଟ ୨୦୧୮ ଅନୁସାରେ ବିଶ୍ୱର ଧନୀ ଶତକଡ଼ା ଦଶଭାଗ ଲୋକଙ୍କର ରୋଜଗାର ମଧ୍ୟବିତ୍ତମାନଙ୍କ ରୋଜଗାର ଠାରୁ ଆନୁପାତିକ ଭାବରେ ଢେର ଅଧିକ। ବିଶେଷକରି ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତୀୟ ମଧ୍ୟବିତ୍ତ ଶ୍ରେଣୀ କ୍ରମଶଃ ସଂକୁଚିତ ହେଉଛନ୍ତି ।

*ମଧ୍ୟବିତ୍ତମାନେ ସିନା ଦୁଃଖୀ ହେଲେ ସମାଜକୁ ସୁଖୀ କରିବା ପାଇଁ ସେମାନଙ୍କର ଯୋଗଦାନ ଅନ୍ୟ କୌଣସି ଗୋଷ୍ଠୀ ଠାରୁ ଅଧିକ । ଯେତେ ଡାକ୍ତର, ଅଧ୍ୟାପକ, କବି ସାହିତ୍ୟିକ, ଶିଳ୍ପୀ, ବୈଜ୍ଞାନିକ ସବୁ ଏଇ ଶ୍ରେଣୀରେ ଅନ୍ତର୍ଭୁକ୍ତ । ବିଶ୍ୱ ଅସମାନତା ରିପୋର୍ଟ ୨୦୧୮ ଅନୁସାରେ ବିଶ୍ୱର ଧନୀ ଶତକଡ଼ା ଦଶଭାଗ ଲୋକଙ୍କର ରୋଜଗାର ମଧ୍ୟବିତ୍ତମାନଙ୍କ ରୋଜଗାର ଠାରୁ ଆନୁପାତିକ ଭାବରେ ଢେର ଅଧିକ। ବିଶେଷକରି ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତୀୟ ମଧ୍ୟବିତ୍ତ ଶ୍ରେଣୀ କ୍ରମଶଃ ସଂକୁଚିତ ହେଉଛନ୍ତି ।*

ମଧ୍ୟବିତ୍ତମାନେ ସବୁ ସାମାଜିକ ଦୁର୍ଘଟଣାର ଆଘାତ ଆଗ ପାଇଥାନ୍ତି । ଜୀବନ ଧାରଣର ମାନ ବୃଦ୍ଧି ଘଟୁଛି ପ୍ରତିଦିନ–କାଲି ଯାହା ବିଳାସମୟ ବସ୍ତୁ ବୋଲି ଧରାଯାଉଥିଲା ଆଜି ତାହା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ – ହେଲେ ଦର ବଢୁଛି, ମାତ୍ର ସେଇ ଅନୁପାତରେ ଦରମା ବଢୁନି । ଘରଭଡ଼ା ବଢ଼ି ବଢ଼ି ଚାଲୁଛି – ବଢୁଛି ଘରମାଲିକର ଜୁଲୁମ୍– ମଶାରୀ କଣ୍ଟାଟିଏ ଉପୁଡ଼ି ପଡ଼ିଲେ ତାକୁ ପିଟିବା ପାଇଁ ଦରକାର ପଡ଼େ ମାଲିକର ସମ୍ମତି କାରଣ ଅନ୍ୟଥା ହେଲେ ଘରମାଲିକଙ୍କ କୋପର ସାମ୍ନା କରିବାକୁ ହେବ । ଦୁଇଜଣ ଅତିଥି ଯଦି ଆସିଯିବେ ତାଙ୍କ ଶୋଇବା ପାଇଁ ଅଲଗା ଘର ନାହିଁ – ଦି'ଜଣ ବାହାର ଲୋକ ଆସିଛନ୍ତି ଜାଣିଲେ ଚାକରାଣୀ ଅନ୍ୟକିଛି ବାହାନା ଦେଖେଇ ଆସିବାକୁ କୁନ୍ଥ କୁନ୍ଥ । ଆଉ ମାଲିକାଣୀ କେବେ କଥା ଛଳରେ କହିଦେବେ ଯେ ଆପଣଙ୍କ ଘରକୁ ଏତେ ଗେଷ୍ଟ ଆସୁଛନ୍ତି ଯେ ଆମର ପାଇଖାନା ଟାଙ୍କି ଉଛୁଳି ପଡୁଛି ଏପରି ଅକୁହା ଦୁଃଖକୁ ସମ୍ଭାଳିବା ପାଇଁ ମଧ୍ୟବିତ୍ତଟିଏ ଛଡ଼ା କିଏ ବା ଅଛି ?

ସ୍ୱାସ୍ଥ୍ୟ ଖରାପ ହେଲା ମାନେ ମନରେ ଉଦ୍‌ବେଗ – ଶ୍ରମିକ ଶ୍ରେଣୀଙ୍କର ଧାରଣା ଥାଏ ଶରୀରରେ ଥିବା ରୋଗ ନିବାରକ ଶକ୍ତି ହିଁ ତାଙ୍କୁ ରୋଗରୁ ମୁକ୍ତିଦେବ ନ ହେଲେ ଅତି ବେଶିରେ ସରକାରୀ ଡାକ୍ତରଖାନାରେ ଉପଚାର । ମାତ୍ର ମଧ୍ୟବିତ୍ତ ମନର ଦୁଃଶ୍ଚିନ୍ତା, କେମିତି ସେ ରୋଗର ମୁକାବିଲା କରିବ–ଯେତେବେଳେ ସାରା ବାୟୁମଣ୍ଡଳରେ ପ୍ରଦୂଷଣ ବଜାରରେ ପ୍ରଦୂଷିତ ଖାଦ୍ୟର ଭଣ୍ଡାର ସେତେବେଳେ ରୋଗରେ ନ ପଡ଼ିବା ଗୋଟିଏ ବ୍ୟତିକ୍ରମ କେବଳ । ରୋଗରେ ପଡ଼ି ନର୍ସିଂହୋମ୍‌ରେ ଆଠଦିନ ପଡ଼ିଲେ କେତେ ମାସର ସଞ୍ଚୟ ଗାଏବ । ଇନ୍‌ସ୍ୟୁରାନ୍ସ ହିଁ ଏକମାତ୍ର ପଥ ପ୍ରଦର୍ଶକ । ହେଲେ ପ୍ରତିଶ୍ରୁତି ଅନୁସାରେ ସବୁ ବୀମାରୁ ଭରଣ କରିହୁଏ ନାହିଁ, ପୁଣି ପକେଟ ଉପରେ ମାଡ଼–ରୋଗ ଭୟରେ ସଂତ୍ରସ୍ତ ମଧ୍ୟବିତ୍ତର ଚିତ୍ତ ।

କେତେବେଳେ କେମିତି ଛୁଟିଟିଏ ମିଳିଲେ ପର୍ଯ୍ୟଟନରେ ଯିବାକୁ ମନ କରୁଥାଏ ମଧ୍ୟବିତ୍ତ ଲୋକଟିଏ, ତା'ର ସମଗ୍ର ପରିବାର ପାଇଁ ସେତିକ ଏକ ବିରାଟ ଆକର୍ଷଣ–ହୋଟେଲ ଦେୟର ଅହେତୁକ ଅଭିବୃଦ୍ଧି, ପର୍ଯ୍ୟଟକଙ୍କ ଉପରେ ସ୍ଥାନୀୟ ଲୋକଙ୍କର ଅଲିଖିତ ଟ୍ୟାକ୍‌ସ, ବହୁତ ଆଗରୁ ଯୋଜନା ନ କଲେ ବିମାନ ଯାତ୍ରା ଏକରକମର ଅସମ୍ଭବ ତ ବହୁତ ଆଗରୁ ଯୋଜନା କଲେବି ଅଫିସର ଦାୟିତ୍ୱ ଦୃଷ୍ଟିରୁ କେବେ ଛୁଟି ବାତିଲ ହେବାର ଭୟ ମଧ୍ୟବିତ୍ତର ଦୁଃଖକୁ ବଢ଼େଇଦିଏ ବହୁଗୁଣ ।

ସରକାରମାନେ ଯେତେ ହରେକ ରକମର ଟ୍ୟାକ୍‌ସ ଲଗେଇ ଦିଅନ୍ତି ତାକୁ ମଧ୍ୟବିତ୍ତ ଛଡ଼ା କିଏ ବା ଏତେ ସାମ୍ନା କରେ ? କୁହାଯାଏ ବହୁତ ରକ୍ତ ଶୋଷିଲେ ବି ତା'ର ମନ ମେଣ୍ଟିଗଲେ ଜୋକ ବି ଶରୀରକୁ ଛାଡ଼ିଦିଏ । ହେଲେ ସରକାରଙ୍କ ମନ କେବେ ମେଣ୍ଟେନି । ଜିନିଷ କିଣିବେ ଟିକସ ଗଣିବେ, ଜିନିଷ ବିକିବେ ସେଥିରୁ ବି ଟିକସରୁ ନିସ୍ତାର ନାହିଁ । ସିନେମା ଦେଖିବେ ସେଥିରେ ପ୍ରମୋଦ କର, ଆୟ ଉପରେ ଆୟକର, ଗାଡ଼ି ଚଳେଇବେ ଦେବେ ରୋଡ୍ ଟ୍ୟାକ୍ସ, ବ୍ୟାଙ୍କରେ ଟଙ୍କା ଲୋନ୍ ନେଲେ ଟଙ୍କା ଦେବେ, ଟଙ୍କା ରଖିଲେ ବି ସୁଧ ଉପରେ ଟିକସ୍ ବୋଝ–ଯେ ସବୁ ବୋଝ ମୁଣ୍ଡେଇ ମୁଣ୍ଡେଇ ମଧ୍ୟବିତ୍ତ ବେହାଲ ।

ମଧ୍ୟବିତ୍ତମାନଙ୍କ ଭିତରେ ସହଯୋଗ କମ୍ , ତା'ଛଡ଼ା ସେମାନେ ବି ସଂଖ୍ୟାନ୍ୟୁନ ଏଣୁ ତାଙ୍କ ଉପରେ ସରକାରୀ ଜୁଲମ୍ ଅଧିକ । ସେମାନେ ଗୋଟିଏ ଗଣତନ୍ତ୍ରକୁ ପୁଷ୍ଟ କରନ୍ତି ସେମାନଙ୍କର ବୌଦ୍ଧିକ ଓ ଆର୍ଥିକ ଯୋଗଦାନ ଦ୍ୱାରା, ମାତ୍ର ସରକାରୀ ସୁବିଧା ତାଙ୍କୁ କ୍ୱଚିତ ମିଳେ – ଏପରିକି ସରକାର ରିଟାୟାର୍ଡ଼ ବର୍ଷୀୟାନମାନଙ୍କୁ ରେଳଯାତ୍ରାରେ ଦେଉଥିବା ରିହାତି ହଟେଇ ଦେଇଥିଲେ କୋଭିଡ୍ ସମୟରେ– ଏହା ଭିତରେ ଚାରିବର୍ଷ ବିତିବାକୁ ବସିଲାଣି–ତାକୁ ଫେରେଇବାକୁ ନା ଧରୁ ନାହାନ୍ତି ।

ମଧ୍ୟବିତ୍ତର ଦୁଃଖ ଶୁଣିବାକୁ କାହାରି ନାହିଁ ସମୟ ବା ଧୈର୍ଯ୍ୟ ।

*(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ଜଣେ କଥାଶିଳ୍ପୀଭାବେ ପରିଚିତ)*

**ମୋ–୯୪୩୮୪୮୨୯୧୧**

# ଯୁଦ୍ଧ ବିଭୀଷିକା ଓ ବିଶ୍ୱଶାନ୍ତି-୨



ରୁଚିର କୁମାର ପାଣିଗ୍ରାହୀ

ଆଆବଶ୍ୟକତା ଦୃଷ୍ଟିରୁ ଦେଖିଲେ ଯଦିଓ ଯୁଦ୍ଧ ଧନ–ଜୀବନ ହାନି ଓ ଦୁଃଖ ଦୁର୍ଦ୍ଦଶା ଆଣିଥାଏ, ତଥାପି ବିଶେଷଜ୍ଞମାନଙ୍କ ମତରେ ଅନେକଗୁଡିଏ କାରଣ ପାଇଁ ବିଶ୍ୱରେ ଯୁଦ୍ଧର ଆବଶ୍ୟକତା ପଡିଥାଏ । ମୁଖ୍ୟତଃ ସାଧାରଣ ଜନତାଙ୍କର ଅଧିକାରର ସୁରକ୍ଷା, ପ୍ରାକୃତିକ ସମ୍ପଦର ସୁରକ୍ଷା, କୌଣସି ଅଗ୍ରଗତି ବା ନିରାକରଣକୁ ପ୍ରୋତ୍ସାହିତ କରିବା ଓ ଅର୍ଥନୈତିକ ଉନ୍ନତି ଦିଗରେ ଆଗେଇବା ଇତ୍ୟାଦି ଯୁଦ୍ଧର ଲକ୍ଷ୍ୟ ହୋଇପାରେ । କେତେକ ଯୁକ୍ତି ଦର୍ଶାଇଥାନ୍ତି ଯେ ଯୁଦ୍ଧ କେବଳ ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ ସ୍ୱାର୍ଥ ପାଇଁ ଲଢ଼ା ଯାଇଥାଏ । ଅନ୍ୟ କେତେକ କୁହନ୍ତି ଏହା କେବଳ ଆଦର୍ଶବାଦ ଓ ଚିନ୍ତାଧାରାର ବିଭିନ୍ନତା ଅଟେ ।

ଅର୍ଥନୀତି ଦୃଷ୍ଟିରୁ ତର୍ଜ୍ଜମା କଲେ ଜଣାଯାଏ ଯେ ଅନେକ ଅର୍ଥନୈତିକ ଅଭିବୃଦ୍ଧି ଯୁଦ୍ଧ ସମୟରେ ଉତ୍ପନ୍ନ ହୋଇଥାଏ । ଆକ୍ରମଣ ପ୍ରତିରୋଧକ ଉପାୟ ପାଇଁ ପ୍ରତିରକ୍ଷା ସାମଗ୍ରୀ, ସୈନ୍ୟବାହିନୀ ପାଇଁ ଅସ୍ତ୍ର, ବସ୍ତ୍ର ଓ ସ୍ୱାସ୍ଥ୍ୟ ଯତ୍ନ ପାଇଁ ଉଦ୍ଦିଷ୍ଟ ଶିଳ୍ପ ସଂସ୍ଥାମାନ ଗଢ଼ି ଉଠିଥାଏ । ସାମାଜିକ ସୁବିଧା ଦେଖିଲେ ଜଣାଯାଏ ଯେ ସର୍ବଦା ଯୁଦ୍ଧ ଏକ ସାମାଜିକ ବାର୍ତ୍ତା ବା ଲକ୍ଷ୍ୟ ନେଇ ଘଟିଥାଏ । ଶୋଷିତ ବା ବଞ୍ଚିତ ଲୋକମାନଙ୍କର ସ୍ୱାର୍ଥରକ୍ଷା ହୋଇଥାଏ ଏବଂ ଶୋଷଣ କରୁଥିବା ସଂସ୍ଥା ଦଣ୍ଡିତ ହୋଇଥାନ୍ତି । ଯୁଦ୍ଧରେ ଅନେକ କ୍ଷୟକ୍ଷତି ସହ ଆବଶ୍ୟକତା ଓ ଅଭିଜ୍ଞତା ସୃଷ୍ଟି ହୋଇଥାଏ, ଯାହାକି ଗବେଷଣା ଓ ଯାନ୍ତ୍ରିକ ବିଜ୍ଞାନର ପ୍ରୟୋଗକୁ ସହାୟକ ହୁଏ ଏବଂ ଯୁଦ୍ଧପରେ ଲୋକଙ୍କର ସ୍ୱାର୍ଥ ଓ ସୁବିଧା ପାଇଁ ଆବଶ୍ୟକ ହୋଇଥାଏ । କ୍ଷେପଣାସ୍ତ୍ର ଓ ଯୁଦ୍ଧ ଯନ୍ତ୍ର ନିର୍ମାଣ, କ୍ଷତାକ୍ତ ସୈନ୍ୟଙ୍କ ପାଇଁ ଆଧୁନିକ ଡାକ୍ତରଖାନା, ସୁରକ୍ଷା ପ୍ରଦାନକାରୀ ବସ୍ତ୍ର, ନାରୀଶକ୍ତିର ଉପଯୋଗ, ଆକାଶ ଓ ନୌବାହିନୀ ପାଇଁ ରକେଟ୍ ନିର୍ମାଣ, ଜାହାଜ ଓ ସ୍ଥଳବାହିନୀ ପାଇଁ ଟ୍ୟାଙ୍କ୍, ତୋପ, ସ୍ୱତନ୍ତ୍ର କମ୍ପ୍ୟୁଟର, ଟିଭି, କ୍ୟାମେରା, ସାଟେଲାଇଟ୍, ଡବାଯୁକ୍ତ ଖାଦ୍ୟ, ଡ୍ରୋନ୍ ଏବଂ ନ୍ୟୁକ୍ଲିୟର ଅସ୍ତ୍ର ଇତ୍ୟାଦିର ବହୁଳ ଆବଶ୍ୟକ ହୋଇଥାଏ । ସାଧାରଣ ହିସାବରେ ବିଶ୍ୱର ମୋଟ୍ ଗବେଷଣା ଖର୍ଚ୍ଚର ୭୦ ପ୍ରତିଶତ କେବଳ ସାମରିକ ବାବଦରେ ଖର୍ଚ୍ଚ ହେଉଅଛି । ଆମେ କହିପାରିବା ଯେ ଯୁଦ୍ଧରେ ମୃତ୍ୟୁ ଅପେକ୍ଷା ଅଧିକ ଲୋକ ଜୀବନ ବଞ୍ଚାଇ ସୁରକ୍ଷିତ ରହିପାରନ୍ତି ।

ଯୁଦ୍ଧର ପ୍ରଭାବ ବିଷୟରେ ଆଲୋଚନା କଲେ ଜଣାଯାଏ ଯେ ଏହାର ପରିଣତି ମୃତ୍ୟୁ ଅଟେ । ମୃତ୍ୟୁ ବ୍ୟତୀତ ଦାରିଦ୍ର୍ୟ, ପର୍ଯ୍ୟାପ୍ତ ଖାଦ୍ୟର ଅଭାବ, ପଙ୍ଗୁ ବା ବିକଳାଙ୍ଗ ହେବା, ଅର୍ଥନୈତିକ ଓ ସାମାଜିକ ସ୍ଥିତିର ଦୁରାବସ୍ଥା ଘଟିଥାଏ ଏବଂ ମାନସିକ ଅସୁସ୍ଥତା ଆଣି ଦିଏ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଲାଗିଲେ ସହରର ବିକାଶ ନହୋଇ ବିନାଶ ହୋଇଥାଏ । କୋଠାବାଡି ଭିତ୍ତିଭୂମିର ନଷ୍ଟ, ସାଧାରଣ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିଯିବା ଓ ସାମାଜିକ ବ୍ୟବସ୍ଥା ଦୋହଲି ଯାଏ । ଏତତ୍‌ବ୍ୟତୀତ ମୂଲ୍ୟବାନ ମନୁଷ୍ୟ ଜୀବନକୁ ହରାଇବାକୁ ପଡେ ଏବଂ ଅପୂରଣୀୟ କ୍ଷତି ବିଭିନ୍ନ ମାଧ୍ୟମରେ ପହଞ୍ଚାଇଥାଏ । ଏଥିରେ ସୈନ୍ୟ ବାହିନୀରେ ନିଯୁକ୍ତ ଓ ସାଧାରଣ ନାଗରିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ରାଜନୈତିକ ବିଦ୍ୱେଷ ଓ କଳହ ଉଭୟ ପକ୍ଷରେ ଦେଖା ଦେଇଥାଏ । ଯୁଦ୍ଧରତ ଦେଶଗୁଡିକ ଆର୍ଥିକ ଅନାଟନ ସହ ଅର୍ଥନୈତିକ ଚାପଗ୍ରସ୍ତ ହୋଇଥାନ୍ତି । ଖାଦ୍ୟ ସାମଗ୍ରୀ, ତୈଳଭଣ୍ଡାର ଏବଂ ଖାଉଟି ସାମଗ୍ରୀର ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ଯୁଦ୍ଧ କେବଳ ଖର୍ଚ୍ଚାନ୍ତର ପଥ ନୁହେଁ, ବରଂ ଟଙ୍କା, କ୍ଷମତା ଏବଂ ସମ୍ପତ୍ତିର ଅପଚୟ ଅଟେ । ଯୁଦ୍ଧ ପ୍ରଭାବକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ ଯଥା କ୍ଷଣସ୍ଥାୟୀ ବା ଦୀର୍ଘସ୍ଥାୟୀ ।

ଯୁଦ୍ଧବେଳେ ଲଢ଼େଇ କରୁଥିବା ସୈନ୍ୟମାନେ ଦୁଃଖଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ଅଭିଜ୍ଞତା ହାସଲ କରିଥାନ୍ତି । ସାଧାରଣ ଜନତାଙ୍କ ସହିତ ଛୋଟ ପିଲା, ମହିଳା ଓ ବୟସ୍କମାନେ ଏଥିରେ ମଧ୍ୟ ସାମିଲ ହୋଇଯାନ୍ତି । ବର୍ତ୍ତମାନ ସମୟରେ ଅନ୍ତଃକନ୍ଦଳ ଯୋଗୁଁ ରାଜ୍ୟ ବା ଦେଶ ମଧ୍ୟରେ ଗୃହଯୁଦ୍ଧ ସୃଷ୍ଟି ହୋଇ ଅନେକ ଧନଜୀବନ ନଷ୍ଟ ହେଉଅଛି । ଯେତେବେଳେ ଦୁଇ ପକ୍ଷ ମଧ୍ୟରୁ ଯୁଦ୍ଧରେ ଏକପକ୍ଷ ସରକାର ଥାଆନ୍ତି, ସେଇଠି ଧନ–ଜୀବନର ବ୍ୟାପକ କ୍ଷତି ହୋଇଥାଏ । ଦୀର୍ଘକାଳୀନ ଯୁଦ୍ଧର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱ ଅଟେ ।

ପ୍ରଥମ ବିଶ୍ୱଯୁଦ୍ଧ ବେଳେ ପରିସଂଖ୍ୟାନ ଅନୁସାରେ ୬୦ ମିଲିୟନ ସୈନ୍ୟ ୟୁରୋପରେ ମୁତୟନ ମଧ୍ୟରୁ ୮ମିଲିୟନଙ୍କୁ ହତ୍ୟା, ୭ମିଲିୟନ ସବୁଦିନ ପାଇଁ ବିକଳାଙ୍ଗ ଓ ୧୬ମିଲିୟନ ଗଭୀର ଭାବରେ କ୍ଷତ ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ମୃତ୍ୟୁବରଣ କରିଥିବା ୬୦ମିଲିୟନଙ୍କ ମଧ୍ୟରୁ ୨୦ମିଲିୟନ ସୈନ୍ୟ ଓ ୪୦ମିଲିୟନ ସାଧାରଣ ଲୋକଥିଲେ । ସଂଯୁକ୍ତ ଋଷ ୨୭ ମିଲିୟନ ଲୋକ ହରାଇଥିଲା ଯାହାକି ଦ୍ୱିତୀୟ ବିଶ୍ୱଯୁଦ୍ଧର ମୋଟ ମୃତକ ବା କ୍ଷତାକ୍ତଙ୍କ ଠାରୁ ଅର୍ଦ୍ଧାଧିକ ଅଟେ । ୨୦୧୧ ମସିହାରେ ସିରିୟାର ରାଷ୍ଟ୍ରପତି କସର ଅଲ୍ ଆସାଦ୍ ବିରୁଦ୍ଧରେ ଯୁଦ୍ଧରେ ୧୨୦୦୦ଜଣ ଓ ୨୦୨୩ ମସିହାରେ ପାଲେଷ୍ଟାଇନ୍‌ରେ ୨ମାସ ମଧ୍ୟରେ ୧୨୦୦୦ଶିଶୁଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା ।

ଆନ୍ତଃଦେଶୀୟ ମାନବବୋଧ ଆଇନ୍ (ଆଇ.ଏଚ୍.ଏଲ୍) ଏକ ସଂସ୍ଥା, ଯୁଦ୍ଧର ପ୍ରଭାବକୁ କମ୍ କରିବା ଓ ଯେଉଁମାନେ ଯୁଦ୍ଧରେ ସମ୍ପୃକ୍ତ ନୁହଁନ୍ତି, ସେମାନଙ୍କର ନିରାପତ୍ତା ପ୍ରତି ଯତ୍ନଶୀଳ ହୋଇଥାଏ । ସଶସ୍ତ୍ର ଯୁଦ୍ଧରେ ଅନେକ ଜୀବନ ହରାଇବାକୁ ପଡିଥାଏ ଏବଂ ସାମାଜିକ ଦୃଷ୍ଟିରୁ ବହୁ ପ୍ରଭାବ ପଡିଥାଏ । ଶିକ୍ଷା ଓ ଲିଙ୍ଗଗତ ପାର୍ଥକ୍ୟ ବହୁଳ ପ୍ରଭାବିତ ହୋଇଥାଏ । ଦାରିଦ୍ର୍ୟ, ଭୋକିଲା, ରୋଗଗ୍ରସ୍ତ, ବାସହୀନ ଓ ପରିବେଶ ସନ୍ତୁଳନ ହରାଇବା ସମସ୍ୟାମାନ ଦେଖା ଦେଇଥାଏ । ଯୁଦ୍ଧ ସମୟରେ ସାହିତ୍ୟ, ସଂସ୍କୃତି ଓ କଳା ସମ୍ବନ୍ଧୀୟ ସମ୍ପତ୍ତି ସବୁ ଚୋରି, ଲୁଟ୍ ଓ ନଷ୍ଟ ହୋଇଥାଏ । କଳାକାର, ଲେଖକ ଏବଂ ସୃଜନଶକ୍ତି ସମ୍ପନ୍ନ ବ୍ୟକ୍ତିମାନେ ଅସୁରକ୍ଷିତ ମନେକରି ଦେଶ ଛାଡି ପଳାୟନ କରିଥାନ୍ତି । ରାଜନୈତିକ ପରିବର୍ତ୍ତନ ଯଥା ଶାସକ ଓ ସରକାର ବଦଳିଯାଏ । ଯୁଦ୍ଧ, ସାଧାରଣ ଲୋକମାନେ କହୁଥିବା ଭାଷାକୁ ପ୍ରଭାବିତ କରେ । ଖାଦ୍ୟ, ତୈଳ, ଇନ୍ଧନ ଓ ଅନ୍ୟାନ୍ୟ ଖାଉଟି ଦ୍ରବ୍ୟର ଗଚ୍ଛିତ ପରିମାଣ ଶେଷ ହୋଇଯାଏ, ଯାହାଫଳରେ ଲୋକମାନେ ଭୋକିଲା ରୁହନ୍ତି । ଯୁଦ୍ଧରତ ଦେଶଗୁଡିକ ନିଜର ପର୍ଯ୍ୟାପ୍ତ ଉତ୍ପାଦନ କରିନପାରିବାରୁ ଅନ୍ୟ ଦେଶରୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡିଥାଏ ଏବଂ ନିଜର ରପ୍ତାନୀ କମ୍ କିମ୍ବା ଆଦୌ ନହେବା ଯୋଗୁଁ ଆର୍ଥିକ କ୍ଷତି ସହିବାକୁ ପଡିଥାଏ । ସମାଜରେ ଉତ୍ତମ ଜୀବନଯାପନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଅଭିବୃଦ୍ଧି, ସ୍ଥାନାନ୍ତର, ଜଳାଭାବ ଓ ଖାଦ୍ୟ ସୁରକ୍ଷା ଆଦି ଅନେକ ସମସ୍ୟାକୁ ସାମନା କରିବାକୁ ପଡିଥାଏ ଏବଂ ସ୍ଥିତାବସ୍ଥା ଯୁଦ୍ଧ ଯୋଗୁଁ ଆହୁରି ଖରାପ ହୋଇପଡେ । ଦାସତ୍ୱ, ଅବୈଧ ଯୌନ କାରବାର, ଚୋରି, ନିଶାଦ୍ରବ୍ୟ କାରବାର ଓ ମୂଲ୍ୟବାନ ସମ୍ପତ୍ତିର ଡକାୟତି ଇତ୍ୟାଦି ବୃଦ୍ଧି ପାଇଥାଏ ।

ଯୁଦ୍ଧ ସର୍ବଦା ହାନିକାରକ ହୋଇ ମାନବ ସମାଜ ଓ ସଭ୍ୟତାକୁ ଧ୍ୱଂସମୁଖକୁ ଟାଣି ନେଇଥାଏ । ଯୁଦ୍ଧ ପରବର୍ତ୍ତୀ ସମୟରେ ସୈନ୍ୟ ବାହିନୀର ସଂଖ୍ୟା ବୃଦ୍ଧି ଯୁଦ୍ଧ ଭିତ୍ତିଭୂମିକୁ ଶକ୍ତ କରିବା ଏବଂ ଆଜ୍ଞାନୁବର୍ତ୍ତିତା ଜାହିର କରିବା ବୃଦ୍ଧି ଘଟିଥାଏ କାରଣ ସର୍ବଦା ମନରେ ଆଶଙ୍କା ଥାଏ ଯେ କାଳେ ପୁଣି ଭବିଷ୍ୟତରେ ଯୁଦ୍ଧ ହେବ । ଯୁଦ୍ଧ ପ୍ରଶମିତ କରିବାର ମୁଖ୍ୟ ଉପାୟ ହେଲା ଉତ୍ତମ ବୁଝାମଣାକରି ମାନସିକ ସ୍ତରରେ ପ୍ରସ୍ତୁତି ରହିବା ଓ ଉଭୟପକ୍ଷ ସୈନ୍ୟ ଅପସାରଣ କରି ଶାନ୍ତି ଫେରାଇଆଣିବା । ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତ ହୋଇ ଜୁନ୍ ମାସ ୨୮ ତାରିଖ, ୧୯୧୯ ମସିହା ଦିନ ଫ୍ରାନ୍ସ, ଇଂଲଣ୍ଡ, ଇଟାଲି ଓ ଆମେରିକାର ନେତାମାନଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସେପ୍ଟେମ୍ବର ମାସ ୨ ତାରିଖ, ୧୯୪୫ ମସିହା ଦିନ, ଯେତେବେଳେ ଜାବାନ୍‌ର ପ୍ରତିନିଧି ସମସ୍ତ ଦସ୍ତାବିଜ୍‌କୁ ହସ୍ତାନ୍ତର କରି ରାଜିନାମା ସ୍ୱାକ୍ଷର କଲେ, ଔପଚାରିକ ଭାବରେ ଯୁଦ୍ଧ ଶେଷ ହେଲା । ରାଜନୈତିକ ବିଜ୍ଞାନୀ ଓ ଅନ୍ତର୍ଦ୍ଦେଶୀୟ ସମ୍ପର୍କ ବିଶାରଦମାନେ ଯୁଦ୍ଧକୁ ସମର୍ଥନ କରନ୍ତି ନାହିଁ, ବରଂ ଯୁଦ୍ଧାସ୍ତ୍ର ନିୟନ୍ତ୍ରଣ ଏବଂ କୁଟନୈତିକ ପଦକ୍ଷେପକୁ ଗୁରୁତ୍ୱ ଦିଅନ୍ତି । ଯୁଦ୍ଧ ଯେଉଁ ବିଷୟ ପାଇଁ ହୁଏ, ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରିପାରିଲେ ସାରା ବିଶ୍ୱର ଶାନ୍ତି ଦେଖାଦେବ । ଏହାକୁ ରୋକିବା ପାଇଁ କେତେକ ପଦକ୍ଷେପ ଯଥା ଦୁଇପକ୍ଷ ମଧ୍ୟରେ ସିଧା ଆଲୋଚନା, ଏକ ଭଲ ସମୟ ବାଛିବା, ଉପଯୁକ୍ତ ଯୋଜନା କରିବା, କାହାକୁ ଭର୍ତ୍ସନା ନକରିବା ବା ଦୋଷାରୋପ ନକରିବା, ତଥ୍ୟ ଆଦାନ–ପ୍ରଦାନ କରିବା, ଅନ୍ୟକୁ ଧୈର୍ଯ୍ୟର ସହ ଶୁଣିବା ଓ ବିଭିନ୍ନ ଉପାୟରେ କଥାବାର୍ତ୍ତା କରି ସ୍ଥିତିକୁ ପ୍ରଶମନ କରିବା ଇତ୍ୟାଦି । ନେତାଗଣ ନିଜସ୍ୱ ଜିଦ୍, ଲୋକପ୍ରିୟତା, କ୍ଷମତା ଓ ସ୍ଥିତିକୁ ଜାହିର କରିବା ପାଇଁ ଯୁଦ୍ଧ ସପକ୍ଷରେ ଯୁକ୍ତି କରୁଥିଲେ ମଧ୍ୟ ସୈନିକ, ଶ୍ରମିକ ଓ ସାଧାରଣ ନାଗରିକ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ଯୁଦ୍ଧ ଏବଂ ଶାନ୍ତି ଦୁଇଟି ମୁଖ୍ୟ ପ୍ରସଙ୍ଗ ମାନବ ଇତିହାସର । ଏହି ଦୁଇଟି ବିଷୟ ଉଭୟର ପରିପୂରକ ହେଲେ ମଧ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ଯୁଦ୍ଧ ବିଧ୍ୱଂସକାରୀ ହେଲେ ବି ସମାଧାନର ଏକ ଶକ୍ତି । ଏହା ଲୋକମାନଙ୍କୁ ଏକତ୍ର କରି ଏକ ବନ୍ଧନ ବା ସଂଯୋଗ ସୃଷ୍ଟି କରେ, ଯାହା ଯୁଦ୍ଧ ବିନା ସମ୍ଭବ ନହୋଇପାରେ । ଶାନ୍ତି ସର୍ବଦା ନିଶ୍ଚଳ ଓ ପ୍ରଫୁଲ୍ଲ ଅବସ୍ଥାକୁ ବୁଝାଇଥାଏ । ମାତ୍ର ବେଳେ ବେଳେ ଏହା ନିରସ ଓ ଘଟଣା ବହୁଳ ହୋଇଥାଏ । ଏହା କନ୍ଦଳ ଓ କଳହ ବିହୀନ ସ୍ଥିତି ହେଲେ ବି ଅଗ୍ରଗତି ଓ ବିକାଶକୁ ଗତିଶୂନ୍ୟ କରିଦିଏ । ତେଣୁ ଉଭୟ ଯୁଦ୍ଧ ଓ ଶାନ୍ତି ଗତିଶୀଳ ବିଶ୍ୱ ପାଇଁ ଆବଶ୍ୟକ ଅଟେ । ଆମେ ଶାନ୍ତି ଓ ସ୍ଥିରତା ଚାହୁଁ ଏବଂ କଳହ ଉପୁଜିଲେ ମଧ୍ୟ ଉନ୍ନତି ଚାହୁଁ ।

ଯୁଦ୍ଧ ଧ୍ୱଂସଲୀଳା ରଚିପାରେ ମାତ୍ର ପରିବର୍ତ୍ତନର ଆୟୁଧ ଅଟେ । ଏହା ଶାନ୍ତି, ଶାନ୍ତ ଏବଂ ସୁନ୍ଦର ହୋଇପାରେ, ଯାହା ଆତ୍ମସନ୍ତୋଷ ଆଣିଦେବ । ଯୁଦ୍ଧରେ ପରସ୍ପରର ସନ୍ତାନକୁ ମୃତ୍ୟୁ ଦେଇ ଆମେ ଏକତ୍ର ଶାନ୍ତିରେ ରହିବା ଶିଖି ପାରିଲୁ ନାହିଁ । ଯେପର୍ଯ୍ୟନ୍ତ ଆମେ ନିଜ ପ୍ରତି ବିଶ୍ୱସ୍ତ ନହେଉ, କିଭଳି ଅନ୍ୟକୁ ବିଶ୍ୱାସ କରିବା ? ତେଣୁ ପ୍ରଥମେ ବିଶ୍ୱାସଭାଜନ ହୁଅ, ଅନ୍ୟମାନେ ତୁମ ପ୍ରତି ବିଶ୍ୱାସଭାଜନ ହେବେ ଏବଂ ଶାନ୍ତି ସ୍ୱତଃ ପ୍ରତିଷ୍ଠା ହେବ ।

**ଅମଳାପଡା ୨ୟ ଲେନ୍, ଅନୁଗୁଳ**
**ମୋ– ୯୪୩୭୩୩୪୦୦୮**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲଘୁଚାପ...

ବେସରକାରୀ ବସ୍ ବର୍ତ୍ତମାନ ଅଟକି ରହିଛି, ଯାହା ଫଳରେ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିପରି, କନ୍ୟାଶ୍ରମ ସେତୁ ବର୍ତ୍ତମାନ ୨-୪ ଫୁଟ ପାଣି ତଳେ ବୁଡ଼ି ରହିଛି, ଫଳରେ କାଲିମେଲା - ପୋଡିଆ ମଧ୍ୟରେ ଯାତାୟାତ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଉଛି । ପ୍ରଶାସନିକ ଅଧିକାରୀ ମାନେ ବର୍ଷାକୁ ଦୃଷ୍ଟିରେ ରଖି ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ କାଙ୍ଗୁରକୋଣ୍ଡା ଅଞ୍ଚଳ ଏକ ଯାଞ୍ଚ କରିଛନ୍ତି । ପରିସ୍ଥିତିର ପ୍ରତ୍ୟକ୍ଷ ଆକଳନ କରିଛନ୍ତି । ଏହା ବ୍ୟତୀତ, କାଲିମେଲା ବିଡିଓ, ମାଲକାନଗିରି ତହସିଲଦାର ଏବଂ କାଲିମେଲା ଏସଏଚଓ ବୁଡ଼ିଯାଇଥିବା ସେତୁ ଅଞ୍ଚଳ ପରିଦର୍ଶନ କରିଛନ୍ତି । ପରିସ୍ଥିତିର ମୂଲ୍ୟାଙ୍କନ କରିଛନ୍ତି ଏବଂ ଜିଲ୍ଲା ପ୍ରଶାସନକୁ ଅବଗତ କରିଛନ୍ତି । ମାଲକାନଗିରି ଜିଲ୍ଲାରେ, ନିରନ୍ତର ବର୍ଷା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଇ ଯାଇଥିବା ଜାତୀୟ ରାଜପଥରେ ପାଣି ଜମି ରହିଛି, ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଅନେକ ଦୋକାନ ଏବଂ ଘର ଭିତରକୁ ପାଣି ପ୍ରବେଶ କରି ବହୁ ସାମଗ୍ରୀ ନଷ୍ଟ ହୋଇଛି । ସକାଳ ଠାରୁ, ଜିଲ୍ଲା ମୁଖ୍ୟାଳୟରେ ଲଗାତାର ବର୍ଷା ହେଉଛି । ଫଳରେ ଜାତୀୟ ରାଜପଥ- ୩୨୬ର ବିଭିନ୍ନ ସ୍ଥାନରେ ପାଣି ଜମା ହୋଇଛି । ଏସପି କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ନିକଟରେ, ରାସ୍ତାରେ ୩ଫୁଟରୁ ଅଧିକ ପାଣି ଜମା ହୋଇଛି । ଯାହା ମୋଟର ସାଇକେଲ ଏବଂ ଛୋଟ ଯାନବାହନ ପାଇଁ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି ।

ଡାକ୍ତରଖାନା ନିକଟରେ ଥିବା ବିଭିନ୍ନ ଦୋକାନ ଏବଂ ଘର ମଧ୍ୟରେ ପାଣି ପ୍ରବେଶ କରିଛି । ଫଳରେ ଜିନିଷପତ୍ର ବହୁ କ୍ଷତି ହୋଇଛି । ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଅଭାବରୁ, ଦୋକାନୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କ ଦୋକାନ ଏବଂ ଘରୁ ପାଣି ନିଷ୍କାସନ କରିବାକୁ ସଂଘର୍ଷ କରୁଛନ୍ତି ।

### ଆଜିଠୁ...

ବର୍ଷା ହୋଇପାରେ । ସେହିପରି ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ।

ଆଜି(ସୋମବାର) ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫ଟା ୩୦ ସୁଦ୍ଧା କୋରାପୁଟରେ ୭୪ ମିମି ବର୍ଷା ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୪୯ ମିମି, ନବରଙ୍ଗପୁରରେ ୩୩ ମିମି, ଢେଙ୍କାନାଳରେ ୨୭ ମିମି ଓ ମାଲକାନଗିରିରେ ୨୯ମିମି ବର୍ଷା ରେକର୍ଡ ହୋଇଛି ।

### ସେପ୍ଟେମ୍ବରରୁ...

ମାଧ୍ୟମରେ ଏସଂ ସଂଗ୍ରହ ହେଉଥାଏ । ଭୋଟ୍ ଗ୍ରହଣ ପରଦିନ ଯେଉଁ ଭୋଟ୍ ହାର ପ୍ରଦାନ କରାଯାଏ ତାହା ସଠିକ୍ ଭୋଟ୍ ହାର । ୧୭ସି ଫର୍ମ ନେଇ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଭୋଟ୍ ଗ୍ରହଣ ସରିବା ପରେ ରାଜନୈତିକ ଦଳର ଏଜେଣ୍ଟଙ୍କୁ ୧୭ସି ଫର୍ମ ଦିଆଯାଏ । ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ଏଜେଣ୍ଟଙ୍କ ଠାରୁ ଏହାକୁ ସଂଗ୍ରହ କରିପାରିବେ । ସୂଚନାଯୋଗ୍ୟ ବିହାରରେ ଚାଲିଥିବା ଏସ୍ଆଇଆର୍ ପ୍ରକ୍ରିୟାରେ ୬୫ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି । ଏହାକୁ ନେଇ ରାଜନୀତି ବେଶ୍ ସରଗରମ ହୋଇଛି । କଂଗ୍ରେସ ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କୁ ଟାର୍ଗେଟ କରୁଥିବାବେଳେ ସୁପ୍ରିମ୍ କୋର୍ଟରେ ମଧ୍ୟ ମାମଲା ଦାଏର ହୋଇଛି । ବାଦ୍ ପଡିଥିବା ୬୫ ଲକ୍ଷ ଭୋଟରଙ୍କ ନାମ ଜାରି କରିବାକୁ ସୁପ୍ରିମ୍‌କୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିବାଦ ଭିତରେ ଏସ୍ଆଇଆର ଥିବାବେଳେ ଓଡ଼ିଶାରେ ଏହି ପ୍ରକ୍ରିୟା ଆରମ୍ଭ ହେଲେ ରାଜନୈତିକ ଗତିବିଧି କଣ ହେବ ତାହା ଉପରେ ସଭିଙ୍କ ନଜର ରହିଛି ।

### ୩ ଦିନିଆ...

ଆତ୍ମଦାହ ଉଦ୍ୟମ ପରେ ୧୨ ତାରିଖ ଦିନ ସହଦେବଖୁଣ୍ଟା ଥାନା ପୁଲିସ କଲେଜ ପରିସରରୁ ଏଚ୍ଓଡି ସମୀର କୁମାର ସାହୁ ଓ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ପରେ କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ ଦାୟିତ୍ୱ ହାତକୁ ନେଇଥିଲା । ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବାକୁ ଯାଇ ପୋଡ଼ି ହୋଇ ଆହତ ହୋଇଥିବା ଜ୍ୟୋତିରଂଜନ ବିଶ୍ୱାଳ ଡାକ୍ତରଖାନାରେ ଚିକିତ୍ସାଧିନ ଥିବାବେଳେ ସେଠାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପହଞ୍ଚି ଜ୍ୟୋତିରଂଜନ ବିଶ୍ୱାଳଙ୍କୁ ପଚରା ଉଚରା କରିବା ସହ ସେ ଯେତେବେଳେ ଡାକ୍ତରଖାନାରୁ ଛାଡ଼ ପାଇଲେ ସେତେବେଳେ ତାଙ୍କୁ ଗିରଫ କରିବା ସହ ଶୁଭ୍ର ସମ୍ବିତ ନାୟକ ନାମକ ଅନ୍ୟଜଣେ ଛାତ୍ର ନେତାଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

### ମୁଖ୍ୟମନ୍ତ୍ରୀଙ୍କୁ...

ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ, ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥ, କମିଶନର ପଦାଧିକାରୀ ସଦସ୍ୟ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

କମିଶନ ଏହି ରିପୋର୍ଟକୁ ପ୍ରଥମେ ସୋମବାର ଅପରାହ୍ନରେ ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ ଭେଟି ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଗୃହ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ଓ୍ୱାଇ ଅନୁଯାୟୀ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି । ଏହି କମିଶନ ରାଜ୍ୟ ଏବଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡିକ ମଧ୍ୟରେ ରାଜ୍ୟ ଦ୍ୱାରା ଆଦାୟ ହେଉଥିବା କର, ଶୁଳ୍କ, ଟୋଲ୍, ଫିସ ବିତରଣ ଏବଂ ଏପରି ଆୟର ସେମାନଙ୍କର ଅଂଶର ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ନୀତିଗୁଡ଼ିକୁ ସୁପାରିଶ କରିବେ । ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡିକର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସୁପାରିଶ କରିବେ ।

### ମୁଖ୍ୟ ନିର୍ବାଚନ...

ଅପସାରଣ କରାଯାଇପାରିବ । ଯଦିଓ ବିରୋଧୀ ସଦସ୍ୟଙ୍କ ପାଖରେ ଏଭଳି ପ୍ରସ୍ତାବ ପାଇଁ ଆବଶ୍ୟକୀୟ ସଂଖ୍ୟା ନାହିଁ ସେମାନେ ଏବେ ଏହା ଆଣି ସରକାରଙ୍କ ଉପରେ ଏକ ଚାପ ସୃଷ୍ଟି କରିବାକୁ ଚାହୁଁଛନ୍ତି । ବିରୋଧୀ ମେଣ୍ଟ ସାଂସଦମାନେ ନିର୍ବାଚନ କମିଶନଙ୍କ ନାମରେ ଭୋଟ୍ ଜାଲିଆତି ଅଭିଯୋଗ ଆଣିଛନ୍ତି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସିଧାସଳଖ ଭୋଟ ଚୋରୀ ଅଭିଯୋଗ ଆଣିଛନ୍ତି । ଗତକାଲି ସାମ୍ବାଦିକ ସମ୍ମିଳନୀ କରି ଜ୍ଞାନେଶ କୁମାର କହିଛନ୍ତି ଯେ ଏଭଳି ଅଭିଯୋଗ ସମ୍ବିଧାନକୁ ଅପମାନ । ୭ ଦିନ ମଧ୍ୟରେ ଶପଥପାଠ ଦିଅନ୍ତୁ ନଚେତ୍ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ । ନହେଲେ ଏହି ଅଭିଯୋଗକୁ ନିରାଧାର ବୋଲି ଗ୍ରହଣ କରାଯିବ । ନିର୍ବାଚନ କମିଶନଙ୍କ ଏଭଳି ଧମକପୂର୍ଣ୍ଣ ମନ୍ତବ୍ୟକୁ ବିରୋଧୀ ସାଂସଦମାନେ ଗ୍ରହଣ କରିପାରୁନାହାନ୍ତି । ପୂର୍ବରୁ କେବେ କୌଣସି ନିର୍ବାଚନ କମିଶନ ବିରୋଧୀ ଦଳ ପ୍ରତି ଏଭଳି ମନ୍ତବ୍ୟ ଦେଇନଥିଲେ । ଯଦି ମହାଅଭିଯୋଗ ପ୍ରସ୍ତାବ ଆସେ ତେବେ ଏହା ମଧ୍ୟ ସ୍ୱାଧୀନତା ପରଠାରୁ ପ୍ରଥମ ଘଟଣା ହେବ । ପୂର୍ବରୁ ରାହୁଲ ଗାନ୍ଧି ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଜାଲିଆତି ନେଇ ପ୍ରଶ୍ନ ଉଠାଇଥିଲେ । ସାମ୍ବାଦିକ ସମ୍ମିଳନୀ କରି ସବିଶେଷ ତଥ୍ୟ ଦେଇଥିଲେ । ଏବେ ରାହୁଲ ବିହାରରେ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଛନ୍ତି । ନିର୍ବାଚନ ହେବାକୁ ଥିବା ବିହାରରେ ୨୦ ଜିଲ୍ଲାର ୧୩୦୦ କିମି ସେ ଯାତ୍ରା କରିବେ । କଂଗ୍ରେସ ସହ ଆରଜେଡି ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇଛି । କଂଗ୍ରେସ ସାଂସଦ ସୟଦ ନାସିର ହୁସେନ୍ କହିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିଶନ ବିଜେପି ମୁଖପାତ୍ର ଭଳି କଥାବାର୍ତ୍ତା କରୁଛନ୍ତି । ସଂସଦୀୟ ଗଣତନ୍ତ୍ରରେ ଥିବା ସମସ୍ତ ବିକଳ୍ପକୁ ଆମେ ବ୍ୟବହାର କରିବୁ ।

### ଦିଲ୍ଲୀ...

ହୋଇଛି । ଗୋଟିଏ ବୈଠକ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ବାସଭବନରେ ହୋଇଥିବାବେଳେ ଦ୍ୱିତୀୟ ବୈଠକ ସାଂସଦ ସଙ୍ଗୀତା ସିଂହଦେଓଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ସିଂହଦେଓଙ୍କ ଘରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉପସ୍ଥିତ ଥିଲେ । ପ୍ରଥମ ବୈଠକର ଚିତ୍ର ଠାରୁ ଦ୍ୱିତୀୟ ବୈଠକର ଚିତ୍ର ବେଶ୍ ଭିନ୍ନ ଥିଲା । ସାଂସଦ ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କୁ ବେଶ୍ ପ୍ରଶଂସା କରୁଥିବା ସୂଚନା ମିଳିଥିଲା । ତେବେ ଏଥର ମଧ୍ୟ ସାଂସଦମାନଙ୍କର ଆଉ ଏକ ବୈଠକ ଅନୁଷ୍ଠିତ ହୋଇପାରେ । ଶ୍ରୀ ସାମଲ ଦିଲ୍ଲୀରୁ ଫେରିବା ପରେ ନିଗମ ଓ ବୋର୍ଡରେ ନିଯୁକ୍ତି ହେବାର ସମ୍ଭାବନା ରହିଛି ।

# ଆନ୍ତଃ-ସ୍କୁଲ ପ୍ରତିଯୋଗିତା "ରଙ୍ଗତୁଳି - ୨୦୨୫" ଆୟୋଜିତ



ଭୁବନେଶ୍ୱର (ସବ୍ୟୁ) : ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ମିଡୋଜ୍ ପକ୍ଷରୁ ସଫଳତାର ସହିତ ଆନ୍ତଃ - ସ୍କୁଲ କଳା ପ୍ରତିଯୋଗିତା " ରଙ୍ଗ ତୂଳୀ - ୨୦୨୫" ଆୟୋଜିତ ହୋଇଯାଇଛି । ଏହି ଅତୀବ ଆକାଂକ୍ଷିତ କାର୍ଯ୍ୟକ୍ରମ ଚଳିତ ଥର ଏହାର ୪ର୍ଥ ସଂସ୍କରଣରେ ପହଞ୍ଚିଥିବାବେଳେ ଏହା ସମଗ୍ର ସହରର ୧୦୦ରୁ ଅଧିକ ସ୍କୁଲରୁ ୫୦୦ରୁ ଅଧିକ ଯୁବ କଳାକାରଙ୍କୁ ଏକତ୍ରିତ କରିଥିଲା । ସେମାନେ ଦୁଇଟି ବର୍ଗରେ ପ୍ରତିଯୋଗିତା କରିଥିଲେ । ୫ମ ରୁ ୭ମ ଶ୍ରେଣୀ ପିଲାଙ୍କ ନିମନ୍ତେ 'ମୋ ସ୍ୱପ୍ନର ଭାରତ ' ଶୀର୍ଷକ ରଖାଯାଇଥିବା ବେଳେ ୮ମ ରୁ ୧୦ମ ଛାତ୍ର ଛାତ୍ରୀଙ୍କ ପାଇଁ ' ଯୁଦ୍ଧ ବିନା ବିଶ୍ୱ ' ବିଷୟବସ୍ତୁ ରଖାଯାଇଥିଲା ।

ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଓଡ଼ିଶା ବିଧାନସଭାର ସମ୍ମାନନୀୟ ବାଚସ୍ପତି ସୁରମା ପାଢ଼ୀ, ରୋଟାରୀଆନ ମନୋଜ କୁମାର ତ୍ରିପାଠୀ, ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆରଆଇଡି - ୩୨୬୨, କ୍ଲବ ଆଡଭାଇଜର ପିଡିଜି ଅଶ୍ୱିନୀ କର, ଆଦିତ୍ୟ ପ୍ରସାଦ ପାଢ଼ୀ, କ୍ଲବ ପ୍ରେସିଡେଣ୍ଟ, ପି କେ ଅମର ସେକ୍ରେଟାରୀ, ପ୍ରୋଜେକ୍ଟ ଚେୟାର ସନ୍ତୋଷ ସେନାପତି, ପ୍ରଶାନ୍ତ କୁମାର, ଡିଜିଏମ ଏସବିଆଇ, ମିନତି ସିଂହ, ସବ୍ - ଏଡ଼ିଟର ଟାଇମ୍ସ ଅଫ ଇଣ୍ଡିଆ ଉଦ୍‌ଘାଟନ କରିଥିଲେ ।

ଯୁବ ଅଂଶଗ୍ରହଣକାରିମାନେ ଉଲ୍ଲେଖନୀୟ ସୃଜନଶୀଳତା ଓ କୌଶଳ ପ୍ରଦର୍ଶନ କରି ଏଭଳି କଳା କୃତି ସୃଷ୍ଟି କରିଥିଲେ ଯାହା ସେମାନଙ୍କର ଉଭୟ କଳ୍ପନା ଏବଂ କଳାତ୍ମକ ପ୍ରତିଭାକୁ ପ୍ରତିଫଳିତ କରିଥିଲା ।

ଉକ୍ତ କାର୍ଯ୍ୟକ୍ରମ ଭବ୍ୟ ପୁରସ୍କାର ପ୍ରଦାନ ଉତ୍ସବ ସହିତ ପରିସମାପ୍ତ ହୋଇଥିଲା ।

ଗ୍ରୁପ୍ - ବି ରୁ ଅଚ୍ୟୁତ କୁମାର ରାୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବୈଭବ ଶୁଭଦର୍ଶୀ, ବିଜେଇଏମ୍ - ୧, ଏବଂ ସାଇଶ୍ରୀ ସିଂହ, ଲୋୟଲା ସ୍କୁଲ, ଯଥାକ୍ରମେ ୧ମ, ୨ୟ ଓ ୩ୟ ପୁରସ୍କାର ଲାଭ କରିଥିଲେ ।

ଗ୍ରୁପ୍ -ଏରୁ ପାୟଲପ୍ରିୟା ବାରିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପ୍ରତ୍ୟାଶା ପ୍ରିୟଦର୍ଶିନୀ, ଡିଏଭି ଚନ୍ଦ୍ରଶେଖରପୁର, ଏବଂ ଜ୍ୟୋତିପ୍ରକାଶ ରାୟ, କେ ସି ବେହେରା ସରକାରୀ ୟୁ ପି ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ । ଏତଦ୍ ବ୍ୟତୀତ ପ୍ରତ୍ୟେକ ଗ୍ରୁପ୍ ରୁ ୧୦ ଜନ ଛାତ୍ର ଛାତ୍ରୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ମୋଟ ୧ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ସହିତ ଫଳକ ବିଜେତା ମାନଙ୍କୁ ପ୍ରଦାନ କରାଯାଇଥିଲା । ନିଜର ଅଭିଭାଷଣରେ ମୁଖ୍ୟ ଅତିଥି ଶ୍ରୀମତୀ ସୁରମା ପାଢ଼ୀ ଯୁବ କଳାକାରଙ୍କୁ ସେମାନଙ୍କର ଉଲ୍ଲେଖନୀୟ କୃତି ପାଇଁ ପ୍ରଶଂସା କରିବା ସହିତ ଏହି ପ୍ରତିଯୋଗିତା କେବଳ ଏକ ପ୍ରତିଯୋଗିତା ଠାରୁ ଯଥେଷ୍ଟ ଅଧିକ, ଏହା ଛାତ୍ର ଛାତ୍ରୀଙ୍କ ନିମନ୍ତେ ସେମାନେ ନିଜକୁ ପରିପ୍ରକାଶ କରିବା, ଏବଂ ସେମାନଙ୍କ କଳାତ୍ମକ ଦକ୍ଷତା ବୃଦ୍ଧି ଏବଂ ଆତ୍ମବିଶ୍ୱାସ ନିର୍ମାଣର ଏକ ସୁଯୋଗ । ଏହି ପ୍ରତିଯୋଗିତା ଯୁବ ପ୍ରତିଭାଙ୍କୁ ଏକ ମଞ୍ଚ ଯୋଗାଇ ଦେଉଥିବାରୁ ଆମେ ଗର୍ବିତ ବୋଲି ପ୍ରେସିଡେଣ୍ଟ କହିଥିଲେ । କାର୍ଯ୍ୟକ୍ରମକୁ ଅଭିଭାବକ, ଶିକ୍ଷକ ଏବଂ ଉପସ୍ଥିତ ଜନସାଧାରଣ ପ୍ରଶଂସା କରିବା ସହିତ ଗୁଣାତ୍ମକ କଳାକୃତି ଓ ଉଚ୍ଚ ମାନର ଆୟୋଜନ କୁ ମଧ୍ୟ ପ୍ରଶଂସା କରିଥିଲେ । ସ୍କୁଲ ପିଲାଙ୍କ ମଧ୍ୟରେ ଏଭଳି କଳାତ୍ମକ ସର୍ଜନା ନିମନ୍ତେ ପ୍ରଚେଷ୍ଟା ଦିଗରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଅନେକ ମତ ରଖିଥିଲେ । ରୋଟାରୀ କ୍ଲବ୍ ଅଫ ଭୁବନେଶ୍ୱର ମିଡୋଜ ଯୁବ ପ୍ରତିଭାଙ୍କୁ ସମର୍ଥନ କରିବା ଓ ରଙ୍ଗତୁଳିର ଭବିଷ୍ୟତ ସଂସ୍କରଣ ଗୁଡିକରେ ଏହି ପରମ୍ପରା ବାଜୟ ରଖିବାକୁ ଆଗ୍ରହ ରଖୁଛି ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 101 dt. 18.08.2025 I, Gitanjali Dalabehara, W/o Basanta Kumar Dalabehera, permanent resident of House No.11, Flat No- A/2 (G/11), Hi-Tech Plaza Annex, At-Kantilo, PO-Kuha, PS- Air Field, Dist- Khorda, Pin-751002 declare that I have changed my name from **Gitanjali Dalabehara** to **Gitanjali Nayak.** Henceforth I shall be known as **Gitanjali Nayak** for all purposes.

**(Gitanjali Nayak)**

**AFFIDAVIT**

By virtue of an affidavit sworn before Notary Public, Bhubaneswar dated. 11.08.2025 I, RAJENDRA KUMAR KAR Address Qr.No. IVR-118, NEAR KALI TEMPLE, UNIT-6, BBSR, 751001 declare that I have changed the name of my son from SAMYA RANJAN KAR to SOUMYA RANJAN KAR. Henceforth he shall be known as SOUMYA RANJAN KAR for all purposes.

**Rajendra Kumar Kar**

**AFFIDAVIT**

I, Lipina Swain, W/o- Karpura Kumar Nayak, Resident of At- Keshora, Po- Bankual, Sub District- Saheed Nagar, Ps- Sahid Nagar, Bhubaneswar, Dist- Khordha, Pin-751002. Declare by this affidavit No- 25, Dt- 05.08.2025. I have changed my name from Lipina Nayak to Lipina Swain. Henceforth, She shall be known as **Lipina Swain** for all purposes.

**Sd/- Lipina Swain**

**AFFIDAVIT**

I, Gayatri Das D/o Pravat Kumar Das R/o Sirei, Sirei Puri, Odisha - 752017, hereby undertake that I, Gayatri Das want to change my name to Aditya Prasad Das and gender as MALE

**ଓଡ଼ିଶା ସରକାର : ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**

A-516 ଇମେଲ - akp_irrigationdivision@gmail.com


**'e'- Procurement Notice No. 08/2025-26**

| | | |
|---|---|---|
| ୧. | କାର୍ଯ୍ୟର ନାମ | ମରାମତି କାର୍ଯ୍ୟ |
| ୨. | ମୋଟ କାର୍ଯ୍ୟ ସଂଖ୍ୟା | ୦୧ ଗୋଟି କାର୍ଯ୍ୟ |
| ୩. | ଅଟକଳ ମୂଲ୍ୟ | ୨୦.୮୪ ଲକ୍ଷ |
| ୪. | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE Dated. 05.12.2017 as Mentioned in DTCN |
| ୫. | କାର୍ଯ୍ୟ ସମାପ୍ତି ସମୟ | ୬ ମାସ |
| ୬. | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | |
| I. | Procurement Officer | ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| II. | ଅନଲାଇନ Bidding ର ସମୟସୀମା | ତା. ୨୦.୦୮.୨୦୨୫ ଦିବା ୧୦ ଘଟିକା ରୁ ତା. ୨୯.୦୮.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. | Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା, ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ୩୦.୦୮.୨୦୨୫ ଦିବା ୧୧.୩୦ |
| IV. | Transparent Lottery ର ତାରିଖ ଓ ସମୟ | ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୦୪.୦୯.୨୦୨୫ ଦିବା ୧୧.୦୦ ଘଟିକା ସମୟ ରେ । |

ଅନଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରଯାଇଅଛି : www.tendersorissa.gov.in

ସ୍ୱା/- ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR : 32548/11/0009/2526



## ସାମ୍ବତ୍ସରିକ ଶ୍ରାଦ୍ଧ ଉତ୍ସବ ପାଳିତ

ଗୁରୁଜଙ୍ଗ (ଖୋର୍ଦ୍ଧା) : ଇତି ମଧ୍ୟରେ ଖୋର୍ଦ୍ଧାର ଜନପ୍ରିୟ ଡାକ୍ତର ସ୍ୱର୍ଗତ ରାମକୃଷ୍ଣ ସାମନ୍ତରାୟ ଓ ତାଙ୍କର ଧର୍ମପତ୍ନୀ ଶୈବାଳିନୀ ଦେବୀଙ୍କର ବାର୍ଷିକ ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ ଖୋର୍ଦ୍ଧା ନିକଟସ୍ଥ ଗୁରୁଜଙ୍ଗ ଗ୍ରାମରେ ମହା ସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଗୀତାପାଠ, ନାମ ସଂକୀର୍ତ୍ତନ, ସ୍ମୃତିସଭା, ଭକ୍ତିପୂତ ପୁଷ୍ପାଞ୍ଜଳି, ପୁରସ୍କାର ବଣ୍ଟନ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଶେଷରେ ତାଙ୍କର ଜ୍ୟେଷ୍ଠପୁତ୍ର ବରିଷ୍ଠ ଆଇନଜୀବୀ ରାଧାକୃଷ୍ଣ ସାମନ୍ତରାୟ ଉପସ୍ଥିତ ଜନତାଙ୍କୁ ଧନ୍ୟବାଦ ସହ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ।

## ଲ୍ୟାଣ୍ଡମାଇନ ବିସ୍ଫୋରଣ : ଜଣେ ଯବାନ ସହିଦ୍, ୩ ଆହତ

ମାଲକାନଗିରି (ସବ୍ୟୁ): ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଲାଣ୍ଡମାଇନ ବିସ୍ଫୋରଣ ହୋଇଛି । ବିସ୍ଫୋରଣ ଜଣେ ଡିଆରଜି ଯବାନ ସହିଦ ହୋଇଥିବା ବେଳେ ତିନି ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସହିଦ ଡିଆରଜି ଯବାନ ହେଉଛନ୍ତି ଦିନେଶ ନାଗ । ବିଜାପୁର ନେସନାଲ ପାର୍କ ଅଞ୍ଚଳରେ ଅପରେସନ ଚାଲିଥିବା ବେଳେ ମାଓବାଦୀ ଏହି ବିସ୍ଫୋରଣ କରିଛନ୍ତି ।

## ରଥସେବା ସମ୍ମାନରେ ସମ୍ମାନିତ ଟିପିସିଓଡିଏଲ




ଭୁବନେଶ୍ୱର (ସବ୍ୟୁ) : ଟିପିସିଓଡିଏଲ ପୁରୀରେ ଅନୁଷ୍ଠିତ ପବିତ୍ର ରଥଯାତ୍ରା ୨୦୨୫ରେ ଭରସାଯୋଗ୍ୟ ବିଦ୍ୟୁତ୍ ସରବରାହ ସୁନିଶ୍ଚିତ କରି "ରଥସେବା ସମ୍ମାନ ୨୦୨୫'ରେ ସମ୍ମାନିତ ହୋଇଛି । ପୁରୀ ସାଂସଦ ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଏବଂ ନାଗରିକ ପ୍ରତିନିଧିମାନେ ମହାପ୍ରଭୁ ଜଗନ୍ନାଥଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପର୍ବରେ ଟିପିସିଓଡିଏଲର ଅବିଶ୍ରାନ୍ତ ପ୍ରୟାସକୁ ପ୍ରଶଂସା କରିବା ସହ ଏହି ସମ୍ମାନ ପ୍ରଦାନ କରିଥିଲେ । ଟିପିସିଓଡିଏଲର ପୁରୀ ଡିଭିଜନାଲ ମ୍ୟାନେଜର ସ୍ମୃତିରଞ୍ଜନ ସ୍ୱାଇଁ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ଅବସରରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଏହି ସମ୍ମାନ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ । ଏହା ଆମ ଟିମର ଅବଦାନକୁ ପ୍ରତିଫଳିତ କରୁଛି ଯେଉଁମାନେ ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ରଥଯାତ୍ରା ଅନୁଭୂତି ନିଶ୍ଚିତ କରିବା ପାଇଁ ଦିନରାତି କାର୍ଯ୍ୟ କରିଥିଲେ । ପବିତ୍ର ପୁରୀ ସହର ଏବଂ ଏଠାକାରଲୋକମାନଙ୍କୁ ସେବା ପ୍ରଦାନ କରିଥିବାରୁ ଆମେ ଗର୍ବିତ ।" ଏହି ସମ୍ମାନ ଟିପିସିଓଡିଏଲର ସେବା ଉତ୍କର୍ଷ ଏବଂ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ସମର୍ଥନ ଜାରି ରଖିବା ପ୍ରତି ତାହାର ପ୍ରତିବଦ୍ଧତାକୁ ଦୋହରାଉଛି ।

**ଚକ୍ରଧରପୁର ଡିଭିଜନରେ ବିଜ୍ଞାପନ ଆସେଟ୍ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ. କମ.୧୮/ଏନଏଫଆର/ଇ-ଅକ୍ସନ କାଟେଲଗ/ଅଗଷ୍ଟ/୨୫ ତାରିଖ : ୧୮.୦୮.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନରେ ବିଜ୍ଞାପନ ଆସେଟ୍ କ୍ୟାଟେଗୋରିଜ୍ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି । ଏ ସମ୍ପର୍କରେ ଇ-ନିଲାମ ନୋଟିସ୍ ର ଡ୍ରାଫ୍ଟ ସଂଲଗ୍ନ କରାଯାଇଛି । ଇ-ନିଲାମ ନୋଟିସ୍‌ର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ : କ୍ର.ନଂ. : ୧, କ୍ୟାଟେଗୋରି : ବିଜ୍ଞାପନ, କ୍ୟାଟଲଗ ନଂ : ଏଡିଭିଟି-ସିକେପି-ଅଗଷ୍ଟ-୨୫, ନିଲାମ ତାରିଖ : ୨୫.୦୮.୨୦୨୫, ନିଲାମ ଆରମ୍ଭ ତାରିଖ : ୧୨.୦୦ ଘଟିକା, ନିଲାମ ବନ୍ଦ ସମୟ : ୧୩.୦୦ ଘଟିକା । ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ୍ ସମ୍ପର୍କରେ ସବିଶେଷ ତଥ୍ୟ ଏବଂ କାର୍ଯ୍ୟସୂଚୀର ବିବରଣୀ ନିମନ୍ତେ ଉପର ସୂଚିତ ୱେବସାଇଟ୍ କରିଆରେ ଯାଆନ୍ତୁ । ଯଦି କିଛି ଅଧିକ ଜାଣିବାର ଥାଏ / ସ୍ପଷ୍ଟୀକରଣ ଦେବାର ଥାଏ ତେବେ ଦୟାପୂର୍ବକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । ଏ ସମ୍ପର୍କରେ ଇ-ନିଲାମ ବିଜ୍ଞପ୍ତିର ଡ୍ରାଫ୍ଟ ସଂଲଗ୍ନ କରାଯାଇଅଛି ଯାହାକି **https://www.ireps.gov.in/website** ରେ ସୂଚିତ ହୋଇଅଛି ।

(PR-533) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ

**Zilla Swasthya Samiti, Gajapati**
**O/o. The Chief District Medical & Public Health Officer, Gajapati, Paralakhemundi, PIN-761200**

Advt.No. 6589 Date: 16.08.2025

**TENDER CALL NOTICE FOR HIRING OF VEHICLES FOR MOBILE HEALTH UNIT (MHU)**

**E-324 :** Sealed tenders are invited from registered travel agencies/sole proprietor for hiring of commercial light vehicles on a monthly basis. Details regarding eligibility criteria, terms & conditions and the formats of submission of tender (Technical & Price bid) are mentioned in the tender document which may be downloaded from the website: **https://gajapati.odisha.gov.in**. Interested agencies/sole proprietor may submit their tenders in a sealed envelope super-scribing on the top of the sealed envelope as **"Tender for Hiring of Vehicles on Monthly Basis for MHU in Block CHC______ (Mention the name of the Block CHC)" in reference to Advertisement No.6589 dtd.16.08.2025"**.

A pre-bid meeting shall be held on 21.08.2025 at. 11.00 am. Any amendments in the tender document due to decision in the pre-bid meeting shall only be notified in the website mentioned above.

The tenders should reach the office of the undersigned by **01.09.2025 till 5.00 PM.** The tenders will be opened at 4.00 PM on 02.09.2025. The undersigned reserves the right to reject any or all the tenders without assigning any reason thereof.

**Sd/- CDM&PHO-cum-DMD**
**Gajapati**

OIPR : 10105/11/0010/2526

**Government of Odisha Department of Water Resources**
**OFFICE OF THE SUPERINTENDING ENGINEER,**
**BOLANGIR IRRIGATION DIVISION, BOLANGIR**
e-mail-ee.bol.irr@gmail.com

A-499

**e-Procurement Notice No. 01 of 2025-26**
**BID IDENTIFICATION NO. - BID-BGR-01 of 2025-26**
**No. 2772/WE / Dated. 11.08.2025**

The **Superintending Engineer, Balangir Irrigation Division, Balangir** on behalf of his Excellency, the Governor of Odisha invites online **Percentage rate** tenders in **Single cover system** to be received in **online mode** only for the works as detailed below. Bid documents consisting of work, estimated cost, cost of tender paper. EMD. time of completion . class of contractor, the set of terms & conditions of contract and other necessary documents can be seen in e-Procurement portal www.tendersorissa.gov.in in complete online process only.

| | | |
|---|---|---|
| 1. | Nature of work | Civil Works |
| 2. | Number of works | 9 (Nine) |
| 3. | Approximate amount put to tender. | Rs. 12.63 lakh to Rs 44.35 lakh |
| 4. | Period of completion | 06(Six) Calendar months. |
| 5. | Date & time of availability of Bid document in the portal | Dt 18.08.2025 -10.00 AM to 01.9.2025 up to 5.30 PM |
| 6. | Last date & time of seeking Tender clarification. | Dt 30.08.2025-05.00 PM |
| 7. | Last date & time of receipt of Bids in the portal. | Dt 01.09.2025 -up to 5.30 PM |
| 8 | Date . time & place of opening of bids in the portal. | Dt. 02.09.2025 at 11.00 AM- in the office of the Superintending, Balangir Irrigation Division Balangir |
| 9. | Name & address of the officer Inviting bid. | Superintending Engineer, Balangir Irrigation Division, Balangir. At-Laltikra, P.O- Rajendra College, Dist: Balangir, PIN-767002. |

10. Any corrigendum required will be made available in Govt, web-site only
Further details can be seen from the e-procurement portal - **https://tendersorissa.gov.in**

OIPR : 32537/11/0005/2526

**Sd/- SUPERINTENDING ENGINEER**
**BALANGIR IRRIGATION DIVISION, BALANGIR**

# ନାବାଳିକା ପୋଡି ମୃତ୍ୟୁ ଘଟଣାରେ ପେଟ୍ରୋଲ ବିକୁଥିବା ବ୍ୟକ୍ତି ଗିରଫ

ପଦ୍ମପୁର, (ସବ୍ୟୁ) : ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଫିରିଙ୍ଗିମାଲ ନାବାଳିକା ପୋଡି ଘଟଣାରେ ପେଟ୍ରୋଲ ବିକୁଥିବା ଅଭିଯୋଗରେ ଘରପାଖ ରାସନ ଦୋକାନୀକୁ ଗିରଫ କଲା ଗାଇସିଲେଟ ପୋଲିସ । ପୂର୍ବରୁ ଏହି ମାମଲାରେ ରାସନ ଦୋକାନୀ ପ୍ରେମାନନ୍ଦ ଡନସନାକୁ ପୋଲିସ ପଚରାଉଚରା କରୁଥିଲା । ସୋମବାର ସନ୍ଧ୍ୟା ସମୟରେ ପ୍ରେମାନନ୍ଦକୁ ଗିରଫ କରିଛି ପୋଲିସ । ନାବାଳିକା ପୋଡିଯାଇ ମୃତ୍ୟୁବରଣ କରିବା ପରେ ଗାଇସିଲେଟ ପୋଲିସ ନାବାଳିକାଙ୍କ ଅଜା,ଭାଇର ସାଙ୍ଗ, ଭାଇ, ମାଁ ତଥା ଏହି ଦୋକାନୀଙ୍କୁ ଲଗାତାର ପଚରାଉଚରା କରିଥିଲେ । ଯେହେତୁ ଉକ୍ତ ନାବାଳିକା ମୃତ୍ୟୁ ପୂର୍ବରୁ ଗୁଟେ ଟୁକେଲ ମୋତେ ହତ୍ୟା କରିଛି ବୋଲି କହିଥିଲେ । ସେହି ଟୁକେଲ କିଏ ଓ କାହିଁକି ଏଭଳି କାଣ୍ଡ କଲେ ତାହା ତଦନ୍ତ ଚାଲିଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# କିମ୍ସରେ ଗମ୍ଭୀର ବୃକ୍କ ଆଘାତ ଉପରେ ସିଏମଇ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ): କିମ୍ସ ନେଫ୍ରୋଲୋଜି ବିଭାଗ, ଗମ୍ଭୀର ବୃକ୍କ ଆଘାତ (ଏକେଆଇ) ଉପରେ ଦ୍ୱିତୀୟ ନିରନ୍ତର ଡାକ୍ତରୀ ଶିକ୍ଷା (ସିଏମଇ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଶହେରୁ ଅଧିକ ଡାକ୍ତର ଓ ବିଶେଷଜ୍ଞ ଯୋଗଦେଇ ଏକେଆଇକୁ ନେଇ ବଢୁଥିବା ଚ୍ୟାଲେଞ୍ଜ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍ସ ନୂଆଦିଲ୍ଲୀର ପ୍ରଫେସର ଡା ଦୀପଙ୍କର ଭୌମିକ, ପିଜିଆଇ ଚଣ୍ଡିଗଡ଼ର ପ୍ରଫେସର ଡା ରାଜା ରାମଚନ୍ଦ୍ରନ, ଷ୍ଟାନଲି ମେଡିକାଲ କଲେଜ ଡା ଏଡୱିନ୍ ଫର୍ଣ୍ଣାଣ୍ଡୋ, ନଦିଆଦର ପ୍ରଫେସର ଡା ଶିଶିର ଗ୍ୟାଙ୍ଗ, ଇଣ୍ଡିଆନ୍ ସୋସାଇଟି ଅଫ୍ ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟେସନ୍‌ର ସଭାପତି ପ୍ରଫେସର ଡା ଅର୍ପିତା ରାୟ ଚୌଧୁରୀ ଏବଂ ଚେନ୍ନାଇର



ବିଶିଷ୍ଟ ନେଫ୍ରୋପାଥୋଲୋଜିଷ୍ଟ ଡା ଅନିଲା ଆବ୍ରାହମ ଯୋଗଦେଇ ଏକେଆଇ ଅନ୍ତର୍ନିହିତ ବକ୍ତୃତା ଓ ପ୍ୟାନେଲ୍ ଆଲୋଚନା କରିଥିଲେ। ସାଧାରଣତଃ ଏକେଆଇ ମୋଟ ଜନସଂଖ୍ୟାର ୧୦ରୁ୧୫ ପ୍ରତିଶତ ଏବଂ ପ୍ରାୟ ୫୦ ପ୍ରତିଶତ ଆଇସିୟୁ ରୋଗୀଙ୍କୁ ପ୍ରଭାବିତ କରିଥାଏ। ଏହା ହେଲେ ରୋଗୀ ମୃତ୍ୟୁହାର ଏବଂ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ। ଏଥିରେ କିମ୍ସ ପରାମର୍ଶଦାତା ଡା ଆର.ଏନ. ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର.ସି. ଦାସ, କିମ୍ସ ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଡା ମାନସ ବେହେରା, କିମ୍ସ ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା ନିକୁଞ୍ଜ କିଶୋର ରାଉତ ଓ ବିଶିଷ୍ଟ ନେଫ୍ରୋଲୋଜିଷ୍ଟ ଅଶ୍ୱିନୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିରନ୍ତର ଗୁଣାତ୍ମକ ଡାକ୍ତରୀ ଶିକ୍ଷାର ଗୁରୁତ୍ୱ, ପ୍ରତିରୋଧ ରଣନୀତି, ପ୍ରାରମ୍ଭିକ ଏକେଆଇ ଚିହ୍ନଟରେ ନୂତନ ବାୟୋମାର୍କରଙ୍କ ଭୂମିକା ଓ ଶିଶୁ ଜନସଂଖ୍ୟାକୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ।

## ମରୁଡି ପରିସ୍ଥିତି ମୁକାବିଲା ଲାଗି ଜରୁରୀ ବୈଠକ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁର ଗ୍ରାମପଞ୍ଚାୟତ ବୈଠକ ଗୃହରେ ସରପଞ୍ଚ ସୌରଭ କୁମାର ଦାସମହାପାତ୍ର ଙ୍କ ସଭାପତିତ୍ୱରେ ଭୂଷଣ୍ଡପୁର ଅଞ୍ଚଳର ସମସ୍ତ ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚାଷୀମାନଙ୍କର ସାମ୍ପ୍ରତିକ ପରିସ୍ଥିତି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ପାଣିରେ ଅଭାବ କୁ ନେଇ ଚାଷ ଜମିର ମରୁଡି ପରିସ୍ଥିତି ବିଷୟରେ କୃଷକମାନେ ବିଭିନ୍ନ ମତ ପୋଷଣ କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତୁରନ୍ତ ସ୍ଥାୟୀ ଜଳସେଚନ ସୁବିଧା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ଏଥିରେ ରବୀନ୍ଦ୍ର କୁମାର ପରିଡା, ଶ୍ୟାମ ସୁନ୍ଦର ମଲ୍ଲିକଙ୍କ ସମେତ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ ।

## ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟୁ): ସ୍ୱାଧୀନତା ଦିବସ ଉପଲକ୍ଷେ ଇନ୍ଦିରାଗାନ୍ଧୀ ପାର୍କସ୍ଥିତ ଇନ୍ଦିରାପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ଏହାର ପରିସରରେ ଜାତୀୟପତାକା ଉତ୍ତୋଳନ କରାଯାଇଥିଲା । ଆଧ୍ୟାତ୍ମିକବାଦୀ ସ୍ୱାମୀଜୀ ନିତ୍ୟାନନ୍ଦ ସାହୁ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମର୍ଣ୍ଣିଂ ୱାକର୍ସ ଆସୋସିଏସନର ଆବାହକ ତଥା କ୍ରୀଡ଼ା ସଂଗଠକ ଶକ୍ତିରଂଜନ ମହାନ୍ତି ଏବଂ ଜାତୀୟ ସାମ୍ବାଦିକ କଲ୍ୟାଣବୋର୍ଡର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଚିବାଳୟ କର୍ମଚାରୀ ନେତା ପତିତପାବନ ନାଥଶର୍ମା, ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରବୀର କୁମାର ଦାସ, ଦିଲ୍ଲୀପ କୁମାର ପାଢ଼ୀ, ସିଦ୍ଧାର୍ଥ ସାମଲ, ଅନୀଲ ପଣ୍ଡା, ମୋହନ ପ୍ରଧାନ, ଲିପନ୍



ସାହୁ, ବିରଞ୍ଚି ପାତ୍ର, ଅଶୋକ ଦାସ, ପଞ୍ଚାନନ ନାୟକ, ହେମନ୍ତ ମହାନ୍ତି, ହିତେନ୍ଦ୍ର ନାରାୟଣ ମହାନ୍ତି, ଦୀନେଶ ପାଠକ, ଅଜିତ୍ ଦାଶ, ବିକ୍ରମ କେଶରୀ ପାତ୍ର, ପ୍ରଦୀପ କୁମାର ଦାଶ, ସ୍ମୃତିରଂଜନ ମହାନ୍ତି, ରାଜେଶ ଦାସ, ପ୍ରତାପ ଜେନା, ମନ୍ମଥ କୁମାର ସାମଲ, ଜିତେନ୍ଦ୍ର କୁମାର କର, ନିଳୟ ଘୋଷ, ପବିତ୍ର ପଟ୍ଟନାୟକ ଓ ଆଇ.ଜି.ପାର୍କ ସୁରକ୍ଷା ଅଧିକାରୀ ବେଣୁଧର ମଲ୍ଲିକ ପ୍ରମୁଖ ଶତାଧିକ ମର୍ଣ୍ଣିଂ ୱାକର୍ସ ଆସୋସିଏସନର ସଦସ୍ୟମାନେ ଯୋଗଦେଇ ଜାତୀୟ ସଂଗୀତ ଗାନ କରିବା ସହିତ ବନ୍ଦେ ମାତରମ୍ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ ।

# ନିସ୍ ଇନ୍‌ଷ୍ଟିଚ୍ୟୁଟରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଇନ୍‌ଷଟିଚ୍ୟୁଟ ଅଫ ବିଜିନେସ୍ ଆଡମିନଷ୍ଟ୍ରେସନ୍‌ର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ଏମବିଏ ଓ ଏମସିଏର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ୱାଗତ ଉତ୍ସବରେ ନାଲକୋର ପୂର୍ବତନ ସିଏମ୍‌ଡି ଡକଟର ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି, ଟେକ୍ନୋଲୋଜି ଲିମିଟେଡର ମ୍ୟାନେଜିଂ ଡାଇରେକଟର ଅୟସକାନ୍ତ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋଇ ଯଥାକ୍ରମେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବିଳିଷ୍ଟ ମନ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକଟର ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇ ଉନ୍ନତମାନର ଶିକ୍ଷାଦାନ ସହିତ ନବାଗତ ଏମବିଏ ଓ ଏମସିଏର ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତର ଶିକ୍ଷା ଗ୍ରହଣ କରି କିପରି ଉଜ୍ଜଳ ଭବିଷ୍ୟତ ଗଠନ କରିପାରିବେ ତାହା ତାଙ୍କ ବକ୍ତବ୍ୟ ମାଧ୍ୟମରେ ଉଦ୍‌ବୋଧନ ଦେଇଥିଲେ । ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକଟର



ଡକଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡକଟର ରାଜେସ ସ୍ୱାଇଁ, ଏମବିଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲ ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରମୁଖ ଯୋଗଦେଇ ସେମାନଙ୍କର ସାରଗର୍ଭକ ମତବ୍ୟକ୍ତ କରିବା ସହ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ଦିଗଦର୍ଶନ ପ୍ରଦାନ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ଏମସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଅଧ୍ୟାପିକା ପ୍ରଫେସର ବିନିତା ଦେବଯାନୀ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶପଥ ଗ୍ରହଣ ଉତ୍ସବର ଆୟୋଜନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ମହାତ୍ମା ଗାନ୍ଧୀଙ୍କ କଟକ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ସମାରୋହର ଆୟୋଜନ

କଟକ, (ସବ୍ୟୁ):ଜାତିର ପିତା ମହାତ୍ମା ଗାନ୍ଧୀଙ୍କ କଟକ ସ୍ଥିତ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ସମାରୋହ ଆୟୋଜନ କରାଯିବା ପ୍ରକାଶ ଥାଉକି ୧୯୨୫ ମସିହା ଅଗଷ୍ଟ ମାସ ୨୦ ତାରିଖରେ ଗାନ୍ଧିଜୀ ଏସିଆର ଏହି ବୃହତ କୁଷ୍ଠଶ୍ରମ ଆସି ଅନ୍ତେବାସୀଙ୍କ ସେବା କରିବା ସହ ଜନସାଧାରଣଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ନିମନ୍ତେ ସାମାଜିକ ବାର୍ତ୍ତା ଦେଇ ପଦଯାତ୍ରା କରି ଫେରିଥିଲେ। ଏହି ଅଭୁଲା ସ୍ମୃତିର ସ୍ମାରକୀ ସ୍ୱରୂପ ଏକଶତ ବାର୍ଷିକୀ ସମାରୋହ କୁଷ୍ଠାଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳଙ୍କ ସମେତ ବରିଷ୍ଠ ମନ୍ତ୍ରୀ,ସାଂସଦ,ବିଧାୟକ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଚୁଡାନ୍ତ ପ୍ରସ୍ତୁତି ସ୍ୱରୂପ ଆଜି ଅପରାହ୍ନରେ କଟକ ମହାନଗର ନିଗମ ଆୟୁକ୍ତ, କିରଣ ଦୀପ କୌର ସାହୋଟାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବିଜୁ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି।

## ଓଏମସି ପରିଚାଳନା ନିର୍ଦ୍ଦେଶକଙ୍କ

# କ୍ରୋମ୍ ଜୋନ୍ ଖଣି ଅଞ୍ଚଳ ପରିଦର୍ଶନ ଏବଂ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଖଣି ନିଗମ (ଓଏମସି) ପରିଚାଳନା ନିର୍ଦ୍ଦେଶକ, ସୁଧାଂଶୁ ମୋହନ ସାମଲ, ଯାଜପୁର ଜିଲ୍ଲା ସ୍ଥିତ ସୁକିନ୍ଦା ଅଞ୍ଚଳରେ ଥିବା ଓଏମସିର କ୍ରୋମ୍ ଖଣି ଅଞ୍ଚଳ ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଗସ୍ତରେ ନିର୍ଦ୍ଦେଶକ (ଅପରେସନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ ଏବଂ ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ, ପରିଚାଳନା ନିର୍ଦ୍ଦେଶକ ସାଉଥ୍ କାଳିଆପାଣି ଖଣି ପରିଦର୍ଶନ କରିବା ସହିତ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକ ଯଥା - ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି), କ୍ୱାରି ଡି ଏବଂ କ୍ୱାରି ଏଫ୍, ଷ୍ଟକୟାର୍ଡ, କ୍ରୋମ୍ ଓର୍ ବେନିଫିସିଏସନ୍ ପ୍ଲାଣ୍ଟ (ସିଓବିପି), ଏବଂ କାରଖାନାର ବର୍ଜ୍ୟବସ୍ତୁ ସଂଗ୍ରହକ ଭାବେ ବ୍ୟବହୃତ ଟିଲିଙ୍ଗ୍



ପୋଖରୀ, ସୁକରଙ୍ଗି ଖଣି ଅଞ୍ଚଳ ଏବଂ କାଳିଆପାଣି ଖଣି ପରିସରକୁ ପରିଦର୍ଶନ କରିଥିଲେ। ଏଥିସହିତ ବିକ୍ରୟ ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଏମସିରୁ ଉତ୍ପାଦ ହେଉଥିବା ଖଣିଜ ପଦାର୍ଥ ଗୁଡ଼ିକ କିଭଳି ନିଜର ସଠିକ୍ ଗୁଣବତ୍ତାକୁ ବଜାୟ ରଖିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବ୍ୟବସ୍ଥାକୁ ସୁପରିଚାଳିତ ଓ ସ୍ୱଚ୍ଛ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟାନ୍ୱୟନରେ ନିଜସ୍ୱ ନେତୃତ୍ୱ ନେବା ଏବଂ ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବରେ କାମ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଓଏମସିର ବ୍ୟବସାୟିକ କାର୍ଯ୍ୟକ୍ଷମ ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ବୈଧାନିକ ଅନୁପାଳନ ଏବଂ ଆଇନଗତ କାର୍ଯ୍ୟକୁ ଗୁରୁତର ସହକାରେ ଭାବେ ପାଳନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ଓଏମସିର ଫେରୋ-କ୍ରୋମ୍ ପ୍ଲାଣ୍ଟର କାର୍ଯ୍ୟ ସମୀକ୍ଷା କରିବା ସହିତ, ଏହାର ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ସଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସୌରଶକ୍ତି ଭଳି ନବୀକରଣୀୟ ଶକ୍ତିକୁ ବହୁଳ ଭାବେ ବ୍ୟବହାର ଏବଂ ସ୍ଥାନୀୟ ଖଣି ଅଞ୍ଚଳର ପରିବେଶଗତ ସନ୍ତୁଳନକୁ ସୁଦୃଢ଼ କରିବା ପାଇଁ ବୃକ୍ଷରୋପଣ ଅଭିଯାନ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଟକ୍ ହିଅର ସ୍ୱିଚ୍ ଆଣ୍ଡ ହିୟରିଂ କ୍ଲିନିକ୍ ପରିସରରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର (ସବ୍ୟୁ): ସ୍ୱାଧୀନତା ଦିବସର ପବିତ୍ର ଅବସରରେ ଆମ ଟକ୍ ହିଅର ସ୍ୱିଚ୍ ଆଣ୍ଡ ହିୟରିଂ କ୍ଲିନିକ୍ ପରିସରରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସକାଳ ୧୧ଟାରେ ଧ୍ୱଜାରୋହଣ ହୋଇଥିଲା । କ୍ଲିନିକ୍‌ର ପ୍ରଧାନ ଡାକ୍ତର ଅର୍ପିତା ଘଡେଇ ଧ୍ୱଜାରୋହଣ କରି ଜାତୀୟ ସଙ୍ଗୀତରେ ସମସ୍ତଙ୍କୁ ସମ୍ମିଳିତ କରିଥିଲେ। ଏହି ଅବସରରେ ସମସ୍ତ ଡାକ୍ତର, ନର୍ସ, କର୍ମଚାରୀ, ଓ ରୋଗୀମାନଙ୍କ ସହିତ ସ୍ଥାନୀୟ ନାଗରିକମାନେ ବି ସାମିଲ ହୋଇଥିଲେ। ପ୍ରମୁଖ ଅତିଥି ଦେବରାଜ ମଲ୍ଲିକ ସ୍ୱାଧୀନତାର



ମୂଲ୍ୟ, ଆଜିର ପରିପ୍ରେକ୍ଷିତ ଦାୟିତ୍ୱ, ଏବଂ ସ୍ୱାସ୍ଥ୍ୟ ସେବାରେ ଦେଶପ୍ରେମର ଭୂମିକା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଉଦ୍‌ବୋଧନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିରେ ନିରବତା ପାଳନ କରାଯିବା ସହ ସେମାନଙ୍କ ତ୍ୟାଗକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମର ଅନ୍ୟାନ୍ୟ ଆକର୍ଷଣୀୟ ପାଟ୍ୟାଭିନୟ, ଦେଶଭକ୍ତି ସଙ୍ଗୀତ ପ୍ରସ୍ତୁତି, ଓ ସ୍ୱାସ୍ଥ୍ୟ ସଚେତନତା ଅଭିଯାନରେ ସମସ୍ତଙ୍କ ସକ୍ରିୟ ଭାଗୀଦାରି ଥିଲା। ଶେଷରେ ସମସ୍ତଙ୍କୁ ଆହାର ବଣ୍ଟନ କରାଯାଇଥିଲା ।

# କିଷ୍ଟ ପାଳନ କଲା ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର (ସବ୍ୟୁ): କୋଣାର୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସଂସ୍ଥାନରେ ଶତାଧିକ ବିଦ୍ୟାର୍ଥୀ ୭୯ତମ ସ୍ୱାଧିନତା ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଏହି ଅବସରରେ 'ସ୍ୱାଧିନତାରବର୍ଣ୍ଣି' କାର୍ଯ୍ୟକ୍ରମ ପାଳନ କରାଯାଇଛି। ମୁଖ୍ୟ ଅତିଥି ଲେଫ୍ଟନାଣ୍ଟ କମାଣ୍ଡର ଅମିୟ ପାତ୍ର, ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର



ଉପନିର୍ଦ୍ଦେଶକ ଅନିଲକୁମାର ପାଣିଗ୍ରାହୀ, କିଷ୍ଟର ସଂଯୋଜକ ତିରୁପତି ଚୌଧୁରୀ, ଅଧ୍ୟକ୍ଷ ପ୍ରଫେସର୍ ଡ. ପାର୍ଥ ସାରଥୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାରତର ମାନଚିତ୍ର ଗଠନ, ପିରାମିଡ୍ ପ୍ରଦର୍ଶନ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଅଞ୍ଚଳବାସୀଙ୍କ ମନରେ ସ୍ୱାଧିନତାର ନବଜାଗରଣ ବିଦ୍ୟାର୍ଥୀମାନେ ସୃଷ୍ଟି କରିଥିଲେ। ଏହିକାର୍ଯ୍ୟକ୍ରମକୁ ଅରୁନ୍ଧତି ସେନ୍ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମିତିର ସଦସ୍ୟା ଶିବାନୀ ପାଣିଗ୍ରାହୀ, ସଙ୍ଗୀତା ବିଶ୍ୱାଳ ଓ ଶୁଭାଷିଶ୍ ମିଶ୍ର ପରିଚାଳନାରେ ସାହାଯ୍ୟ ଓ ସହଯୋଗ କରିଥିଲେ। ଅପର୍ଣ୍ଣା ହଲଦାର୍ ସମସ୍ତ ବିଦ୍ୟାର୍ଥୀଏବଂ ଅତିଥିମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରର ସ୍ୱାଧୀନତା ଦିବସ





ଭୁବନେଶ୍ୱର, (ସବ୍ୟୁ) : ଭିଏସ୍‌ଏସ୍ ନଗରସ୍ଥିତ ସୁରେନ୍ଦ୍ରସାଏ ବିଦ୍ୟାମନ୍ଦିରର ୭୯ତମ ସ୍ୱାଧୀନତା ଦିବସ ମହାଆଡମ୍ବର ସହକାରେ ପାଳନ କରାଯାଇଅଛି। ମୁଖ୍ୟ ଅତିଥି ଭାବେ କର୍ପୋରେଟର ପ୍ରଭାସିନୀ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାସହ ବିଦ୍ୟାଳୟ ପରିସରରେ ସୁରେନ୍ଦ୍ର ସାଏଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଂଶୀଧର ବାରିକ ଓ ସଂପାଦକ ବିପିନି ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା କମିଟିର ଅନ୍ୟ ସଭ୍ୟ ସୁରେଶ ଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦେହୁରୀ, ଦେବରାଜ ଭୋଇ, ପ୍ରଦୀପ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ନିମାଇଁ ଚରଣ ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସେମାନଙ୍କର ଅଭିମତ ପ୍ରଦାନ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରାଉତ ତାଙ୍କର ଅଭିମତ ପ୍ରଦାନ କରିବା ସହିତ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡା ଏବଂ କଳାହାଣ୍ଡିରେ ମୌସୁମୀ ଋତୁରେ

# ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ମୌସୁମୀ ଋତୁରେ ଗୋଷ୍ଠି ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଏକ ଶୃଙ୍ଖଳା ଆରମ୍ଭ କରିଛି। ଏହି ପ୍ରୟାସଗୁଡ଼ିକ ଅଧୀନରେ କମ୍ପାନୀର ଭ୍ରାମ୍ୟମାଣ ହେଲଥ ୟୁନିଟ୍ (ଏମଏଚୟୁ) କାର୍ଯ୍ୟକାରୀ କରାଯାଉଛି। ୧୫୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ମାଗଣା ମ୍ୟାଲେରିଆ ପରୀକ୍ଷା, ଲକ୍ଷଣ ଚିହ୍ନଟ ପାଇଁ ମାର୍ଗଦର୍ଶନ ଏବଂ ପରିମଳ, ମଶାରୀ ବ୍ୟବହାର ଏବଂ ପାନୀୟଜଳ ସମସ୍ୟା ଦୂର କରିବା ଭଳି ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ଋତୁକାଳୀନ ରୋଗ ପ୍ରକୋପ ରୋକିବା ପାଇଁ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପାଞ୍ଚଟି ଗ୍ରାମର ୮୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାଙ୍କ ସହିତ ଏକ ପ୍ରସ୍ତୁତି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପରିବାରର ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସାପ କାମୁଡ଼ା ରୋକିବା ପାଇଁ




ସତର୍କତାମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ପାଇଁ ଜରୁରୀ ପ୍ରଥମ ପ୍ରତିକ୍ରିୟା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିଲା, ଅଂଶଗ୍ରହଣକାରୀମାନଙ୍କୁ ବର୍ଷା ସମୟରେ ପରିବାରକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟକ୍ଷମ ଜ୍ଞାନ ସହିତ ସଶକ୍ତ କରାଯାଇଥିଲା।

ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ୩୫ରୁ ଅଧିକ ଦୁର୍ଗମ ଗ୍ରାମର ୨୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି। ଗତ ଦୁଇ ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଛି, ଯାହା ଅନୁନ୍ନତ ଅଞ୍ଚଳଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବ୍ୟବଧାନକୁ ପୂରଣ କରିଛି। ପ୍ରତ୍ୟେକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ହେଉଛି ଏକ ସମ୍ପୂର୍ଣ୍ଣ ସଜ୍ଜିତ ମେଡିକାଲ୍ ଭ୍ୟାନ୍, ଯେଉଁଥିରେ ଜଣେ ଡାକ୍ତର, ନର୍ସ, ଲ୍ୟାବ୍ ଟେକ୍ନିସିଆନ୍ ଏବଂ ଫାର୍ମାସିଷ୍ଟ ଅଛନ୍ତି, ଯାହା ଯାଞ୍ଚ, ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା, ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଏବଂ ପ୍ରତିରୋଧକ ଯତ୍ନ ଉପରେ କେନ୍ଦ୍ରିତ ନିୟମିତ ସଚେତନତା ଅଧିବେଶନ ପ୍ରଦାନ କରେ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ସକ୍ରିୟ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପାଇଁ ପ୍ରତିବଦ୍ଧ। ଆମର ପଦକ୍ଷେପଗୁଡ଼ିକ ଋତୁକାଳୀନ ଚ୍ୟାଲେଞ୍ଜକୁ ମୁକାବିଲା କରିବା ବ୍ୟତୀତ, ଦୀର୍ଘକାଳୀନ କଲ୍ୟାଣକୁ ସୁଦୃଢ଼ କରିବା, ସଚେତନତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇଥାଏ। ଆମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ, ଆମେ ସୁଗମ ସ୍ୱାସ୍ଥ୍ୟସେବା ଆଣୁଛୁ ଏବଂ ସୁସ୍ଥ ସମ୍ପ୍ରଦାୟ ଗଠନରେ ସାହାଯ୍ୟ କରିବା ପାଇଁ ନିୟମିତ ସଚେତନତା ଅଧିବେଶନ ଚଳାଇଥାଉ।" ସଦସ୍ୟ ନବୀନ ନାଏକ କହିଛନ୍ତି, "ବେଦାନ୍ତ ଦ୍ୱାରା ପରିଚାଳିତ ସଚେତନତା ଅଧିବେଶନଗୁଡ଼ିକ ମୌସୁମୀ ସମୟରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଅଭ୍ୟାସ ବିଷୟରେ ଆମର ବୁଝାମଣାକୁ ଯଥେଷ୍ଟ ବୃଦ୍ଧି କରିଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପଗୁଡ଼ିକ ଦୃଶ୍ୟ ସାମାଜିକ-ଆର୍ଥିକ ପ୍ରଗତି ଆଡ଼କୁ ନେଇଯିବ।

# ମୋଦୀଙ୍କ ସହ କଥା ହେଲେ ପୁଟିନ



ନୂଆଦିଲ୍ଲୀ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୋମବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଏହି ସମୟରେ ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଆଲୋଚନା ବିଷୟରେ ସୂଚନା ଦେଇଥିଲେ। ଏହା ସହିତ ଉଭୟ ନେତା ଦ୍ୱିପାକ୍ଷିକ ସହଯୋଗ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଟ୍ରମ୍ପ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଜରିମାନା ଲଗାଇଛନ୍ତି ଓ ଆଗକୁ ଆହୁରି ୨୫ପ୍ରତିଶତ ଲଗାଇବାକୁ ଧମକ ଦେଇଛନ୍ତି । ଏହି କାରଣରୁ ଆଲାସ୍କାରେ ହୋଇଥିବା ଟ୍ରମ୍ପ-ପୁଟିନ ସାକ୍ଷାତ ଭାରତ ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ "ଏକ୍ସ' ରେ ପୋଷ୍ଟ କରିଥିଲେ ଯେ ସେ ପୁଟିନଙ୍କୁ ଫୋନ୍ କଲ୍ ପାଇଁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି- ମୋର ବନ୍ଧୁ, ରାଷ୍ଟ୍ରପତି ପୁଟିନଙ୍କୁ ତାଙ୍କ ଫୋନ୍ କଲ୍ ଏବଂ ଆଲାସ୍କାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ତାଙ୍କ ସମ୍ପ୍ରତିକ ସାକ୍ଷାତ ବିଷୟରେ ଅବଗତ କରାଇବା ପାଇଁ ଧନ୍ୟବାଦ। ଭାରତ ନିରନ୍ତର ଭାବରେ ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆହ୍ୱାନ ଦେଇଛି ଏବଂ ଏହି ସମ୍ପର୍କରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି। ଆଗାମୀ ଦିନରେ ଆମର ନିରନ୍ତର ଆଦାନପ୍ରଦାନ ପାଇଁ ମୁଁ ଅପେକ୍ଷା କରିଛି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟି ଅନୁଭୂତି ବାଣ୍ଟିଲେ ଶୁଭାଂଶୁ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସହିତ କଥା ହୋଇଛନ୍ତି। ଏହା ଦେଶ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଥିଲା। ସାକ୍ଷାତ ସମୟରେ, ଦୁହେଁ ମହାକାଶରେ ଶ୍ରୀ ଶୁକ୍ଲାଙ୍କ ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଭାରତର ଅଗ୍ରଗତି ଏବଂ ଦେଶର ମହତ୍ୱାକାଂକ୍ଷୀ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ - ଗଗନଯାନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି:ଶୁଭାଂଶୁ ଶୁକ୍ଲାଙ୍କ ସହ ବହୁତ ଭଲ ଆଲୋଚନା ହୋଇଛି। ଆମେ ମହାକାଶରେ ତାଙ୍କର ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ପ୍ରଗତି ଏବଂ ଭାରତର ମହତ୍ୱାକାଂକ୍ଷୀ ଗଗନଯାନ ମିଶନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲୁ। ଭାରତ ତାଙ୍କ ସଫଳତା ପାଇଁ ଗର୍ବିତ।

## ସହଜ ଜୀବନଯାପନ ଓ ବ୍ୟବସାୟିକ ସୁଗମତା ପ୍ରସଙ୍ଗ

# ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ସହଜ ଜୀବନଯାପନ, ବ୍ୟବସାୟିକ ସୁଗମତାରେ ସୁଧାର ଏବଂ ସମାବେଶୀ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଦ୍ରୁତ ତଥା ବିସ୍ତୃତ ସଂସ୍କାର କାର୍ଯ୍ୟକାରୀ କରିବା ନିମନ୍ତେ ପରବର୍ତ୍ତୀ ପିଢ଼ି ସଂସ୍କାର ପାଇଁ ରୂପରେଖ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ବିଚାରବିମର୍ଶ କରାଯାଇଛି । ଗୋଟିଏ ଏକ୍ସ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି: ""ପରବର୍ତ୍ତୀ ପିଢ଼ି ସଂସ୍କାର ପାଇଁ ରୂପରେଖ ଉପରେ ଆଲୋଚନା ଲାଗି ଏକ ବୈଠକରେ ଅଧ୍ୟକ୍ଷତା କଲି। ସବୁ କ୍ଷେତ୍ରରେ ଦ୍ରୁତ ସଂସ୍କାର କାର୍ଯ୍ୟକାରୀ କରିବା ଲାଗି ଆମେ ସଂକଳ୍ପବଦ୍ଧ, ଯାହାକି ସହଜ ଜୀବନଧାରଣ, ବ୍ୟବସାୟିକ ସୁଗମତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ।

# ରାଜ୍ୟସଭାରେ ଭାରତୀୟ ବନ୍ଦର ବିଲ୍ - ୨୦୨୫ ପାରିତ

ନୂଆଦିଲ୍ଲୀ : ରାଜ୍ୟସଭାରେ ସୋମବାର ଭାରତୀୟ ବନ୍ଦର ବିଲ୍, ୨୦୨୫ ପାରିତ ହୋଇଛି, ଏହା ଭାରତୀୟ ବନ୍ଦର ଆଇନ, ୧୯୦୮ର ପରିବର୍ତ୍ତନ ନିମନ୍ତେ ଏକ ବ୍ୟାପକ ସଂସ୍କାର, ଯାହା ଏକ ଶତାବ୍ଦୀରୁ ଅଧିକ ଔପନିବେଶ ଯୁଗର ନିୟନ୍ତ୍ରଣକୁ ସମାପ୍ତ କରି ଭାରତର ସାମୁଦ୍ରିକ କ୍ଷେତ୍ର ପାଇଁ ଏକ ଆଧୁନିକ ଢାଞ୍ଚାରେ ପ୍ରସ୍ତୁତ କରାଯାଇଛି। ପୂର୍ବରୁ, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ (ଏମଓପିଏସଡବ୍ଲୁ) ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ବିଲ୍‌କୁ ପାରିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଲୋକସଭା ଦ୍ୱାରା ପୂର୍ବରୁ ମଞ୍ଜୁର ହୋଇଥିବା ଏହି ଆଇନକୁ ଖୁବ୍ ଶୀଘ୍ର ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। କାର୍ଯ୍ୟକାରୀ ହେବା ପରେ, ଏହା ଭାରତୀୟ ବନ୍ଦରଗୁଡ଼ିକରେ କାର୍ଯ୍ୟକାରୀତାକୁ ପରିବର୍ତ୍ତନ କରିବ, ବନ୍ଦର-ନେତୃତ୍ୱାଧୀନ ବିକାଶ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ମଜବୁତ କରିବ ଏବଂ ଦେଶର ବାଣିଜ୍ୟ ମହାକାଂକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ କ୍ଷେତ୍ରରେ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ପଦକ୍ଷେପକୁ ଏକ ମାଇଲଖୁଣ୍ଟ ସଂସ୍କାର ଯାହା ଭାରତର ସାମୁଦ୍ରିକ ସମ୍ଭାବନାକୁ ଉନ୍ମୁକ୍ତ କରିବ ବୋଲି ବର୍ଣ୍ଣନା କରିଛନ୍ତି।ବନ୍ଦରଗୁଡ଼ିକ କେବଳ ସାମଗ୍ରୀ ପାଇଁ ପ୍ରବେଶ ପଥ ନୁହେଁ, ଏହା ଅଭିବୃଦ୍ଧି, ନିଯୁକ୍ତି ଏବଂ ସ୍ଥାୟୀ ବିକାଶର ଇଞ୍ଜିନ। ଭାରତୀୟ ବନ୍ଦର ବିଲ୍, ୨୦୨୫ ସହିତ, ଭାରତ କ୍ୟାଚ୍-ଅପ୍ ମୋଡ୍‌ରୁ ବିଶ୍ୱ ସାମୁଦ୍ରିକ ନେତୃତ୍ୱ ଆଡ଼କୁ ଗତି କରୁଛି, ଶ୍ରୀ ସୋନୋୱାଲ ରାଜ୍ୟସଭାରେ ସୂଚନା ଦେଇଥିଲେ। ଏହି ସଂସ୍କାର ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ, ଯାହାଙ୍କ ନିର୍ଣ୍ଣାୟକ ନେତୃତ୍ୱ ଭାରତ ଉପନିବେଶବାଦୀ ଭାରକୁ ମୁକ୍ତ କରିବା ଏବଂ ଆଧୁନିକ, ସମସାମୟିକ, ଆନ୍ତର୍ଜାତୀୟ ସ୍ତରରେ ସମନ୍ୱିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ନୀତିଗୁଡ଼ିକୁ ଗ୍ରହଣ କରିବା ନିଶ୍ଚିତ କରିଛି। ଗତ ୧୦ ବର୍ଷ ମଧ୍ୟରେ ଭାରତର ସାମୁଦ୍ରିକ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବିସ୍ତାରିତ ହୋଇଛି। ପ୍ରମୁଖ ବନ୍ଦରଗୁଡ଼ିକରେ କାର୍ଗୋ ପରିଚାଳନା ୨୦୨୪-୨୫ ଆର୍ଥିକ ବର୍ଷରେ ରେକର୍ଡ ୮୫୫ ନିୟୁତ ଟନ୍ ଛୁଇଁଛି, ଯାହା ୨୦୧୪-୧୫ ଆର୍ଥିକ ବର୍ଷରେ ୫୮୧ ନିୟୁତ ଟନ୍ ଥିଲାଛ ସେହି ସମୟ ମଧ୍ୟରେ ବନ୍ଦର କ୍ଷମତା ପ୍ରାୟ ୮୭ ପ୍ରତିଶତ ବୃଦ୍ଧି ପାଇଛି। ଜାହାଜଗୁଡ଼ିକର ହାରାହାରି ପରିବହନ ସମୟ ଅଧା ହୋଇ ୪୮ ଘଣ୍ଟା କରାଯାଇଛି, ଯାହା ବିଶ୍ୱ ମାନଦଣ୍ଡ ସହିତ ମେଳ ଖାଉଛି। ଉପକୂଳ ପରିବହନ ପରିମାଣ ଦୁଇ ଗୁଣାରୁ ଅଧିକ ହୋଇଛି ଏବଂ ୧୧୮ ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଆଭ୍ୟନ୍ତରୀଣ ଜଳପଥରେ କାର୍ଗୋ ପରିବହନ ପ୍ରାୟ ସାତ ଗୁଣ ବୃଦ୍ଧି ପାଇଛି। ଭାରତୀୟ ବନ୍ଦରଗୁଡ଼ିକ ବିଶ୍ୱବ୍ୟାଙ୍କର କଣ୍ଟେନର ବନ୍ଦର କାର୍ଯ୍ୟଦକ୍ଷତା ସୂଚକାଙ୍କରେ ସ୍ଥାନ ପାଇଛି। ତଥାପି, ଶିଳ୍ପ ନେତାମାନେ ଦୀର୍ଘ ସମୟ ଧରି ପୁରୁଣା ୧୯୦୮ ଢାଞ୍ଚାକୁ ବଦଳାଇବା ପାଇଁ ଏକ ଆଧୁନିକ ଆଇନ ପାଇଁ ଆହ୍ୱାନ କରିଥିଲେ।

# ୟୁପିଆଇ ଆପରେ ମିଳିବ ଋଣ



ନୂଆଦିଲ୍ଲୀ: ଯେଉଁମାନେ କମ୍ ପରିମାଣର ଋଣ ଚାହୁଁଛନ୍ତି ସେମାନଙ୍କ ପାଇଁ ଏକ ଖୁସି ଖବର ଆସିଛି। ଦୀର୍ଘ ସମୟ ଅପେକ୍ଷା ପରେ,ୟୁପିଆଇରେ କ୍ରେଡିଟ୍ ଲାଇନ ସୁବିଧା ଆରମ୍ଭ ହେବାକୁ ଯାଉଛି। ବ୍ୟାଙ୍କଗୁଡ଼ିକ ଯୋଜନା କରିଛନ୍ତି ଯେ, ଏବେ ଗ୍ରାହକମାନଙ୍କୁ ସିଧାସଳଖ ୟୁପିଆଇ ଆପ୍ ମାଧ୍ୟମରେ କ୍ଷୁଦ୍ର ଋଣ ପ୍ରଦାନ କରାଯିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ମଧ୍ୟ ଏହି ସୁବିଧା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି। ଯଦି ଏହି ଯୋଜନା ପ୍ରକୃତରେ କାର୍ଯ୍ୟକାରୀ ହୁଏ, ତେବେ ଏବେ ଗ୍ରାହକମାନଙ୍କୁ କ୍ଷୁଦ୍ର ଋଣ ପାଇଁ ଆଉ ବ୍ୟାଙ୍କକୁ ଯିବାକୁ ପଡ଼ିବ ନାହିଁ। ସେମାନେ ଘରେ ବସି ଏହି ସୁବିଧା ସହଜରେ ପାଇପାରିବେ। ସୂଚନା ଦେଇ ଫିନଟେକ୍‌କ୍ଷେତ୍ରର ଜଣେ ପ୍ରତିଷ୍ଠାତା କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ନୂତନ ଗ୍ରାହକଙ୍କ ପାଖରେ ପହଞ୍ଚିବା ପାଇଁୟୁପିଆଇରେ ଛୋଟ କ୍ରେଡିଟ୍ ଲାଇନ୍ ସେବା ପ୍ରଦାନ କରିବାକୁ ଯାଉଛନ୍ତି, ବିଶେଷକରି ଯେଉଁ ଗ୍ରାହକମାନଙ୍କର ବ୍ୟାଙ୍କ ଆକାଉଣ୍ଟ ନାହିଁ। ଏଥିପାଇଁ, ଫୋନପେ, ପେଟିଏମ୍, ନାଭି ଏବଂ ଭାରତପେ ଭଳି ଆପ୍ ବ୍ୟବହାର କରାଯିବ। ଆଇସିଆଇସିଆଇ ଭଳି ବଡ଼ ବ୍ୟାଙ୍କ ଏବଂ କର୍ଣ୍ଣାଟକ ବ୍ୟାଙ୍କ ଭଳି ଛୋଟ ବ୍ୟାଙ୍କ ମଧ୍ୟ ଏଭଳି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ନୂତନ ପ୍ରକଳ୍ପ ସମ୍ପର୍କରେ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଅନେକ ପ୍ରଶ୍ନ ପଚାରିଥିଲେ । ଯେପରିକି ସୁଧମୁକ୍ତ ଅବଧି,ବାକି ରାଶିର ରିପୋର୍ଟିଂ ଏବଂ କ୍ରେଡିଟ୍ ବ୍ୟୁରୋକୁ ସୂଚନା ପଠାଇବାର ପଦ୍ଧତିଛ ଏବେ ଆରବିଆଇ ଏହି ପ୍ରସଙ୍ଗଗୁଡ଼ିକ ଉପରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଦେଇଛି। ଯାହା ପରେ ପ୍ରାରମ୍ଭିକ ସ୍ତରରେ ଏହାର ପରୀକ୍ଷଣ ଆରମ୍ଭ ହୋଇଛିଛୟୁପିଆଇ ପ୍ଲାଟଫର୍ମ ଏନପିସିଆଇ ଦ୍ୱାରା ପରିଚାଳିତ ହେଉଛି। ଯାହା ସେପ୍ଟେମ୍ବର ୨୦୨୩ରେ ପ୍ରି-ସଙ୍କସନ୍ଡ୍ କ୍ରେଡିଟ୍ ଲାଇନ୍ ସୁବିଧା ଆରମ୍ଭ କରିଥିଲା। କିନ୍ତୁ ଯାନ୍ତ୍ରିକ ସମସ୍ୟା ଯୋଗୁ ଅଧିକାଂଶ ବ୍ୟାଙ୍କ ଏହାକୁ ଆରମ୍ଭ କରି ନଥିଲେ। ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ହେଉଛି ଏବଂ ବ୍ୟାଙ୍କଗୁଡ଼ିକ ଏହାକୁ ଦ୍ରୁତ ଗତିରେ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ଜୁଲାଇ ୧୦ରେ, ଏନପିସିଆଇ ବ୍ୟାଙ୍କଗୁଡ଼ିକୁ ଏକ ବିଜ୍ଞପ୍ତି ଜାରି କରି କହିଛି ଯେ, ଏହି ଉପାୟରେ ଯେକୌଣସି ଋଣ ଦିଆଯିବ ତାହା ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ୍ଛ ଯେଉଁ ଉଦ୍ଦେଶ୍ୟରେ ଏହାକୁ ଅନୁମୋଦନ କରାଯାଇଥିଲା। ଏହା ମାଧ୍ୟମରେ ସୁନା ଋଣ, ସ୍ଥାୟୀ ଜମା ଏଜେଣ୍ଟ ଋଣ, ଉପଭୋକ୍ତା ଋଣ, ବ୍ୟକ୍ତିଗତ ଋଣ ଇତ୍ୟାଦି ମିଳି ପାରିବ। ଯାହାର ସରଳ ଅର୍ଥ ହେଉଛି କ୍ରେଡିଟ୍ ଆକାଉଣ୍ଟ ସିଧାସଳଖ ୟୁପିଆଇ ଆପ୍ ସହିତ ଲିଙ୍କ୍ ହେବ ଏବଂ ସେଠାରୁ ଛୋଟ ଋଣ ମିଳିପାରିବ। ଶିଳ୍ପ ବିଶେଷଜ୍ଞମାନଙ୍କ ଅନୁସାରେ ୟୁପିଆଇର ପରବର୍ତ୍ତୀ ପର୍ଯ୍ୟାୟରେ କ୍ରେଡିଟ୍ ଏକ ବଡ଼ ପଦକ୍ଷେପ ପ୍ରମାଣିତ ହେବ। ବର୍ତ୍ତମାନୟୁପିଆଇର ପ୍ରାୟ ୩୦ କୋଟି ଉପଭୋକ୍ତା ଅଛନ୍ତି, ଯେଉଁଥିରୁ ୧୫-୨୦ କୋଟି ସକ୍ରିୟ ଉପଭୋକ୍ତା ଅଛନ୍ତି। ତଥାପି, ଗତ କିଛି ମାସ ମଧ୍ୟରେ ୟୁପିଆଇ ଅଭିବୃଦ୍ଧିର ଗତି ମନ୍ଥର ହୋଇଛି। ଏପରି ପରିସ୍ଥିତିରେ, କ୍ରେଡିଟ୍ ଲାଇନ ଏହାକୁ ନୂତନ ଗତି ଦେଇପାରିବ।

# ଜନ ବିଶ୍ୱାସ ବିଲ୍ ଲୋକସଭାରେ ଆଗତ



ନୂଆଦିଲ୍ଲୀ : କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ସୋମବାର ଲୋକସଭାରେ ଜନ ବିଶ୍ୱାସ (ବିଧାନ ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପନ କରିଛନ୍ତି। ଏହି ବିଲ୍ ପୂର୍ବରୁ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁରୀ ପାଇଥିଲାଛ ମାନ୍ୟବର ମନ୍ତ୍ରୀ ମାନ୍ୟବର ବାଚସ୍ପତିଙ୍କୁ ବିଲଟିକୁ ସିଲେକ୍ଟ କମିଟିକୁ ପଠାଇବାକୁ ଅନୁରୋଧ କରିଛନ୍ତି। କମିଟିର ସଦସ୍ୟମାନଙ୍କୁ ମାନ୍ୟବର ବାଚସ୍ପତି ବାଛିବେ ଏବଂ କମିଟି ପରବର୍ତ୍ତୀ ଅଧିବେଶନର ପ୍ରଥମ ଦିନ ସୁଦ୍ଧା ଏକ ରିପୋର୍ଟ ପ୍ରସ୍ତୁତ କରିବ। ଏହି ଅଭ୍ୟାସ ଜନ ବିଶ୍ୱାସ (ବିଧାନ ସଂଶୋଧନ) ଆଇନ, ୨୦୨୩ ର ସଫଳତା ଉପରେ ଆଧାରିତ - ଏହା ବହୁବିଧ ଆଇନ ମଧ୍ୟରେ ଛୋଟ ଅପରାଧକୁ କ୍ରମାଗତ ଭାବରେ ଅପରାଧମୁକ୍ତ କରିବା ପାଇଁ ପ୍ରଥମ ସମନ୍ୱିତ ଆଇନ। ୧୧ ଅଗଷ୍ଟ ୨୦୨୩ ରେ ଅଧିସୂଚିତ ୨୦୨୩ ଆଇନ, ୧୯ ଟି ମନ୍ତ୍ରଣାଳୟ / ବିଭାଗ ଦ୍ୱାରା ପରିଚାଳିତ ୪୨ ଟି କେନ୍ଦ୍ରୀୟ ଆଇନରେ ୧୮୩ ଟି ବ୍ୟବସ୍ଥାକୁ ଅପରାଧମୁକ୍ତ କରିଥିଲା। ୨୦୨୫ ବିଲ୍ ୧୦ ଟି ମନ୍ତ୍ରଣାଳୟ / ବିଭାଗ ଦ୍ୱାରା ପରିଚାଳିତ ୧୬ ଟି କେନ୍ଦ୍ରୀୟ ଆଇନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ସଂସ୍କାର କାର୍ଯ୍ୟସୂଚୀକୁ ବିସ୍ତାର କରିଛି। ମୋଟ ୩୫୫ ଟି ବ୍ୟବସ୍ଥା ସଂଶୋଧନ ପାଇଁ ପ୍ରସ୍ତାବିତ - ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ୨୮୮ ଟି ବ୍ୟବସ୍ଥାକୁ ଅପରାଧମୁକ୍ତ କରାଯାଇଥିଲା, ଏବଂ ଜୀବନଧାରଣର ସହଜତାକୁ ସୁଗମ କରିବା ପାଇଁ ୬୭ ଟି ବ୍ୟବସ୍ଥା ସଂଶୋଧନ ପାଇଁ ପ୍ରସ୍ତାବିତ। ଜନ ବିଶ୍ୱାସ (ବିଧାନ ସଂଶୋଧନ) ବିଲ୍, ୨୦୨୫ ମଧ୍ୟ ଜୀବନଧାରଣର ସହଜତା ପାଇଁ ନୂଆ ଦିଲ୍ଲୀ ପୌର ପରିଷଦ ଆଇନ, ୧୯୯୪ ଏବଂ ମୋଟର ଯାନ ଆଇନ, ୧୯୮୮ ଅଧୀନରେ ୬୭ ଟି ସଂଶୋଧନ ପ୍ରସ୍ତାବ ଦେଇଛି।

# ଗୁଳିମାଡ଼ ଘଟଣା : ମୁହଁ ଖୋଲିଲେ ଏଲଭିଶ



ଗୁରୁଗ୍ରାମ : ହରିୟାଣାରୟୁଟ୍ୟୁବର ଏଲଭିଶ ଯାଦବଙ୍କ ପରିବାରଲୋକଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି ।ଅଗଷ୍ଟ ୧୭ ତାରିଖ ସକାଳ ୫.୩୦ରୁ ୬ଟା ମଧ୍ୟରେ ଏଲଭିଶ ଯାଦବଙ୍କ ଘର ଉପରକୁ ୨୫ ରୁ ୩୦ ରାଉଣ୍ଡ ଗୁଳି କରି ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସାମ୍ନାକୁ ଆସିଥିବା ସିସିଟିଭି ଫୁଟେଜରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି, ୩ଜଣ ଅଜ୍ଞାତ ଯୁବକ ଏଲଭିଶ ଯାଦବଙ୍କ ଘର ପାଖକୁ ଆସି ୨୫ରୁ ୩୦ ରାଉଣ୍ଡ ଗୁଳି କରି ଘଟଣାସ୍ଥଳରୁ ଫେରାର ହୋଇଯାଉଛନ୍ତି। ଏହି ଗୁଳିକାଣ୍ଡ ଘଟଣାର ଖବର ସାମ୍ନାକୁ ଆସିବା ପରେ ଚାରିଆଡେ ଚାଞ୍ଚଲ୍ୟ ଖେଳି ଯାଇଛି। ୟୁଟ୍ୟୁବରଙ୍କ ପ୍ରଶଂସକମାନେ ଏଲଭିଶଙ୍କ ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ଘରେ ଗୁଳିକାଣ୍ଡ ହେବାପରେ ଏଲଭିଶ ମୁହଁଖୋଲି କହିଛନ୍ତି,"ଗୁଳିକାଣ୍ଡ ଘଟଣା ସମୟରେ ମୁଁ ଘରେ ନଥିଲିଛ କାମ ହେତୁ ବାହାରେ ଥିଲି। ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛି। ଆପଣ ସମସ୍ତଙ୍କ ଶୁଭ ଆଶୀର୍ବାଦ ପାଇଁ ମୋ ପରିବାର ଉପରେ ଗୁଳିକାଣ୍ଡ ଘଟଣାରେ କେଣସି ପ୍ରକାର ଆଞ୍ଚ ଆସି ନାହିଁ। ଏଲଭିଶ ଯାଦବଙ୍କ ବାପା ଏହି ଗୁଳିକାଣ୍ଡ ଘଟଣାକୁ ନେଇ ପୁଲିସରେ ଅଭିଯୋଗ କରିଛନ୍ତି। ତେବେ ଏହି ଗୁଳିକାଣ୍ଡ କିଏ ଓ କାହିଁକି କଲା। ବୋଲି ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଭାଉ ଗ୍ୟାଙ୍ଗ ଏଥିପାଇଁ ନିଜକୁ ଦାୟୀ କରିଛି। ସୋସିଆଲ ମିଡିଆରେ ଏକ ପୋଷ୍ଟରେ, 'ଭାଉ ଗ୍ୟାଙ୍ଗ' ସଦସ୍ୟ ଗ୍ୟାଙ୍ଗଷ୍ଟର ନୀରଜ ଫରିଦପୁର ଏବଂ ଭାଉ ରିଟୋଲିଆ ଏଲଭିଶ ଯାଦବଙ୍କ ଘରେ ଉପରକୁ ହୋଇଥିବା ଗୁଳିକାଣ୍ଡ ଘଟଣାରେ ନିଜର ଦାୟୀ କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନ ନେଇ ରାଜନୀତି ସରଗରମ



ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଦେଶରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିଛି। ବିରୋଧୀ ମେଣ୍ଟ 'ଇଣ୍ଡିଆ' ମଧ୍ୟ ଏନେଇ ସକ୍ରିୟତା ଦେଖାଇଛି। ସୋମବାର ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଆରମ୍ଭ ହୋଇଛି। ବେଠକରେ ମିଳିତ ପ୍ରାର୍ଥୀ ବିଷୟରେ ଆଲୋଚନା କରାଯିବ। ତାମିଲନାଡୁର ବରିଷ୍ଠ ନେତା ରାଧାକୃଷ୍ଣନଙ୍କୁ ପ୍ରାର୍ଥୀ କରି, ବିଜେପି ଦକ୍ଷିଣ ଭାରତରେ ନିଜର ରାଜନୈତିକ ସ୍ଥାଣୁତାକୁ ମଜବୁତ କରିବାର ଉଦ୍ଦେଶ୍ୟକୁ ସୂଚାଇ ଦେଇଛି। ଦଳ ଆଶା କରୁଛି ଯେ, ରାଧାକୃଷ୍ଣନଙ୍କ ପରି ଜଣେ ସନ୍ତୁଳି ବ୍ୟକ୍ତିବଙ୍କ ସହାୟତାରେ କିଛି ବିରୋଧୀ ଦଳ ବିଶେଷକରି ଡିଏମକେ ପରି ଦକ୍ଷିଣ ଦଳଗୁଡ଼ିକର ସମର୍ଥନ ପାଇପାରିବ। ଏହା ସହିତ, ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନକୁ ଧ୍ୟାନରେ ରଖି, ଏହାକୁ ମଧ୍ୟ ଏକ ରଣନୀତିକ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବରିଷ୍ଠ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ସହିତ ଯୋଗାଯୋଗ କରିଛନ୍ତି ଏବଂ ରାଧାକୃଷ୍ଣନଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ବିଜେପି ସଭାପତି ଜେପି ନଡ୍ଡା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏନଡିଏ ବିରୋଧୀ ଦଳ ସହିତ କଥା ହୋଇ ଏକ ସହମତି ଗଠନ କରିବାକୁ ଚେଷ୍ଟା କରିବ। ଏନଡିଏ ପ୍ରାର୍ଥୀ ଘୋଷଣା ପରେ,ବିରୋଧୀ ଇଣ୍ଡିଆ ମେଣ୍ଟ ଏବେ ଏକଜୁଟ ହୋଇ ଉପରାଷ୍ଟ୍ରପତି ପ୍ରାର୍ଥୀ ଦେବାକୁ ଚେଷ୍ଟା କରୁଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ସମ୍ଭାବ୍ୟ ମିଳିତ ପ୍ରାର୍ଥୀଙ୍କ ନାମ ବିଚାର କରିବା ପାଇଁ 'ଇଣ୍ଡିଆ' ମେଣ୍ଟର ନେତାମାନେ ସୋମବାର ପୂର୍ବାହ୍ନ ୧୦:୧୫ରେ ମଲ୍ଲିକାର୍ଜୁନ ଖଡଗେଙ୍କ କାର୍ଯ୍ୟାଳୟରେ ବୈଠକ ଆରମ୍ଭ କରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଅଗଷ୍ଟ ୭ ତାରିଖରେ ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ତାରିଖ ରହିଛି। ନିର୍ବାଚନ ସେପେଫମ୍ବର ୯ ତାରିଖରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଭାବଶାଳୀ ନିର୍ବାଚନ କଲେଜ ସଂଖ୍ୟା ୭୮୧ ରହିଛି। ଯେଉଁଥିରେ ଶାସକ ଦଳ ୪୨୨ ସଦସ୍ୟଙ୍କ ସମର୍ଥନ ସହିତ ଅଗ୍ରଣୀ ରହିଛି।



ରାଜ୍ୟର ସଫଳତମ ମହିଳା ବ୍ୟାଡମିଣ୍ଟନ ଯୋଡି ତଥା ଦୁଇ ଭଉଣୀ ଋତୁପର୍ଣ୍ଣା ପଣ୍ଡା ଏବଂ ଶ୍ୱେତାପର୍ଣ୍ଣା ପଣ୍ଡା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଫ୍ରାନ୍ସର ପ୍ୟାରିସ୍‌ଠାରେ ଆସନ୍ତା ୨୫ ତାରିଖରୁ ଆୟୋଜିତ ହୋଇଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଖେଳିବାକୁ ଆମନ୍ତ୍ରିତ ହୋଇଥିବା ଏହି ଦୁଇ ଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ଆଶୀର୍ବାଦ କରିବା ସହ ସେମାନଙ୍କର ସଫଳତା କାମନା କରିଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଋତୁପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବେଶ୍ କୃତିତ୍ୱ ହାସଲ କରିଛନ୍ତି । ସମ୍ପ୍ରତି ବିଶ୍ୱ ମାନ୍ୟତାର ୬୮ ତମ ସ୍ଥାନରେ ଏମାନେ ରହିଛନ୍ତି ।

## ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି

# ତୁଷାର, ସନ୍ଦୀପ, ଦେବୀ, ସର୍ବେଶ୍ୱର, ସୁଜିତ, ମନ୍ଦାକିନୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର : ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ଓ ଉତ୍କଳ କରାଟେ ସ୍କୁଲ୍ ମିଳିତ ଆନୁକୂଲ୍ୟରେ ସୋମବାର କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ । ଯୁଗ୍ମସମ୍ପାଦକ ସଂଜୀବ ବିଶ୍ୱାଳ ଡକ୍ଟର ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ କ୍ରୀଡ଼ା ସାମ୍ବାଦିକଙ୍କ ମଧ୍ୟରେ ସୌଖିନ ବନ୍ଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାହୁକୁସ୍ତିରେ ୭୫ କିଲୋଗ୍ରାମରୁ କମ୍ ଓଜନ ବର୍ଗରେ ତୁଷାର ସେନାପତି, ଶକ୍ତି ପ୍ରସାଦ




ନନ୍ଦ, ରଂଜନ ରାୟ ଏବଂ ୭୫ କିଲୋଗ୍ରାମରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସନ୍ଦୀପ ମିଶ୍ର, ଅନାଦି କର, ସଂଜୀବ ବିଶ୍ୱାଳ ପ୍ରଥମରୁ ତୃତୀୟ ସ୍ଥାନରେ ରହି କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ । ସେହିଭଳି ବନ୍ଧୁକଚାଳନାର ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ, ଚକ୍ରଧର ମାଝୀ, ତୁଷାର ସେନାପତି, ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ, ରଂଜନ ରାୟ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ଜିତିଥିଲେ । ଉଭୟ ପ୍ରତିଯୋଗିତାର ମହିଳା ବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ବିବେଚିତ ହୋଇ ଦ୍ୱିମୁକୁଟ ସହ ଯୁଗଳ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ । ପଦକ ବିଜେତାଙ୍କ ବ୍ୟତୀତ ଓସ୍‌ଜା ପକ୍ଷରୁ ବେଣୁଧର ଦାସ, ବିମଳ ରାଉଳ, ମନୋରଂଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଉତ୍କଳ କରାଟେ ସ୍କୁଲ୍‌ର ମୁଖ୍ୟ ଡକ୍ଟର ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ଫଟୋ ସାମ୍ବାଦିକ ପୀୟୁଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖି, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ସଂଚାଳନ କରିଥିଲେ ।

**ଏସିଆ କପ୍ ୨୦୨୫**

# ଭାରତ -ପାକ୍ ମୁକାବିଲା ନେଇ ଅନିଶ୍ଚିତତା

ନୂଆଦିଲ୍ଲୀ: ଆସନ୍ତା ମାସରୁ ଏସିଆ କପ୍ ୨୦୨୫ ଆରମ୍ଭ ହେବାକୁ ଯାଉଛି । ଟୁର୍ଣ୍ଣାମେଣ୍ଟ ପାଖେଇ ଆସୁଥିବାରୁ ସମସ୍ତଙ୍କ ମନରେ କେବଳ ଗୋଟିଏ ପ୍ରଶ୍ନ ଉଠୁଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ହେବ କି ନାହିଁ । ଟୁର୍ଣ୍ଣାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ, ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ତିନିଥର ମୁହାଁମୁହିଁ ହୋଇପାରନ୍ତି । ଏହି ଚର୍ଚ୍ଚା ମଧ୍ୟରେ ପ୍ରଶଂସକମାନେ ଜାଣିବାକୁ ଚାହାଁନ୍ତି ଯେ ଭାରତ, ପାକିସ୍ତାନ ବିପକ୍ଷରେ ଖେଳିବ କି ନାହିଁ । ବିଶେଷକରି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ରହିଛି । ଏହି ଆକ୍ରମଣର ଜବାବରେ ଭାରତ ସରକାର ପାକିସ୍ତାନ ବିରୋଧରେ ଦୃଢ଼ କୂଟନୈତିକ ପଦକ୍ଷେପ ନେଇ 'ଅପରେସନ୍ ସିନ୍ଦୁର' ନାମକ ଏକ ସେନା ଅଭିଯାନ ଆରମ୍ଭ କରିଥିଲା । ଆକ୍ରମଣ କରି ଭାରତ ପାକିସ୍ତାନକୁ ଉଚି ଜବାବ ଦେବା ପରେ ପାକିସ୍ତାନ ଭାରତ



ଆସି ଖେଳିବ ନାହିଁ ବୋଲି ମନା କରିଦେଇଥିଲା । ଏଭଳି ବିବାଦ ମଧ୍ୟରେ ଚାମ୍ପିଅନସିପରେ ଦୁଇ ଦଳ ଭେଟିବେ କି ନାହିଁ ତାହା ସ୍ଥିର ହୋଇନାହିଁ । ଏମଧ୍ୟରେ କ୍ରିକେଟରରୁ ରାଜନେତା ପାଲଟିଥିବା କେଦାର ଯାଦବ କହିଛନ୍ତି ଯେ, ଭାରତ ସେପ୍ଟେମ୍ବର ୧୪ରେ ପାକିସ୍ତାନ ବିପକ୍ଷରେ ଖେଳିବ ନାହିଁ । ସେ କହିଛନ୍ତି ଯେ, ମୁଁ ଭାବୁଛି ଭାରତୀୟ ଦଳ ଆଦୌ ଖେଳିବା ଉଚିତ ନୁହେଁ । ଭାବୁଛି ଭାରତ ଯେଉଁଠାରେ ବି ଖେଳିଲେ, ସେ ସର୍ବଦା ଜିତିବ । କିନ୍ତୁ ଏହି ମ୍ୟାଚ୍ ଆଦୌ ଖେଳାଯିବା ଉଚିତ ନୁହେଁ । ମୁଁ ଆତ୍ମବିଶ୍ୱାସର ସହିତ କହିପାରିବି ଯେ ଭାରତ, ପାକିସ୍ତାନ ସହ ଖେଳିବ ନାହିଁ ।

## ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ

### ଓଡିଶା ଦଳରେ ଭଦ୍ରକ ଜିଲ୍ଲାରୁ ହରିଶଙ୍କର

ଭଦ୍ରକ,(ସବ୍ୟୁ): ତାମିଲନାଡୁର ଚେନ୍ନାଇ ଷ୍ଟାଡ଼ିୟମ୍‌ରେ ଆରମ୍ଭ ହେବାକୁ ଯାଉଥିବା ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ହରିଶଙ୍କର ପାଣିଗ୍ରାହୀ ସ୍ଥାନ ପାଇଛନ୍ତି । ଏହି ପ୍ରତିଯୋଗିତା ୨୦ଅଗଷ୍ଟରୁ ଆରମ୍ଭ ହୋଇ ୨୪ଅଗଷ୍ଟ ୨୦୨୫ରେ ସମାପ୍ତ ହେବ । ହରିଶଙ୍କର ପାଣିଗ୍ରାହି ୪ /୪୦୦ ମିଟର୍ ରିଲେ ଇଭେଣ୍ଟରେ ସ୍ଥାନ ପାଇଛନ୍ତି । ସେ ବିଏନ୍‌ଏମ୍‌ଏ କଲେଜ ପାଳିଆବିନ୍ଧାରେ ୩ ତୃତୀୟ ବର୍ଷ ବାଣିଜ୍ୟରେ ଅଧ୍ୟୟନ କରୁଥିବାବେଳେ ଜଗନ୍ନାଥପୁର ସ୍ଥିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ । ସେ ୨ବର୍ଷ ହେଲା ବିଶ୍ୱବିଦ୍ୟାଳୟ ସ୍ତରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି । ହରିଶଙ୍କର ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା ସମ୍ବଲପୁର ସ୍ଥିତ ବିର୍ଶା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ସିନ୍ଥେଟିକ ଟ୍ରାକରେ କୋଚ୍ ଶିବପ୍ରସାଦ ମିଶ୍ରଙ୍କ ତ%୦ବଧାନରେ ଅଭ୍ୟାସ ଜାରି ରଖିଛନ୍ତି । ତାଙ୍କ ପିତାଙ୍କ ନାମ ରାମପ୍ରସାଦ ପାଣିଗ୍ରାହି ଓ ମାତାଙ୍କ ନାମ ସୀତାଦେବୀ ପାଣିଗ୍ରାହି । ଘର ପିରାହାଟ ସ୍ଥିତ ପୁରୁଣା ବଜାର ଗ୍ରାମରେ । ହରିଶଙ୍କର ଭଦ୍ରକ ଜିଲ୍ଲାରେ ପ୍ରଥମ ଥର ପାଇଁ ସିନିଅର୍ ଆଥଲେଟିକ୍ ପ୍ରତିଯୋଗିତାରେ ସ୍ଥାନ ପାଇଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏଥିପାଇଁ ଭଦ୍ରକ ଜିଲ୍ଲା ଆଥ୍ଲେଟିକ ସଂଘର ସଂପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀର ପ୍ରତିଷ୍ଠାତା ତଥା କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁ,କ୍ରିଡ଼ା ଶିକ୍ଷକ ରବି ନାରାୟଣ ଓଝା ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରନ୍ତୁ ବୋଲି ଶୁଭକାମନା କରିଛନ୍ତି ।

## ବ୍ୟାଡମିଣ୍ଟନରେ ଶୀର୍ଷରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ

# ଅରିଜିତ, ରିଦ୍ଧିମା ଓ ଶ୍ରେୟାଙ୍କୁ ସ୍ୱର୍ଣ୍ଣ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ କ୍ରୀଡ଼ାରେ ନିଜର ଅଭୂତପୂର୍ବ କ୍ରୀଡ଼ା ଦକ୍ଷତା ଦ୍ୱାରା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । କଟକ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଅଗଷ୍ଟ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଖ୍ରୀଷ୍ଟ ମହାବିଦ୍ୟାଳୟ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍-ଡୋର୍ ଷ୍ଟାଡିୟମରେ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍-୨୦୨୫ରେ ବିଶ୍ୱବିଦ୍ୟାଳୟର ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣପଦକ ଜିତିଛନ୍ତି । ବିଶ୍ୱବିଦ୍ୟାଳୟର ପ୍ରତିଭାବାନ୍ ଖେଳାଳି ଅରିଜିତ ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ଓମକାର ପଟେଲଙ୍କ ସହ ମିଶି ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି । ଖାଲି ସେତିକି ନୁହେଁ, ମହିଳା ଡବଲ୍ସରେ ମଧ୍ୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ମିସ୍ ରିଦ୍ଧିମା ବନୱାଲେ ଓମିସ୍ ଶ୍ରେୟା ପଟେଲ ସ୍ୱର୍ଣ୍ଣପଦକ ଜିତି ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଏହି ବିଜୟ ସହ ବିଶ୍ୱବିଦ୍ୟାଳୟର ତିନିଜଣ




ଖେଳାଳି ବର୍ତ୍ତମାନ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚ୍ୟାମ୍ପିୟନସିପରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ ଶର୍ମା, ଛାତ୍ରକଲ୍ୟାଣ ବିଭାଗର ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ, ଡେପୁଟି ଡାଇରେକଟର (ଆଡମିଶନ୍) ଡ. ମଳୟ ମଲ୍ଲ ଏବଂ ଡେପୁଟି ଡାଇରେକଟର (ମାନବସମ୍ବଳ) ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ବିଜୟୀ ଖେଳାଳିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏହି ସଫଳତା ବଜାୟ ରଖିବ ବୋଲି ଆଶା ପ୍ରକଟ କରିଛନ୍ତି । ଏହି ସଫଳତା ପ୍ରମାଣିତ କରିଛି ଯେ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଜଗତରେ ନିଜର ଏକ ଶକ୍ତିଶାଳୀ ପରିଚୟ ସୃଷ୍ଟି କରିପାରିଛି ।

# ରାହୁଲ, ଆୟର୍ ଦଳରେ ସ୍ଥାନ ପାଇବେ କି ?

ମୁମ୍ବାଇ : ସେପେଟମ୍ବର ୯ ରୁ ୟୁଏଇରେ ଖେଳାଯିବ ଏସିଆ କପ୍ । ପ୍ରତିଯୋଗିତା ଲାଗି ଭାରତୀୟ ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନି । ବିସିସିଆଇ ଭାରତୀୟ ଦଳ ଘୋଷଣା ଚଳିତ ମାସ ୨୦ରେ କରିବାର ସମ୍ଭାବନା ରହିଛି । ତେବେ ଦଳରେ କିଏ ସ୍ଥାନ ପାଇବ କି ନାହିଁ ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଗଲାଣି । ଆଇପିଏଲ୍ ପରେ ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିବା କେଏଲ୍ ରାହୁଲ ଦଳରେ ସ୍ଥାନ ପାଇବା ଦେଉ଼ରେ ଆଗରେ ରହିଛନ୍ତି । ହେଲେ ତାଙ୍କ ପାଇଁ ଏହା ସହଜ ହେବନି ବୋଲି ନିଜୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି ପୂର୍ବତନ ଭାରତୀୟ ଓପନର୍ ଆକାଶ ଚୋପ୍ରା । ସେ ପୁଣି କହିଛନ୍ତି, ଏହି ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ଶ୍ରେୟସ ଆୟର ଦଳରେ ସ୍ଥାନ ପାଇବେ ହେଲେ ଚୂଡ଼ାନ୍ତ ଏକାଦଶ ଲାଗି ତାଙ୍କୁ ସଂଘର୍ଷ କରିବାକୁ ପଡ଼ିବ । ରାହୁଲ ଆଇପିଏଲରେ ଭଲ ରନ୍ କରିଛନ୍ତି । ହେଲେ ତାଙ୍କ ଷ୍ଟ୍ରାଇକ୍ରେଟ୍ ନେଇ ପ୍ରଶ୍ନବାଚୀ ରହିଛି । ସେ କେତେବେଳେ ସକାରାତ୍ମକ ମାନସିକତାରେ ଖେଳନ୍ତି ତ କେତେବେଳେ ମୁକ୍ତ ଭାବେ ଖେଳନ୍ତି । ବେଳେବେଳେ ନିଜ ଚିନ୍ତାଧାରାରେ ସୀମିତ ହୋଇ ଶୀଘ୍ର ସ୍କୋର୍ କରିବାରେ ବିଫଳ ହୁଅନ୍ତି । ମୁଁ ଭାବୁଛି ତାଙ୍କ ନିକଟରେ ଖେଳ ଅଛି, ଟ୍ୱେଣ୍ଟି-୨୦ରେ ସଫଳ ହୋଇପାରିବେଛ । ହେଲେ ତାଙ୍କ ବାଟ ଓଗାଳୁଛନ୍ତି ଅଭିଷେକ ଶର୍ମା, ସଂଜୁ ସାମ୍ସନ୍, ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍‌ଙ୍କ ଭଳି ଯୁବ ଓପନର୍ । ରାହୁଲ ବ୍ୟାଟିଂ କ୍ରମରେ ତଳକୁ ଖସିଲେ ଏହା ତାଙ୍କ ପାଇଁ ଠିକ୍ ରହିବ । ଏହି କ୍ରମରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଆଇପିଏଲ୍‌ରେ ସଫଳ ଥିବା ଜିତେଶ ଶର୍ମା, ସଂଜୁ ସାମ୍ସନ୍ ଓ ଧ୍ରୁବ ଜୁରେଲ । ୱିକେଟ କିପର ଭାବେ ତାଙ୍କର ଆବଶ୍ୟକତା ବି ଦଳକୁ ଲୋଡ଼ା ନାହିଁ । ତେଣୁ ତାଙ୍କ ପାଇଁ ସହଜ ହେବନି । ଏସିଆ କପ୍‌ରେ ଶ୍ରେୟସ ଆୟରଙ୍କୁ ସ୍ଥାନ ମିଳିବାର ସମ୍ଭାବନା ରହିବ । ତାଙ୍କ ବ୍ୟାଟିଂକୁ ନେଇ କେହି ପ୍ରଶ୍ନ କରିପାରିବେନି । ତାଙ୍କ ପାଖରେ ଚମତ୍କାର ପ୍ରତିଭା ଭରି ରହିଛି ।

# ଦୁଃଖରେ ମଧ୍ୟ ଭାଙ୍ଗି ନଥିଲେ କିଙ୍ଗ୍ କୋହଲି, କରିଚାଲିଲେ ରେକର୍ଡ

ନୂଆଦିଲ୍ଲୀ: ପ୍ରତ୍ୟେକ ଦିନର କେଣସି ଇତିହାସ ରହିଥାଏଛ ସେହି ଇତିହାସ ବିଭିନ୍ନ ଘଟଣାକ୍ରମ ସହିତ ଜଡ଼ିତ । କଳା ହେଉ ବା ସଂସ୍କୃତି, ରାଜନୀତି ହେବ କି ଆଉ କିଛି । ଏହି କ୍ରମରେ ଆଜିର ଦିନ ସହିତ ଭାରତୀୟ କ୍ରିକେଟ୍ର ବିରାଟ କୋହଲିଙ୍କ ଜୀବନ କିପରି ଜଡ଼ିତ ସେନେଇ ଜାଣିବା । ବିରାଟ କୋହଲି ଆଜକୁ ୧୭ ବର୍ଷ ତଳେ ଆଜିର ଦିନରେ ଯେତେବେଳେ ଭାରତୀୟ କ୍ରିକେଟ୍ରେ ଯୋଗ ଦେଇଥିଲେ, ସେହି ସମୟରେ କେହି ଭାବି ନଥିବେ ଯେ, ଏହି ଯୁବ ଖେଳାଳି ଦିନ ସମଗ୍ର ବିଶ୍ୱରେ ରାଜ୍ କରିବ । ବିରାଟ କୋହଲି ଏଭଳି ଖେଳାଳି ହୋଇପାରିଛନ୍ତି, ତାଙ୍କର ବିଧ୍ୱଂସ ବ୍ୟାଟିଂକୁ ବିଶ୍ୱର ମହାନ୍ କ୍ରିକେଟ୍ର ସଲାମ କରିଥାନ୍ତି । ସେ ଯେତେବେଳେ ପଡ଼ିଆରେ ଥାଆନ୍ତି, ତାଙ୍କର ଶରୀରରେ ଏକ ଭିନ୍ନ ପ୍ରକାରର ଶକ୍ତି ପରିଲକ୍ଷିତ ହୋଇଥାଏ । ୧୮ ନମ୍ବର ଜର୍ସି ପିନ୍ଧୁଥିବା ଦିଲ୍ଲୀର ଏହି ତାରକା ଖେଳାଳି, ଯିଏ କି ୧୯ ବର୍ଷରୁ କମ ବିଶ୍ୱକପ୍ ଜିତି ଆସିଥିଲେ, ସେ ଶ୍ରୀଲଙ୍କା ବିପକ୍ଷରେ ପଦାର୍ପଣ କରିଥିଲେ । ଏହି ମ୍ୟାଚରେ ସେ ନିଜକୁ ପ୍ରମାଣିତ କରିଦେଇଥିଲେ ଯେ, ଆଉ ପଛକୁ ଚାହିଁବେ ନାହିଁ । ପରବର୍ତ୍ତୀ ସମୟରେ କୋହଲି ନିଜକୁ "କିଙ୍ଗ୍ କୋହଲି' ନାମରେ ପରିଚିତ କରିପାରିଥିଲେ । ବିରାଟ କୋହଲି ୧୭ ବର୍ଷ ପୂର୍ବରୁ ୨୦୦୮ ମସିହାରେ ଆଜିର ଦିନର ଅନ୍ତର୍ଜାତୀୟ କ୍ରିକେଟ୍ରେ ପଦାର୍ପଣ କରିଥିଲେ । ବିରାଟ କୋହଲି ଉଭୟ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ସନ୍ୟାସ ନେଇସାରିଛନ୍ତି । ଦିନିକିଆ କ୍ରିକେଟ୍ ଜାରି ରଖିଛନ୍ତି । ସେ ଦିନିକିଆ ଫର୍ମାଟରେ ପଦାର୍ପଣ କରିଥିଲେ ଏବଂ ଏହି ଫର୍ମାଟରେ କ୍ରିକେଟକୁ ପୂରା ଅଲବିଦା କହିପାରନ୍ତି । ବିରାଟ କୋହଲି ଯେତେବେଳେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ରଖିଲେ, ସେହି ସମୟରେ ଭାରତୀୟ କ୍ରିକେଟରେ ଅଧିନାୟକ ଥିଲେ ମହେନ୍ଦ୍ର ସିଂହ ଧୋନି । ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଗେତମ ଗମ୍ଭୀରଙ୍କ ସହିତ ବିରାଟ କୋହଲି ଇନିଂସ ଆରମ୍ଭ କରିଥିଲେ । ଏହି ମ୍ୟାଚରେ କୋହଲି ଅର୍ଦ୍ଧଶତକ ହାସଲ କରିଥିଲେ । ୨୦୦୯ରେ କୋଲକାତାରେ କୋହଲି ନିଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ବିରାଟ କୋହଲିଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର କଥା ଯଦି ଭାବିବା, ସେ ମୋଟ ୨୭, ୫୯୯ ରନ୍ ସଂଗ୍ରହ କରିଛନ୍ତି । ଏପର୍ଯ୍ୟନ୍ତ ୫୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୮୨ଟି ଶତକ, ୧୪୩ଟି ଅର୍ଦ୍ଧଶତକ ମାରିଛନ୍ତି । କୋହଲି ଦିନିକିଆ କ୍ରିକେଟ୍ ଜାରି ରଖିଛନ୍ତି । ସେ ୩୦୨ଟି ଦିନିକିଆ ଖେଳି ୧୫,୧୮୧ ରନ୍ ସଂଗ୍ରହ କରିଛନ୍ତି । ଏତଦ୍ ବ୍ୟତୀତ କୋହଲି ଆଇପିଏଲରେ ୮୬୬୧ ରନ୍ ସଂଗ୍ରହ କରିଛନ୍ତି ।

# ଏସିଆ କପ୍ : ୧୦ସେକେଣ୍ଡର ବିଜ୍ଞାପନ ପାଇଁ ୧୬ଲକ୍ଷ ନେବେ ପ୍ରସାରଣକାରୀ

ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ରେ ମୁହାଁମୁହିଁ ହେବେ ଭାରତ ଏବଂ ପାକିସ୍ତାନ । ସେପ୍ଟେମ୍ବର ୧୪ରେ ଏହି ଦୁଇ ଦେଶ ମଧ୍ୟରେ ହେବ ମହା ମୁକାବିଲା । ଦୁଇ ଦେଶ ମଧ୍ୟରେ ଥିବା ଅଶାନ୍ତିକୁ ଦେଖି ଉଭୟ ଦେଶ ଏବେ କେବଳ ଏସିଆ କପ୍ କିମ୍ବା ଆଇସିସି ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହେବେ । ତେଣୁ ପ୍ରଶଂସକମାନେ ଏହି ମ୍ୟାଚ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଯଦି ସବୁକିଛି ଠିକ୍ ରହେ, ତେବେ ଉଭୟ ଦେଶ ସମ୍ଭବତଃ ସେପ୍ଟେମ୍ବର ୨୧ରେ ମଧ୍ୟ ଦୁବାଇରେ ଦ୍ୱିତୀୟ ଥର ପାଇଁ ଖେଳିପାରନ୍ତି । ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ସେପ୍ଟେମ୍ବର ୨୯ରେ ଦୁବାଇରେ ଅନୁଷ୍ଠିତ ହେବ । ପ୍ରଶଂସକମାନେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଅପେକ୍ଷା କରିଥିବା ବେଳେ ଏହି ମ୍ୟାଚ୍ ପ୍ରସାରଣକାରୀଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । କାରଣ ମ୍ୟାଚକୁ ନେଇ ଦେଶ-ବିଦେଶରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଅଧିକ ଉତ୍ସାହ ଥିବାରୁ ଏହାର ଲାଭ ଉଠାଇ ପ୍ରସାରଣକାରୀ ବିଜ୍ଞାପନରୁ କୋଟି କୋଟି ଟଙ୍କା ରୋଜଗାର କରିବାର ଆଶା ରଖିଛନ୍ତି । ଏଥର ଏସିଆ କପ୍‌ରେ ପ୍ରସାରଣ ଅଧିକାର ସୋନି ସ୍ପୋର୍ଟସ୍ ପାଖରେ ଅଛି ଏବଂ ସେମାନେ ଭାରତର ମ୍ୟାଚ୍ ପାଇଁ ବିଜ୍ଞାପନ ମୂଲ୍ୟ ପ୍ରକାଶ କରିଛନ୍ତି । ଏହା




ଅନୁସାରେ ସେମାନେ ୧୦ସେକେଣ୍ଡ ପାଇଁ ୧୪ରୁ ୧୬ଲକ୍ଷ ଟଙ୍କା ଆଦାୟ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୋନି ପିକଚର୍ସ ନେଟୱାର୍କସ୍ ଇଣ୍ଡିଆ (ଏସପିଏନଆଇ) ଦ୍ୱାରା ବିଜ୍ଞାପନଦାତାମାନଙ୍କୁ ଜାରି କରାଯାଇଥିବା ବିଜ୍ଞାପନ ରେଟ୍ କାର୍ଡ ଅନୁସାରେ, ଭାରତର ଆଗାମୀ ଏସିଆ କପ୍ ମ୍ୟାଚ୍ ପାଇଁ ୧୦-ସେକେଣ୍ଡ ବିଜ୍ଞାପନ ସ୍ଲଟର ମୂଲ୍ୟ ୧୪-୧୬ଲକ୍ଷ ଟଙ୍କା ରଖାଯାଇଛି । ଏସପିଏନଆଇ ୨୦୩୧ ପର୍ଯ୍ୟନ୍ତ ଏସିଆ କପର ମିଡିଆ ରାଇଟ୍ସ ୧୭୦ ନିୟୁତ ଡଲାରରେ ହାସଲ କରିଛି । ଟିଭି ପାଇଁ, ଏସପିଏନଆଇ ସହ-ଉପସ୍ଥାପନା ପ୍ରାୟୋଜକର ମୂଲ୍ୟ ୧୮କୋଟି ଟଙ୍କା ରଖିଛି । ଏହା ସହ ସହଯୋଗୀ-ପ୍ରାୟୋଜକର ମୂଲ୍ୟ ୧୩କୋଟି ଟଙ୍କା ରଖାଯାଇଛି । ସମସ୍ତ ଭାରତୀୟ ଏବଂ ଅନ୍ୟାନ୍ୟ ଦଳର ମ୍ୟାଚ୍ ପାଇଁ ୧୦-ସେକେଣ୍ଡ ବିଜ୍ଞାପନର ମୂଲ୍ୟ ୧୬ଲକ୍ଷ ଟଙ୍କା ସ୍ଥିର କରାଯାଇଛି । କମ୍ପାନି ପ୍ରତି ମ୍ୟାଚ୍ ପିଛା ୪.୪୮ କୋଟି ରୋଜଗାର କରିବ ବୋଲି ଆଶା କରୁଛି ।

# ପୂର୍ବାଞ୍ଚଳ ଦଳିପ ଟ୍ରଫି ଦଳରେ ସାମିଲ ହେଲେ ଆଶୀର୍ବାଦ

କଟକ : ଦଲୀପ ଟ୍ରଫି ଅନ୍ତଃଜୋନ୍ ପ୍ରଥମ ଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କୁ ସାମିଲ କରାଯାଇଛି । ଈଶାନ କିଶନ ଆହତ ହୋଇପଡ଼ିବାରୁ ତାଙ୍କ ସ୍ଥାନରେ ଆଶୀର୍ବାଦଙ୍କୁ ସୁଯୋଗ ମିଳିଛି । ପୂର୍ବରୁ ଓଡ଼ିଶାରୁ ସନ୍ଦୀପ ପଟ୍ଟନାୟକ ଏହି ଦଳରେ ସ୍ଥାନ ପାଇଥିବା ବେଳେ ଅନ୍ୟତମ ଯୁବ ଖେଳାଳି ସ୍ୱସ୍ତିକ ସାମଲ ଷ୍ଟାଣ୍ଡ ବାଏରେ ରହିଛନ୍ତି । ଦଳିପ ଟ୍ରଫିରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବେଙ୍ଗାଲୁରରେ ପୂର୍ବାଞ୍ଚଳ



ଦଳ ଉତ୍ତରାଞ୍ଚଳ ବିପକ୍ଷରେ ଖେଳିବ । ଆଶୀର୍ବାଦଙ୍କୁ ଏହି ସୁଯୋଗ ମିଳିବା ପରେ ତାଙ୍କୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସଂପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି